
ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-16 ◆THURSDAY ◆10 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬ ◆ଗୁରୁବାର ◆୧୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ୱିମ୍ବଲଡନ୍ ସେମିରେ ସ୍ୱିଆଟେକ୍

▶ପୃଷ୍ଠା ୧୨ ଦେଖନ୍ତୁ...

## ପୋଲ ଭୁଶୁଡ଼ିଲା; ନଦୀକୁ ଖସିଲା ଗାଡ଼ି

# ୧୩ ମୃତ; ୮ ଉଦ୍ଧାର



**■ ଭଦୋଦରା, ୯।୭ (ଏଜେନ୍ସି):** ଗୁଜରାଟର ଭଦୋଦରାରେ ଆଜି ମହିସାଗର ନଦୀ ଉପରେ ନିର୍ମିତ ପୋଲ ଅଚାନକ ଭୁଶୁଡ଼ିପଡ଼ିବାରୁ ୧୩ ଜଣ ପ୍ରାଣ ହରାଇଛନ୍ତି। ପୋଲ ଭୁଶୁଡ଼ିବା ସମୟରେ ଏହା ଉପରେ ଯାଉଥିବା ଦୁଇଟି ଟ୍ରକ, ୨ଟି କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ୮ ଜଣଙ୍କୁ ଉଦ୍ଧାର କରିଛନ୍ତି। ଏକ ତେଲ ଟ୍ୟାଙ୍କର୍ ବ୍ରିଜ୍ ଉପରେ ଝୁଲି ରହିଥିବା ବେଳେ ଆଉ କିଛି ଗାଡ଼ି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ସମୟରେ କେତେ ଗାଡ଼ି ପୋଲ ଉପରେ ଯାଉଥିଲା, ତାହା ସ୍ପଷ୍ଟ ହୋଇନାହିଁ। ତେବେ କିଛି ଲୋକ ନିଖୋଜ ଥିବା କୁହାଯାଉଛି। ▶ପୃଷ୍ଠା-୭

## ଉଦ୍‌ଘାଟନ ପୂର୍ବରୁ ଧୋଇଗଲା ରାଜପଥ



**■ ଜୟପୁର, ୯।୭ (ଏଜେନ୍ସି):** ରାଜସ୍ଥାନ ଝୁନଝୁନ୍ ଜିଲ୍ଲାରୁ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଉନ୍ନତ ମାନର ରାସ୍ତା ନିର୍ମାଣ ନେଇ ସରକାର ଦାବି କରୁଥିବା ବେଳେ ଉଦ୍‌ଘାଟନ ପୂର୍ବରୁ ଏକ ରାଜ୍ୟ ରାଜପଥ ବର୍ଷାରେ ଧୋଇ ହୋଇଯାଇଛି। ମାତ୍ର ୬ ମାସ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଜାତୀୟ ରାଜପଥ ୫୨କୁ ବାଘୁଲି ଏବଂ ଜାହାଜ ଗ୍ରାମ ସହ ଯୋଡ଼ିବା ପାଇଁ ଏହା ନିର୍ମାଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ କିଛି ଦିନ ହେଲା ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ▶ପୃଷ୍ଠା-୭

# ଖସିପଡ଼ିଲା ଯୁଦ୍ଧ ବିମାନ

ଦୁଇ ପାଇଲଟ୍ ମୃତ



**■ ନୂଆଦିଲ୍ଲୀ, ୯।୭ (ଏଜେନ୍ସି):** ରାଜସ୍ଥାନର ଚୁରୁରେ ଭାରତୀୟ ବାୟୁସେନାର ଆଉ ଏକ ଲଢୁଆ ବିମାନ ଜାଗୁଆର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟ୍ ଓ କୋ- ପାଇଲଟ୍‌ଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ସ୍ଥଳରେ ବିମାନର ଛୋଟ ଛୋଟ ଅଂଶ ବିଛାଡି ହୋଇ ପଡ଼ିଛି। ଏହି ଦୁର୍ଘଟଣା ବୁଧବାର ଅପରାହ୍ଣ ୧୨.୪୦ ମିନିଟ୍‌ରେ ଘଟିଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଭାରତୀୟ ବାୟୁସେନା କୋର୍ଟ ଅଫ୍ ଇନ୍‌କ୍ୱାରି ଗଠନ କରିଛି। ଚୁରୁ ଜିଲ୍ଲାର ରାଜଲଦେସର ଅଞ୍ଚଳର ଭାଣୁଦା ଗାଁରେ ଏହି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଏସ୍‌ପି ଜୟ ଯାଦବ କହିଛନ୍ତି।

ଦୁର୍ଘଟଣାସ୍ଥଳରେ ପାଇଲଟ୍ ଓ କୋ- ପାଇଲଟ୍‌ଙ୍କ ଶବ କ୍ଷତବିକ୍ଷତ ହୋଇ ପଡ଼ିଛି। ବୈଷୟିକ ତ୍ରୁଟି କାରଣରୁ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ପାଇଲଟ୍ ତ୍ରୁଟିକୁ ସୁଧାରିବାରେ ବିଫଳ ହୋଇଥିଲେ ବୋଲି ଅନୁମାନ କରାଯାଉଛି। ଏହି ଜାଗୁଆର ଜେଟ୍ ଶ୍ରୀଗଙ୍ଗାନଗର ନିକଟସ୍ଥ ସୁରତଗଡ଼ ଏୟାରବେସ୍‌ରୁ ଉଡ଼ାଣ ଭରିଥିଲା। ଏହି ଜେଟ୍‌ରେ ଦୁଇଜଣ ହିଁ ବସିବାର ସୁବିଧା ଥିଲା। ଟ୍ରେନିଂ ପାଇଁ ଏହି ଜେଟ୍‌ର ବ୍ୟବହାର ହୋଇଥାଏ। ଯାଞ୍ଚ ସଂପୂର୍ଣ୍ଣ ହେବା ପରେ ଦୁର୍ଘଟଣାର କାରଣ ସମ୍ପର୍କରେ କିଛି କହିହେବ ବୋଲି ଅଧିକାରୀମାନେ କହିଛନ୍ତି। ଦୁର୍ଘଟଣାସ୍ଥଳରେ ବାୟୁସେନାର ହେଲିକପ୍ଟର ପହଞ୍ଚିଛି। ଦୁର୍ଘଟଣାରେ କୌଣସି ସାଧରଣ ଲୋକଙ୍କର ଧନଜୀବନ କ୍ଷତି ହୋଇନାହିଁ। ଉଲ୍ଲେଖଥାଉ କି ଗତ ୫ ମାସ ମଧ୍ୟରେ ଦେଶରେ ୩ଟି ଜାଗୁଆର ବିମାନ ଦୁର୍ଘଟଣାରେ ଧ୍ୱଂସ ପାଇଛି।

## ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା

# ପରିବହନ ବନ୍ଦ; ଟାଙ୍କି ଖାଲି

### ପରିବହନ କ୍ଷେତ୍ରରେ ସାଂଘାତିକ ଅବସ୍ଥା

### ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ

**■ ଭୁବନେଶ୍ୱର, ୯।୭ (ସମିସ):** ସାତ ଦଫା ଦାବି ।।ରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରାଜ୍ୟର ଡ୍ରାଇଭର ସଂଘ। ଆନ୍ଦୋଳନର ଦ୍ୱିତୀୟ ଦିନରେ ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବା ସହ ପେଟ୍ରୋଲିୟମ ସାମଗ୍ରୀକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ପେଟ୍ରୋଲ ଟାଙ୍କିଗୁଡ଼ିକରେ ଗଚ୍ଛିତ ତେଲ ପ୍ରାୟ ଶେଷ ହୋଇ ଯାଇଛି ଓ ଗାଡ଼ି ଚଳାଚଳ ବନ୍ଦ ଯୋଗୁ ରାଜ୍ୟର ୪ଟି ସ୍ଥାନରେ ଥିବା ପେଟ୍ରୋଲିୟମ ଡିପୋରୁ ତେଲ ପରିବହନ ହୋଇ ପାରୁନାହିଁ। ଫଳରେ ଆସନ୍ତାକାଲିଠାରୁ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ଆନ୍ଦୋଳନକାରୀ ଡ୍ରାଇଭର ସଂଘ ବିଭିନ୍ନ ସ୍ଥାନରେ ପିକେଟିଂ କରି ଗାଡି ଚଳାଚଳ ବନ୍ଦ କରୁଥିବାରୁ ତୈଳ ଟ୍ୟାଙ୍କର ପରିବହନ ବାଧାପ୍ରାପ୍ତ ହୋଇଛି । ଜଟଣୀ, ପାରାଦୀପ, ବାଲେଶ୍ୱର, ଝାରସୁଗୁଡା ଭଳି ରାଜ୍ୟର ୪ ବଡ଼ ଡିପୋରୁ ତେଲ ପରିବହନ ବନ୍ଦ ହୋଇଯାଇଛି । ଇତିମଧ୍ୟରେ ଅଧିକାଂଶ ପେଟ୍ରୋଲ ପମ୍ପଗୁଡ଼ିକରେ ଗଚ୍ଛିତ ତେଲ ଶେଷ ହୋଇଯାଇଛି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ପେଟ୍ରୋଲ ଟାଙ୍କିଗୁଡ଼ିକରେ ତେଲ ଭର୍ତ୍ତି କରିବାକୁ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଲାଗିଛି। ଫଳରେ ଯାହା କିଛି ତେଲ ରହିଛି, ତାହା ଗୁରୁବାର ସକାଳୁ ପ୍ରାୟ ଶେଷ ହୋଇ ହୋଇଯାଇପାରେ ବୋଲି କୁହାଯାଉଛି । ରାଜ୍ୟରେ ପ୍ରତିଦିନ ପ୍ରାୟ ୩୬ ଲକ୍ଷ ▶ପୃଷ୍ଠା-୭



## ଡ୍ରାଇଭର ମହାସଂଘ ଅଟଳ

### ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏଁ ଆନ୍ଦୋଳନ

**■ ଭୁବନେଶ୍ୱର, ୯।୭ (ସମିସ):** ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସାରା ରାଜ୍ୟରେ ସୃଷ୍ଟି କରିଛି ଅଚଳାବସ୍ଥା। କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଯାନବାହନକୁ ଛାଡ଼ି ଦେଲେ ବାକି ସବୁ ସ୍ଥାନରେ ଗାଡ଼ି ମୋଟର ଠପ୍ ହୋଇଯାଇଛି। ଯାତ୍ରୀ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ବେଳେ ବିଭିନ୍ନ ସାମଗ୍ରୀର ଦରଦାମ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ମଙ୍ଗଳବାର ରାତିରେ ଡ୍ରାଇଭର ମହାସଂଘ ସହିତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଆଲୋଚନା ବିଫଳ ହୋଇଛି। ଲିଖିତ ବା ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ନ ମିଳିବା ଯାଏ ଡ୍ରାଇଭରମାନେ ଆନ୍ଦୋଳନରୁ ଓହ୍ଲାଇବେ ନାହିଁ ବୋଲି ସଂଘ ରୋକଠୋକ୍ ଘୋଷଣା କରିଛି। ମଙ୍ଗଳବାର ରାତିରେ ଡ୍ରାଇଭର ▶ପୃଷ୍ଠା-୭

## ଓଡ଼ିଶାରେ 'ଭାରତ ବନ୍ଦ'

### ବନ୍ଦ ସଫଳ ହୋଇଛି: ଏଆଇଟିୟୁସି

### ସମର୍ଥନ ଦେଲା ବିଜୁ ଶ୍ରମିକ ସାମୁଖ୍ୟ

**■ ଭୁବନେଶ୍ୱର, ୯।୭ (ସମିସ):** ଏଆଇଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଆହୂତ ଭାରତ ବନ୍ଦର ପ୍ରଭାବ ରାଜ୍ୟରେ ଆଂଶିକ ଭାବେ ପରିଲକ୍ଷିତ ହୋଇଛି। ବୁଧବାର ସକାଳୁ ଟ୍ରେଡ ୟୁନିୟନରର ସଦସ୍ୟ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ରାଜ୍ୟର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ବିକ୍ଷୋଭ କରିଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା, ରେଳରୋକ ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ତେବେ ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ବେଳେ ଧର୍ମଘଟ ସଫଳ ହୋଇଥିବା ନେଇ ଏଆଇଟିୟୁସି ପକ୍ଷରୁ ଦାବି କରାଯାଇଛି।

ବୁଧବାର ସକାଳୁ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଓଡ଼ିଶାର ୩୦ଟି ଜିଲ୍ଲାରେ ସିପିଆଇ(ଏମ), ବାମପନ୍ଥୀ ଦଳ, ଶ୍ରମିକଙ୍କ ସମେତ ବିଭିନ୍ନ ▶ପୃଷ୍ଠା-୭

## ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ଆଜି

# ଓଡ଼ିଶାର ଦାବି ଉପରେ ନଜର

### କମୁଛି କେନ୍ଦ୍ରୀୟ ଅନୁଦାନ, ରାଜ୍ୟର ବିକାଶ ବାଧାପ୍ରାପ୍ତ

### ବଢୁନି କୋଇଲା ରାଜଭାଗ ଓ ମିଳୁନାହିଁ ଗ୍ରୀନ୍ ସେସ୍

**■ ଭୁବନେଶ୍ୱର, ୯।୭ (ସମିସ):** ଆସନ୍ତାକାଲି ଝାଡଖଣ୍ଡର ରାଜଧାନୀ ରାଞ୍ଚିଠାରେ ଅନୁଷ୍ଠିତ ହେବ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦର ୨୭ତମ ବୈଠକ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଯୋଗ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଞ୍ଚିରେ ପହଞ୍ଚିଛନ୍ତି। ତେବେ ଏହି ବୈଠକରେ ଓଡ଼ିଶା କ'ଣ ଦାବି କରିବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବିଗତ ପରିଷଦ ବୈଠକଗୁଡ଼ିକରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏକାଧିକ ଦାବି ଉପସ୍ଥାପନ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ପୂରଣ କରିନାହାନ୍ତି। କୋଇଲା ରାଜଭାଗ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା, କେନ୍ଦ୍ରୀୟ ଅନୁଦାନ ବୃଦ୍ଧି ଦାବିଗୁଡ଼ିକୁ କେନ୍ଦ୍ର ସରକାର ଉପେକ୍ଷା କରିଆସିଛି। ମାତ୍ର ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏହି ଦାବିକୁ ନେଇ ରାଜ୍ୟର ଆଭିମୁଖ୍ୟ ▶ପୃଷ୍ଠା-୭

## ପଞ୍ଚମ, ଅଷ୍ଟମରେ ଲାଗୁହେଲା ପାସ୍ ଫେଲ୍ ବ୍ୟବସ୍ଥା

**■ ଭୁବନେଶ୍ୱର, ୯।୭ (ସମିସ):** ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଲାଗୁ ହେଲା ପାସ୍-ଫେଲ୍ ବ୍ୟବସ୍ଥା। ଏହି ଦୁଇ ଶ୍ରେଣୀରେ ଫେଲ୍ ହେଲେ ଆଉଥରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଏନେଇ ଓଡ଼ିଶା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ୨୦୧୦କୁ ସଂଶୋଧନ କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିୟମ ଅନୁଯାୟୀ, ପ୍ରତିବର୍ଷ ପରି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀଙ୍କୁ ପୁନଃପରୀକ୍ଷା ପାଇଁ ସୁଯୋଗ ▶ପୃଷ୍ଠା-୭

ମନମୋହନଙ୍କ ଇଙ୍ଗିତ

# ମନ୍ତ୍ରୀ ଅସ୍ଥିର; ଆଶାୟୀ ଅଥୟ

### ଚଳିତ ମାସ ହେବ ମୋହନ କ୍ୟାବିନେଟ୍‌ର ସମ୍ପ୍ରସାରଣ

**■ ଭୁବନେଶ୍ୱର, ୯।୭ (ସମିସ):** ଖୁବ୍‌ଶୀଘ୍ର ହେବ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ଦିନକ ତଳେ ପୁନର୍ବାର ରାଜ୍ୟ ସଭାପତି ନିର୍ବାଚିତ ହୋଇଥିବା ମନମୋହନ ସାମଲଙ୍କ ଏହି ପଦକ ଇଙ୍ଗିତ ଆଶାୟୀଙ୍କୁ ଅସ୍ଥିର କରିଛି। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳରୁ ବାଦ ଆଶଙ୍କାରେ ଥିବା ତିନି ଚାରିଜଣ ମନ୍ତ୍ରୀ ଅସ୍ଥିର ଅନୁଭବ କରୁଛନ୍ତି। ଚଳିତ ମାସ ମୋହନ ମନ୍ତ୍ରିମଣ୍ଡଳର ପ୍ରଥମ ସମ୍ପ୍ରସାରଣ ହୋଇପାରେ ଓ ସମ୍ଭବତଃ ୨୪ ତାରିଖରୁ ୩୧ ତାରିଖ ମଧ୍ୟରେ ଯେ କୌଣସି ମୁହୂର୍ତ୍ତରେ ନୂଆ ମନ୍ତ୍ରୀମାନେ ଶପଥ ନେଇପାରନ୍ତି। ଆସନ୍ତାକାଲିଠାରୁ କୃଷ୍ଣପକ୍ଷ, ତେଣୁ ୨୪ ତାରିଖରେ ଅମାବାସ୍ୟା ପରେ ନୂଆ ମନ୍ତ୍ରୀ ପରିଷଦ ଶପଥ ନେଇ ପାରନ୍ତି ବୋଲି ସୂଚନା ମିଳିଛି।

**ମୋହନ-ମନମୋହନ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି**

**ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ବୋର୍ଡ, ନିଗମ ନିଯୁକ୍ତି**

ରାଜ୍ୟରେ ବର୍ତ୍ତମାନ ୬ଟି ମନ୍ତ୍ରୀପଦ ଖାଲି ପଡ଼ିଛି। ସେହିପରି ଅଧିକାଂଶ ମନ୍ତ୍ରୀମାନଙ୍କ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ। ସ୍ୱାସ୍ଥ୍ୟ, ଆଇନ, ଯୋଗାଣ, ଉଚ୍ଚଶିକ୍ଷା ଆଦି ବିଭାଗ ବର୍ଷକ ମଧ୍ୟରେ ଅନେକ ବିବାଦର ସମ୍ମୁଖୀନ ହୋଇଛି। ପୁନଶ୍ଚ ଏକାଧିକ ମନ୍ତ୍ରୀଙ୍କ ନିକଟରେ ଦୁଇ ତିନିଟି ବିଭାଗ ରହିଛି। ତେଣୁ ଏକ ସମତୁଲ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଉଭୟ ରାଜ୍ୟ ସଭାପତି ଓ ମୁଖ୍ୟମନ୍ତ୍ରୀ ପ୍ରାଥମିକ ଆଲୋଚନା କରିଛନ୍ତି। ପ୍ରତି ଲୋକସଭା କ୍ଷେତ୍ରରୁ ଅନ୍ୟୂନ ଜଣକୁ ମନ୍ତ୍ରୀ ପରିଷଦରେ ସ୍ଥାନ ଦେବାକୁ ବିଚାରବିମର୍ଶ କରାଯାଇଛି। ମହିଳା ଭାଗିଦାରୀ ବୃଦ୍ଧି କରିବାକୁ ଦଳୀୟ ନେତୃତ୍ୱ ଆପାତତଃ ସ୍ଥିର କରିସାରିଛନ୍ତି। ମନ୍ତ୍ରୀ ପରିଷଦରେ ୬ଟି ପଦ ▶ପୃଷ୍ଠା-୭

ଅବସର ପରେ ପୁନଃ ନିଯୁକ୍ତି

# ସରକାରଙ୍କୁ ହାଇକୋର୍ଟ ଝଟ୍‌କା

**■ କଟକ/ଭୁବନେଶ୍ୱର; ୯।୭ (ସମିସ):** ଅବସରପରେ ଜଳସମ୍ପଦ ବିଭାଗ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କ ପୁନଃନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଲାଗିଛି ହାଇକୋର୍ଟ ଝଟ୍‌କା। ବିଭାଗରେ ଅନେକ ଯୋଗ୍ୟ ଅଧିକାରୀ ଥିବାବେଳେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃନିଯୁକ୍ତିର ଯଥାର୍ଥତାକୁ ନେଇ ମଧ୍ୟ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କଠାରୁ ଅଦାଲତ ଏ ସଂକ୍ରାନ୍ତରେ ଜବାବତଲବ କରିଛନ୍ତି ।

ଗତ ଜୁନ ୩୦ ତାରିଖରେ ଶ୍ରୀ ପାଢ଼ୀଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା। ତାଙ୍କ ଅବସର ପରେ ସରକାର ତତ୍‌କ୍ଷଣାତ୍ ତାଙ୍କୁ ଜଳସମ୍ପଦ ବିଭାଗର ଇଆଇସି ତଥା ଓଏସଡି ଭାବେ ପୁନଃ ନିଯୁକ୍ତି ଦେଇଥିଲେ। ଇଞ୍ଜିନିୟର ଇନ୍ ଚିଫ(ସିଭିଲ) ଭାବେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ଥିବା ଅନେକ ବ୍ୟକ୍ତିଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିକି ରାଜ୍ୟ ସରକାରଙ୍କ ଗତ ୨୦୨୪ସେପ୍ଟେମ୍ବର୧୨ର ନିଷ୍ପତ୍ତି ଅନୁସାରେ ନିୟମିତ ପଦରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିୟୋଜିତ କରାଯାଇପାରିବ ନାହିଁ ରହିଥିବା ନିର୍ଦ୍ଦେଶନାମାକୁ ଅଦାଲତ ଗ୍ରହଣ କରି ଏ ସଂକ୍ରାନ୍ତରେ ଜବାବ ତଲବ କରିଛନ୍ତି। ଗତ ମେ୨ତାରିଖର ଡିପିସି ଅନୁସାରେ ମୁଖ୍ୟ ଯନ୍ତ୍ରୀ(ସିଭିଲ) କ୍ୟାଡରର ୧୦ଜଣ ଅଧିକାରୀଙ୍କ ମଧ୍ୟରୁ ୩ଟି ପଦବୀ ପୂରଣ ପାଇଁ ଆବେଦନକାରୀଙ୍କ ନାମକୁ ଗ୍ରହଣ କରାଯାଇଥିଲା। ଡିପିସିର କ୍ରମିକ ନମ୍ବର ୩ରେ

**ଜବାବ ଦାଖଲ ନିର୍ଦ୍ଦେଶ**



ଥିବା ବିଭୂତି ଭୂଷଣ ଦାଶଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲେ ମଧ୍ୟ ୪ନମ୍ବର ସ୍ଥାନରେ ଥିବା ଆବେଦନକାରୀଙ୍କୁ ଇଞ୍ଜିନିୟର ଇନ ଚିଫ ପଦକୁ ପଦୋନ୍ନତି ମିଳି ନ ଥିଲା; କିନ୍ତୁ ଅବସର ପରେ ଶ୍ରୀ ପାଢ଼ୀଙ୍କୁ ପୁନର୍ବାର ଇଆଇସି ତଥା ଓଏସ୍‌ଡ଼ି ପଦରେ ଅବସ୍ଥାପିତ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ପାଢ଼ୀ କେତେକ ନିଷ୍ପତ୍ତି ନେଇ ବିବାଦୀୟ ହୋଇଥିଲେ। ୧୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ସାଣ୍ଡୁଲୁ ୟୁଜିପିଏଲ୍ ପ୍ରକଳ୍ପ, ୨୭୨ କୋଟି ଟଙ୍କା ଅଟକଳରେ ଅଙ୍ଗ ୟୁଜିପିଏଲ୍ ପ୍ରକଳ୍ପ, ୧୬୭ କୋଟି ବ୍ୟୟ ଅଟକଳରେ ହାଡୁଆ ୟୁଜିପିଏଲ୍ ପ୍ରକଳ୍ପ, ୧୫୭ କୋଟି ଟଙ୍କା ଅଟକଳରେ ଛେଳିଗଡ଼ ଡ୍ୟାମ୍ ପ୍ରକଳ୍ପରେ ଯାବତୀୟ ଅନିୟମିତତା ପଛରେ ଶ୍ରୀ ପାଢ଼ୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଏପରିକି ଜାଲ ସତ୍ୟପାଠ ଦାଖଲ କରି ଟେଣ୍ଡର ହାତେଇଥିବା ଏକ ଗୁଜୁରାଟୀ କମ୍ପାନୀକୁ ଶ୍ରୀ ପାଢ଼ୀ ସହଯୋଗ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ତେଣୁ ଏପରି ଅଭିଯୋଗରେ ଅଭିଯୁକ୍ତ ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟକାଳ କ'ଣ ପାଇଁ ସରକାର ବୃଦ୍ଧି କଲେ ତାହାକୁ ନେଇ କିଛି ବ୍ୟକ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରି ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ ।

## ରାଜ୍ୟବ୍ୟାପୀ ମୁଣ୍ଡ ନେଉଛି ଝାଡ଼ାବାନ୍ତି

# ଦକ୍ଷିଣ ଓଡ଼ିଶାରେ ଭୟାବହ ସ୍ଥିତି

**■ ଭୁବନେଶ୍ୱର, ୯।୭ (ସମିସ):** ମାସକ ତଳେ ଉତ୍ତର ଓ ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ଡାଇରିଆ ବା ଝାଡ଼ାବାନ୍ତିର ଭୟାବହତା ଦେଖିବାକୁ ମିଳିଥିଲା। ଏଥିରେ ୨୧ ଜଣ ପ୍ରାଣ ହରାଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଆକ୍ରାନ୍ତ ହୋଇଥିଲେ। ବିଶେଷକରି ଯାଜପୁର ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଏହି ଜିଲ୍ଲାରେ ଝାଡ଼ାବାନ୍ତି ଉଗ୍ର ରୂପ ନେଇ ହଇଜାରେ ପରିଣତ ହେବା ସହ ସବୁଠୁ ଅଧିକ ଲୋକଙ୍କ ପ୍ରାଣ ନେଇଥିଲା। ଏହାପରେ କେନ୍ଦ୍ରୀୟ ଟିମ୍ ଆସି ସ୍ଥିତି ଯାଞ୍ଚ କରିଥିଲେ। ବିଷାକ୍ତ ଖାଦ୍ୟ ଓ ଦୂଷିତ ପାଣିରୁ ଡାଇରିଆ ବ୍ୟାପୁଛି ବୋଲି ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେଇଥିଲେ। ତା'ପରେ ସରକାର ଡାଇରିଆ ନେଇ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଥିବା ନେଇ ଜୋର୍‌ଦାର ପ୍ରଚାର କଲେ। ମାତ୍ର ଦକ୍ଷିଣ ଓଡ଼ିଶା ତଥା ଗଞ୍ଜାମ ଜିଲ୍ଲାରେ ଡାଇରିଆ ବ୍ୟାପିବା ପରେ ତୃଣମୂଳସ୍ତରରେ ଆଦୌ ସଚେତନତା ନ ଥିବା ସ୍ପଷ୍ଟ ହୋଇଛି। ଦକ୍ଷିଣ ଓଡ଼ିଶାରେ

### ସରକାରୀ ସଚେତନତା ଶୂନ୍

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ମାନିଲେନି

ଝାଡ଼ାବାନ୍ତିରେ ଦୁଇ ଜଣ ମୃତ୍ୟୁବରଣ କରିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଏହାକୁ ସ୍ୱୀକାର କରିବାକୁ ନାରାଜ। ଜଣଙ୍କର ମୃତ୍ୟୁ ବୟସାଧିକ୍ୟ କାରଣରୁ ହୋଇଥିବା କହି ଖଣ୍ଡନ କରିଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ନେଇ ସ୍ପଷ୍ଟତା ଆସି ନ ଥିବା ବିଭାଗ ▶ପୃଷ୍ଠା-୭

## ମାଆର ଆକୁଳ ନିବେଦନ

# ମୋ ପୁଅ ବୁଡ଼ି ଯାଉଛି, ରକ୍ଷା କର

ଭଦୋଦରା, ୯।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ଗମ୍ଭୀରା ପୋଲ ଭୁଶୁଡ଼ି ପଡ଼ିଛି। ଏଥିଯୋଗୁ ଅନେକ ଗାଡ଼ି ନଦୀକୁ ଖସି ପଡ଼ିଛି। ଘଟଣାସ୍ଥଳରେ ଭୟର ବାତାବରଣ ଖେଳି ଯାଇଛି। ଏହାର ଏକ କରୁଣ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପୁଅ ବୁଡି ଯାଉଥିବାବେଳେ ଉଦ୍ଧାର ପାଇଁ ମାଆ କାନ୍ଦି କାନ୍ଦି ଚିତ୍କାର କରୁଛି। ପୁଅକୁ ଉଦ୍ଧାର କରିବା ପାଇଁ ଲୋକଙ୍କୁ ନିବେଦନ କରୁଛନ୍ତି। ରିପୋର୍ଟ ଅନୁଯାୟୀ ଏହି ମହିଳା ନିଜ ପୁଅ, ଝିଅ, ସ୍ୱାମୀ ଏବଂ ଜ୍ୱାଇଁଙ୍କ ସହ କାର୍‌ରେ ବଗଦଣା ଯାଉଥିଲେ। ଏହି ସମୟରେ ଅଚାନକ ପୋଲ ଭୁଶୁଡ଼ି ପଡ଼ିବାରୁ କାର୍ ନଦୀକୁ ଖସି ପଡ଼ିଥିଲା। ଏହି ମହିଳା କାର୍‌ର ଡିକି ପାଖରେ ବସିଥିଲେ। ତେଣୁ ସେ କାଚ ଭାଙ୍ଗି ବାହାରି ଆସିଥିଲେ। କିନ୍ତୁ ଗାଡ଼ିଟି ଲକ୍ ହୋଇଯିବାରୁ ପରିବାର ଅନ୍ୟ ସଦସ୍ୟମାନେ ଫସି ରହିଥିଲେ। ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିବା କୁହାଯାଉଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୯୮୫ରେ ୯୦୦ ମିଟର ବିଶିଷ୍ଟ ଏହି ପୋଲ ନିର୍ମାଣ ହୋଇଥିଲା। ଏହା ଦଦରା ହୋଇ ଯାଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ତେବେ ନୂଆ ପୋଲ ନିର୍ମାଣ ପାଇଁ ତିନି ମାସ ତଳେ ୨୧୨ କୋଟି ଟଙ୍କା ମଞ୍ଜୁରୀ ଦିଆଯାଇଥିଲା ବୋଲି କୁହାଯାଉଛି।

ଦୁର୍ଘଟଣା ସମୟରେ ମହୀସାଗର ନଦୀରେ ମାଛ ମାରୁଥିବା ନରେନ୍ଦ୍ର ମାଲି କହିଛନ୍ତି ଯେ ସକାଳେ ସେ ଏବଂ ତାଙ୍କ ସହଯୋଗୀମାନେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ପାଇଥିଲେ। ଦେଖିବା ବେଳକୁ ପୋଲ ଖସି ପଡ଼ିଥିଲା। ଏହା ପରେ ପଛକୁ ପଛ ଅନେକ ଗାଡ଼ି ନଦୀକୁ ଖସିବାରେ ଲାଗିଥିଲା। ଦୁର୍ଘଟଣାରେ ଆହତ ରାଜୁଭାଇ ଅଠିଆ କହିଛନ୍ତି ଯେ ବାଇକରେ ଜଣେ ବନ୍ଧୁ ଏବଂ ସେ ଅଙ୍କଲେଶ୍ୱର ଯାଉଥିଲେ। ପୋଲରେ ଥିବା ସମୟରେ ଏହା ଅଚାନକ ଖସି ପଡ଼ିଥିଲା। ବାଇକ ସହ ଆମେ ନଦୀରେ ଖସି ପଡ଼ିଥିଲୁ। ମୁଁ ପାଣିରୁ ବାହାରି ଏକ ଗାଡ଼ି ଉପରେ ବସି ପଡ଼ିଥିଲେ। କିନ୍ତୁ ମୋ ସାଙ୍ଗ ନିଖୋଜ ଅଛି। ସେହିପରି ଗାଡ଼ି ପଙ୍କଚର ହୋଇଯିବାରୁ ମହେଶ ଭାଇ ପରମାରଙ୍କ ଜୀବନ ବଞ୍ଚି ଯାଇଛି। ଠିକ୍ କରି ଆମେ ପୋଲ ନିକଟରେ ପହଞ୍ଚିବା ପରେ ଏହା ଭୁଶୁଡ଼ି ଯାଇଥିଲା। ପରେ ତଳକୁ ଖସି ପଡ଼ିଥିବା ଲୋକେ ଚିତ୍କାର କରିବାରେ ଲାଗିଥିଲେ।



# ଥମୁନି ଭୋଟର ତାଲିକା ବିବାଦ

## ସଂଶୋଧନ ପ୍ରକ୍ରିୟାକୁ ବିରୋଧ; ମହାମେଣ୍ଟର ବିହାର ବନ୍ଦ

### ନୂଆ, ପୁରୁଣା ଭୋଟର ଜନ୍ମ ପ୍ରମାଣପତ୍ର ଦେବାକୁ ବାଧ

### ଆଧାର କାର୍ଡ ଗ୍ରହଣ କରୁନାହାନ୍ତି

### ନିର୍ବାଚନ ଚୋରି କରିବାକୁ ପ୍ରୟାସ: ରାହୁଲ

ପାଟନା, ୯।୭ (ଏଜେନ୍ସି): ଭୋଟର ତାଲିକା ସଂଶୋଧନ ନାମରେ ବିହାରରେ ନାମ କାଟିବା ଲାଗି ନିର୍ବାଚନ କମିସନ ଯେଉଁଭଳି ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି, ତାହାକୁ ନେଇ ରାଜ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। କମିସନଙ୍କ ଏଭଳି ଅଭିଯାନକୁ ବିରୋଧ କରି ଆଜି ବିରୋଧୀ ଦଳ ପକ୍ଷରୁ ବିହାରରେ ବନ୍ଦ ପାଳନ କରାଯାଇଛି। ଫଳରେ ବିଜେପି ମେଣ୍ଟ ଶାସନାଧୀନ ସାରା ବିହାର ଆଜି ଠପ୍ ହୋଇଯାଇଛି।

କଂଗ୍ରେସ ଓ ଆରଜେଡି ସମେତ ଅନେକ ବିରୋଧୀ ଦଳ ଏହି ବନ୍ଦ ଡାକରା ଦେଇଥିଲେ। ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି କେନ୍ଦ୍ର ସରକାର ଷଡ଼ଯନ୍ତ୍ର ଚଳାଇଛନ୍ତି। ସାଧାରଣତଃ ନିର୍ବାଚନ ପୂର୍ବରୁ ଅଧିକ ଭୋଟରଙ୍କୁ ସାମିଲ କରିବା ଲାଗି ଭୋଟର ତାଲିକାରେ ସଂଶୋଧନ କରାଯାଏ। କିନ୍ତୁ ଏଥର ବିହାରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଓଲଟା ଏଠାରେ ଭୋଟରଙ୍କ ନାମ କାଟିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହାଫଳରେ ଅତିକମ୍‌ରେ କୋଟିଏ ଭୋଟରଙ୍କ ନାମ ବାଦ ପଡ଼ିବାର ଆଶଙ୍କା ଦେଖାଦେଇଛି। କାରଣ ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି। ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡୁଛନ୍ତି ନିର୍ବାଚନ ଅଧିକାରୀ। ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ



କୁହାଯାଉଛି। କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି। ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି। ଆଧାର କାର୍ଡକୁ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ମନା କରିଦେଇଛନ୍ତି କମିସନ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ। ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ। ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ମହାରାଷ୍ଟ୍ର ପରେ ବିହାରରେ ନିର୍ବାଚନ ଚୋରି କରିବାକୁ ପ୍ରୟାସ କରାଯାଉଛି। ମହାରାଷ୍ଟ୍ର ପରେ ଏବେ ବିହାର ମଡେଲ ଆଣିଛନ୍ତି। ଗରିବଙ୍କ ଭୋଟ ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛନ୍ତି। କିଛି ମାସ ତଳେ ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ହୋଇଥିଲା। ଏହା ପରେ ମହାରାଷ୍ଟ୍ର ଏବଂ ହରିୟାଣାରେ ବିଧାନସଭା ନିର୍ବାଚନ ହୋଇଥିଲା। ଇଣ୍ଡିଆ ମେଣ୍ଟ ଲୋକସଭା ନିର୍ବାଚନରେ ଅଧିକ ଆସନ ପାଇଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ହାରି ଯାଇଥିଲା। ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଲୋକସଭା ନିର୍ବାଚନ ପରେ, ବିଧାନସଭା ନିର୍ବାଚନରେ ଏକ କୋଟି ନୂତନ ଭୋଟର ଯୋଡି ହୋଇଥିଲେ। ଯେଉଁ ଯେଉଁ ନିର୍ବାଚନମଣ୍ଡଳୀରେ ଏହି ଭୋଟର ଯୋଡ଼ି ହୋଇଥିଲେ, ସେଠାରେ ବିଜେପି ବିଜୟୀ ହୋଇଥିଲା। ଏହି ଭୋଟର କେଉଁଠାରୁ ଆସିଥିଲେ? ତଥ୍ୟ ମାଗିବାରୁ ଇସି ନିରବ ରହିଛନ୍ତି। ଏପର୍ଯ୍ୟନ୍ତ ଉତ୍ତର ମିଳିପାରି ନାହିଁ। ବିହାରରେ ହାରିବା ଭୟରେ ବିଜେପି ନୂଆ ତରିକା ଆପଣାଇଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ।

# ବହିଷ୍କୃତ ହେବେ ଜଷ୍ଟିସ୍ ବର୍ମା

## ସରକାରଙ୍କୁ ସମର୍ଥନ ଜଣାଇଲେ ବିରୋଧୀ ଦଳ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଜଷ୍ଟିସ ଯଶୋବନ୍ତ ବର୍ମା କ୍ୟାସ ମାମଲା ଏବେ ନୂଆ ମୋଡ ନେବାକୁ ଯାଉଛି। ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୋବନ୍ତ ବର୍ମାଙ୍କୁ ପଦରୁ ହଟାଇବାକୁ ପାର୍ଲାମେଣ୍ଟର ଅଗାମୀ ମୌସୁମୀ ଅଧିବେଶନରେ ପ୍ରସ୍ତାବ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହି ପ୍ରକ୍ରିୟାରେ ଇଣ୍ଡି ବ୍ଲକ ଅର୍ଥାତ ବିରୋଧୀ ଦଳଗୁଡିକ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି। ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

୨୦୨୫ ମାର୍ଚ୍ଚରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ନିଆଁ ଲାଗିବା କାରଣରୁ ସେଠାରେ ଅଧଜଳା ଟଙ୍କା ବିଡ଼ା ମିଳିଥିଲା। ଏହାପରେ ତାଙ୍କ ବିରୋଧରେ ଦୁର୍ନୀତି ତଥା ଭ୍ରଷ୍ଟାଚାର ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ସେତେବେଳେ ସେ ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଥିଲେ। ଏହାକୁ ନେଇ ସରକାର ବିରୋଧୀ ଦଳଗୁଡିକ ସହ ଆଲୋଚନା ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ସାଂସଦମାନଙ୍କର ସ୍ୱାକ୍ଷର ସଂଗ୍ରହ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଲୋକସଭା ଅଧିବେଶନରେ ପ୍ରଥମେ ଏ ନେଇ ପ୍ରସ୍ତାବ ପାରିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଉଲ୍ଲେଖଥାଉ କି, ସମ୍ବିଧାନ ଅନୁସାରେ ଧାରା ୧୨୪(୪) ଅନୁସାରେ ଓ ଜଜେସ୍ ଇନକ୍ୱାରୀ ଆକ୍ଟ ୧୯୬୮ ଅନୁସାରେ କୌଣସି ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ଜଜ୍‌ଙ୍କୁ ଭ୍ରଷ୍ଟାଚାର ମାମଲାରେ ହଟାଯାଇ ପାରିବ ନାହିଁ। ଏଥିପାଇଁ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ବହୁମତରେ ପ୍ରସ୍ତାବ ପାରିତ ହେବାର ଆବଶ୍ୟକତା ରହିଛି। ପ୍ରଥମେ ପ୍ରସ୍ତାବ ଆଗତ କରିବାକୁ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ହସ୍ତାକ୍ଷର ନିହାତି ଜରୁରି। ଏହି ପ୍ରସ୍ତାବ ସ୍ୱୀକାର ହେବା ପରେ ଲୋକସଭା ସ୍ପିକର କିମ୍ବା ରାଜ୍ୟସଭା ସଭାପତିଙ୍କ ଏକ ୩ ଜଣିଆ ଯାଞ୍ଚ କମିଟି ଗଠନ କରିବେ। ଏଥିରେ ଜଣେ ସୁପ୍ରିମକୋର୍ଟ ବିଚାରପତି, ହାଇକୋର୍ଟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ଆଇନଜ୍ଞ ସାମିଲ ରହିବେ।

# ଏହି ଯୁବ ସାଂସଦ ଜଣକ କିଏ ?

### ଟ୍ରମ୍ପଙ୍କୁ ଭେଟିବାକୁ ଯାଇଥିଲେ; ଅପମାନିତ ହୋଇ ଫେରିଲେ

### ହାଇକମାଣ୍ଡଙ୍କ ଭର୍ତ୍ସନା ପରେ ଗାଏବ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଦିଲ୍ଲୀ ରାଜନୀତିରେ ଏବେ ବିଜେପିର ଜଣେ ଯୁବ ସାଂସଦଙ୍କୁ ନେଇ ଜୋରଦାର ଚର୍ଚ୍ଚା। ଅପରେସନ ସିନ୍ଦୂର ସଂପର୍କରେ ବିଦେଶୀ ନେତାଙ୍କୁ ଅବଗତ କରାଇବା ଲାଗି ବିଦେଶ ଗସ୍ତରେ ଯାଇଥିବା ଭାରତୀୟ ପ୍ରତିନିଧି ଦଳରେ ଏହି ଯୁବ ନେତା ସାମିଲ ଥିଲେ। ସରକାରଙ୍କୁ ନଜଣାଇ ସେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ଅପମାନିତ ହୋଇ ଫେରିଛନ୍ତି।

କଂଗ୍ରେସ ନେତା ତଥା କର୍ଣ୍ଣାଟକର କ୍ୟାବିନେଟ ମନ୍ତ୍ରୀ ପ୍ରିୟଙ୍କ ଖାଡ଼ଗେ ଏସଂପର୍କରେ ଟୁଇଟ୍ କରିବା ପରେ ଘଟଣା ସାମନାକୁ ଆସିଛି। କୁହାଯାଉଛି ଯେ ଶଶୀ ଥରୁରଙ୍କ ନେତୃତ୍ୱରେ ଗତ ମାସ ଆମେରିକା ଯାଇଥିବା ଭାରତୀୟ ପ୍ରତିନିଧି ଦଳରରେ ଏହି ଯୁବ ସାଂସଦ ସାମିଲ ଥିଲେ। ଏହି ପ୍ରତିନିଧି ଦଳରେ ଅନ୍ୟତମ ସାଂସଦ ମିଳିନ୍ଦ ଦେଓରା ମଧ୍ୟ ସାମିଲ ଥିଲେ। କୌଣସି ବ୍ୟାବସାୟିକ କାମରେ ଦେଓରା ରାଷ୍ଟ୍ରପତି ଟ୍ରମ୍ପଙ୍କ ପୁଅଙ୍କୁ ସାକ୍ଷାତ କରିଥିଲେ। ଏହି ସୂଚନା ପାଇବା ପରେ ଆଉ ଜଣେ ଯୁବ ସାଂସଦ ମଧ୍ୟ ଟ୍ରମ୍ପଙ୍କ ପୁଅ ସହିତ ସାକ୍ଷାତ କରିବାକୁ ଚାହିଁଥିଲେ। କିନ୍ତୁ ଜୁନିୟର ଟ୍ରମ୍ପ ତାଙ୍କୁ ଭେଟିବାକୁ ମନା କରିଦେଇଥିଲେ। ଏଥିରେ ବିଫଳ ହେବାପରେ ସେ ସିଧା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବା ଲାଗି ସ୍ଥିର କରିଥିଲେ। ଏଥିପାଇଁ ଆମେରିକାରେ ଥିବା ତାଙ୍କର ଜଣେ ବନ୍ଧୁଙ୍କୁ ଯୋଗାଯୋଗ କରିଥିଲେ। ସେ ଟ୍ରମ୍ପଙ୍କ ସହିତ ସାକ୍ଷାତ ପାଇଁ କୁଆଡ଼େ ବ୍ୟବସ୍ଥା କରିଥିଲେ। ତେବେ ଏହି ସାକ୍ଷାତ ହ୍ୱାଇଟ୍ ହାଉସରେ ନହୋଇ ଟ୍ରମ୍ପଙ୍କ ନିଜସ୍ୱ ବାସଭବନରେ ହେବ ବୋଲି କୁହାଯାଇଥିଲା। ଯୋଜନା ମୁତାବକ ଏହି ଯୁବ ସାଂସଦ ଟ୍ରମ୍ପଙ୍କ ବେସରକାରୀ ବାସଭବନ ଯାଇଥିଲେ।



ସେଠାରେ ଯୁବ ସାଂସଦ ଭାରତୀୟ ପ୍ରଶାସନର ସର୍ବୋଚ୍ଚ ନେତାଙ୍କ ଘନିଷ୍ଠ ରୂପେ ନିଜର ପରିଚୟ ଦେବାମାତ୍ରେ ଟ୍ରମ୍ପ କୁଆଡ଼େ ବିଗିଡ଼ି ଯାଇଥିଲେ। ଟ୍ରମ୍ପ ତାଙ୍କ ପ୍ରତି ଯେଉଁଭଳି ବ୍ୟବହାର କଲେ, ସେଥିରେ ଅପମାନିତ ହୋଇ ଯୁବ ସାଂସଦ ଜଣକ ଫେରି ଆସିଥିଲେ। ଏହି କଥା ସେ କାହାରି ଆଗରେ ପ୍ରକାଶ କରିନଥିଲେ ମଧ୍ୟ ଭାରତ ସରକାରଙ୍କ କାନରେ ପଡ଼ିଥିଲା। ଶୀର୍ଷ ନେତୃତ୍ୱ ତାଙ୍କୁ ଦିଲ୍ଲୀ ଡାକି ଭର୍ତ୍ସନା କରିଥିଲେ। ପ୍ରଥମେ ଆମେରିକା ଏବଂ ପରେ ଦିଲ୍ଲୀରେ ଭର୍ତ୍ସିତ ହେବାପରେ ଏହି ଯୁବ ସାଂସଦଙ୍କର ଆଉ ଦେଖା ମିଳୁନାହିଁ। ସଂସଦରେ ଏବଂ ସଂସଦ ବାହାରେ ବିରୋଧୀଙ୍କୁ ଟାର୍ଗେଟ କରି ଚର୍ଚ୍ଚାରେ ରହୁଥିବା ଏହି ନେତା ଏବେ କୁଆଡ଼େ ଗାଏବ ହୋଇଯାଇଛନ୍ତି।

ଥରୁରଙ୍କ ଏହି ପ୍ରତିନିଧି ଦଳରେ ସମ୍ଭାବୀ ଚୌଧୁରୀ, ସରଫରାଜ ଅହମଦ, ହରିଷ ବାଲଯୋଗୀ, ଏସଏମ୍ ତ୍ରିପାଠି, ତେଜସ୍ୱୀ ସୂର୍ଯ୍ୟା. ଭୁବନେଶ୍ୱର କାଲିଟା, ମିଳିନ୍ଦ ଦେଓରା ଏବଂ ମଲିକାର୍ଜୁନ ଦେଓଡ଼ା ଥିଲେ।

## ମହିଳାଙ୍କ ଭୋଟର କାର୍ଡରେ ନୀତୀଶଙ୍କ ଫଟୋ

ମାଧେପୁରା, ୯।୭ (ଏଜେନ୍ସି): ବିହାରର ମାଧେପୁରା ଜିଲ୍ଲାରେ ଚକିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳାଙ୍କ ଭୋଟର ପରିଚୟ ପତ୍ରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଫଟୋ ଲାଗିଥିବାର ଦେଖାଯାଇଛି। ଏହା ନିର୍ବାଚନ କମିଶନଙ୍କ ବୈଷୟିକ ତ୍ରୁଟିକୁ ଦର୍ଶାଇବା ସହ କାର୍ଯ୍ୟକରିବା ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଧେପୁରା ସହରର ଜୟପାଲପଟ୍ଟୀରେ ରହୁଥିବା ଚନ୍ଦନ କୁମାର ନାମକ ଜଣେ ବ୍ୟକ୍ତି ଗଣମାଧ୍ୟମକୁ ପତ୍ନୀଙ୍କର ଭୋଟର ପରିଚୟ ପତ୍ର ଦେଖାଇଥିଲେ। ଅଢେଇମାସ ତଳେ ଡାକ ଯୋଗେ ଏହି କାର୍ଡ ଆସିଥିଲା। କିନ୍ତୁ ଲଫାଫା ଖୋଲିବାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାର୍ଡରେ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଏବେ ଏହି ଘଟଣାକୁ ନେଇ ବିହାରରେ ଚର୍ଚ୍ଚା ସୃଷ୍ଟି ହୋଇଛି।




## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନବୀକରଣ କାର୍ଯ୍ୟ ସ୍ଥଗିତ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସରକାରୀ ବାସଭବନର ନବୀକରଣ କାର୍ଯ୍ୟ ସ୍ଥଗିତ ରଖାଯାଇଛି। ୬୦ ଲକ୍ଷ ଟଙ୍କା ବିନିମୟରେ ଏହି କାର୍ଯ୍ୟ ଚାଲୁଥିଲା। ପିଡବ୍ଲ୍ୟୁଡି ବିଭାଗ ପ୍ରଶାସନିକ କାରଣରୁ ଏହି ନବୀକରଣ କାର୍ଯ୍ୟର ଟେଣ୍ଡରକୁ ବାତିଲ କରିଛି। ବଙ୍ଗଳାର ନବୀକରଣ ପାଇଁ ପିଡବ୍ଲ୍ୟୁଡି ୬୦ ଲକ୍ଷ ଟଙ୍କାରେ ଟେଣ୍ଡର ଜାରି କରିଥିଲା। ବଙ୍ଗଳାରେ ୧୪ଟି ଏୟାର କଣ୍ଡିସନ, ୯ ଲକ୍ଷ ଟଙ୍କାର ଟିଭି ୬ ଲକ୍ଷ ଟଙ୍କାର ଲାଇଟ ଲଗା ଯିବାର କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀ ହେବା ପରେ ରେଖା ଗୁପ୍ତା ପରିବାର ସହ ଶାଲିମାରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ସେ ଅରବିନ୍ଦ କେଜ୍ରିୱାଲଙ୍କ ଦ୍ୱାରା ନିର୍ମିତ ବିଳାସପୂର୍ଣ୍ଣ ତଥା ବହୁ ଚର୍ଚ୍ଚିତ ଶୀଶ ମହଲରେ ରହିବାକୁ ମନା କରିଦେଥିଲେ।

# ମହାରାଷ୍ଟ୍ରରେ ବଢୁଛି ଅରାଜକତା; ଶିବସେନା ବିଧାୟକଙ୍କ ଗୁଣ୍ଡାଗିରି

### କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମୁଖ୍ୟମନ୍ତ୍ରୀ ଫଡନାଭିସ୍

ମୁମ୍ବାଇ, ୯।୭ (ଏଜେନ୍ସି): ମହାରାଷ୍ଟ୍ରରେ ଭାଷା ରାଜନୀତି ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ରାଜ୍ ଠାକରେଙ୍କ ନେତୃତ୍ୱାଧୀନ ଏମଏନଏସ ଅଣ-ମରାଠୀଙ୍କୁ ଆକ୍ରମଣ ଜାରି ରଖିଛି। ଏହା ବିରୋଧରେ ମଙ୍ଗଳବାର ବ୍ୟବସାୟୀମାନେ ପ୍ରତିବାଦ ଯାତ୍ରା କରିଥିବାବେଳେ ଏମଏନ୍ଏସ୍ କର୍ମୀ ଏହା ବିରୋଧରେ ବିକ୍ଷୋଭ କରିଥିଲେ। ବିଜେପି ନେତୃତ୍ୱାଧିନ ମହାୟୁତିରେ ସାମିଲ ଜଣେ ମନ୍ତ୍ରୀ ଏମଏନଏସ ରାଲିରେ ସାମିଲ ହୋଇ ଏହି ବିବାଦକୁ ଅଧିକ ବଢ଼ାଇ ଥିଲେ। ଏହାର ଦିନକ ପରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ଶିବସେନା ବିଧାୟକ ସଞ୍ଜୟ ଗାଏକ୍ୱାଡ ଜଣେ କ୍ୟାଣ୍ଟିନ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ଏହାର ଏକ ଭିଡିଓ ବୁଧବାର ଭାଇରାଲ ହେବାରେ ଲାଗିଛି। ଏହା ଭାଷା ବିବାଦକୁ ଅଧିକ ଜଟିଳ କରିଦେଇଛି। ମଙ୍ଗଳବାର ରାତିରେ ମୁମ୍ବାଇର ଆକାଶବାଣୀ ବିଧାୟକ ଗେଷ୍ଟ ହାଉସ୍‌ରେ ଗାଏକ୍ୱାଡ ମାଡ଼ ମାରିଥିଲେ ବୋଲି ସୂଚନା



ମିଳିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ମାମଲାକୁ ଗୁରୁତର କହିଛନ୍ତି। ସେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ଖରାପ ଡାଲି ଦେବାକୁ ନେଇ କ୍ୟାଣ୍ଟିନ କର୍ମଚାରୀଙ୍କ ସହ ବିଧାୟକ ଝଗଡ଼ା କରିଥିଲେ। ବିଧାୟକ ଏଥିରେ କ୍ଷୁବ୍ଧ ହୋଇ ଯାଇଥିଲେ। ପରେ ସେ କ୍ୟାଣ୍ଟିନକୁ ଯାଇ କର୍ମଚାରୀ ଯୋଗେଶ କୁଟରାମଙ୍କୁ ମାଡ଼ ମାରିଥିଲେ। ଗାଏକ୍ୱାଡ କହିଛନ୍ତି ଯେ ସେଠାରେ ଭଲ ଖାଦ୍ୟ ଦିଆଯାଇ ନ ଥିଲା। ଯାହା କରିଥିଲି ଠିକ୍ କରିଛି। ମାଡ଼ ମାରିବାକୁ ନେଇ ସେ ଅନୁତପ୍ତ ନୁହଁନ୍ତି। ଅନ୍ୟପଟେ ଶିବସେନା (ୟୁବିଟି) ବିଧାୟକ ଅନିଲ ପରବ ଆଜି ବିଧାନ ପରିଷଦରେ ଏହି ପ୍ରସଙ୍ଗ ଉଠାଇ ଥିଲେ। ସରକାର ରାଜନୈତିକ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହା ଉପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏଭଳି ଆଚରଣ ଭଲ ବାର୍ତ୍ତା ଦେଉନାହିଁ। ଏହା କାହା ପାଇଁ ସମ୍ମାନଜନକ ନୁହେଁ। ଗାଏକ୍ୱାଡ଼ଙ୍କ ଏଭଳି ଆଚରଣ ସମସ୍ତ ବିଧାୟକଙ୍କ ଛବିକୁ ଖରାପ କରିଛି।

# ମୋଦୀଙ୍କୁ ନାମିବ୍ୟାର ସର୍ବୋଚ୍ଚ ସମ୍ମାନ

ୱିଣ୍ଡହୋଏକ୍, ୯।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦକ୍ଷିଣ ପଶ୍ଚିମ ଆଫ୍ରିକୀୟ ଦେଶ ନାମିବ୍ୟାରେ ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଟ୍‌ସିଆ ମିରାବିଲ୍ସ' ପ୍ରଦାନ କରାଯାଇଛି। ନାମିବ୍ୟା ରାଷ୍ଟ୍ରପତି ନେଟୁମ୍ବୋ ନନ୍ଦୀ ଏନ୍‌ଦାୱେତ୍‌ୱା ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନୀତ କରିଛନ୍ତି। ତାଙ୍କୁ ୨୧ ତୋପର ସଲାମୀ ପ୍ରଦାନ କରାଯାଇଛି।



ମୋଦୀ ଦିନିକିଆ ଗସ୍ତରେ ନାମିବ୍ୟା ପହଞ୍ଚିଛନ୍ତି। ଜୁଲାଇ ୨ରୁ ୧୦ ତାରିଖ ମଧ୍ୟରେ ମୋଦୀ ୫ଟି ଦେଶକୁ ଯାତ୍ର କରିବାର କାର୍ଯ୍ୟକ୍ରମ ରହିଛି ଓ ଏହି ନାମିବ୍ୟା ଗସ୍ତ ଏହାର ଏକ ଅଂଶବିଶେଷ। ମୋଦୀ ଘାନା, ତ୍ରିନିଦାଦ ଆଣ୍ଡ ଟବାଗୋ, ଆର୍ଜେଣ୍ଟିନା ଓ ବ୍ରାଜିଲ ଗସ୍ତରେ ଯାଇସାରିଛନ୍ତି। ଗତ ୮ ଦିନର ବିଦେଶ ଗସ୍ତରେ ମୋଦୀଙ୍କୁ ନାମିବ୍ୟା ସମେତ ବ୍ରାଜିଲ, ତ୍ରିନିଦାଦ ଆଣ୍ଡ ଟବାଗୋ ଓ ଘାନାରେ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନୀତ କରାଯାଇଛି। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଏଥିସହ ମୋଟ୍ ୨୭ତମ ଅନ୍ତର୍ଜାତୀୟ ସମ୍ମାନ ହାସଲ କରିଛନ୍ତି।

# ଆମେରିକା ବନ୍ୟାରେ ୧୦୦ ମୃତ, ୧୬୧ ନିଖୋଜ

ସାଣ୍ଟା ଫେ, ୯।୭ (ଏଜେନ୍ସି): ଆମେରିକାର ଟେକ୍ସାସ ପରେ ପଡ଼ୋଶୀ ନ୍ୟୁ ମେକ୍ସିକୋ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ହେବା ପରେ ମଙ୍ଗଳବାର ଅଚାନକ ବନ୍ୟା ଆସିଥିଲା। ରୁଡୋସୋ ନାମକ ଏକ ପାହଡ଼ି ଗାଁରେ ବନ୍ୟାର ସର୍ବାଧିକ ପ୍ରକୋପ ଦେଖିବାକୁ ମିଳିଥିଲା। ବନ୍ୟାର ସ୍ରୋତ ଏତେ ପ୍ରଖର ଥିଲା ଯେ, ଘରଗୁଡିକ ଖେଳନା ପରି ବହିଯାଇଥିଲା। ଉଦ୍ଧାର କରିବାକୁ ଉଦ୍ଧାରକାରୀ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଲାଗି ପଡ଼ିଛନ୍ତି। ଏହି ଅଞ୍ଚଳରେ ପୁଣି ବନ୍ୟା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଭାଗ ତରଫରୁ ସତର୍କ କରାଇ ଦିଆଯାଇଛି। ଗତବର୍ଷ ଏହି ଅଞ୍ଚଳର ଜଙ୍ଗଲରେ ନିଆଁ ଲାଗିଥିଲା ଓ ହଜାର ହଜାର ଏକର ଜଙ୍ଗଲ ପୋଡି ଧ୍ୱଂସ ପାଇଯାଇଥିଲା। କେତେ ସଂଖ୍ୟାରେ ଲୋକ ପ୍ରାଣ ହରାଇଛନ୍ତି ଓ ନିଖୋଜ ହୋଇଛନ୍ତି ସେ ନେଇ ସରକାର କୌଣସି ସୂଚନା ଦେବାରେ ଅକ୍ଷମ ହୋଇଛନ୍ତି। ଏହାପୂର୍ବରୁ ଜୁଲାଇ ୪ତାରିଖରେ ଟେକ୍ସାସରେ ଆସିଥିବା ବନ୍ୟାରେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୬୧ ଜଣ ନିଖୋଜ ଥିଲେ।

# ମୋତେ ନୋବେଲ ପୁରସ୍କାର ମିଳୁ: କେଜ୍ରିୱାଲ୍

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ତଥା ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏକ ଅଜବ ଦାବି ଉପସ୍ଥାପନା କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସୁଶାସନ ପାଇଁ ମୋତେ 'ନୋବେଲ ପୁରସ୍କାର' ମିଳିବା ଉଚିତ ବୋଲି ସେ କହିଛନ୍ତି। ଏଲ୍‌ଜି ରୋକିବା ସତ୍ତ୍ୱେ ଦିଲ୍ଲୀରେ ଯେଉଁ କାର୍ଯ୍ୟ କରିଛି ତାହା ନିଶ୍ଚିତ ଭାବେ ଦୃଷ୍ଟାନ୍ତମୂଳକ



ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ସେ ନିଜର ଦୁଇ ସାଥି ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କୁ ମଧ୍ୟ ସମକାରଣ ପାଇଁ ଭାରତ ରତ୍ନ ଦେବାକୁ କହିଥିଲେ। ଆପର ବିରିଷ୍ଠ ନେତା ଜେସମିନ ଶାହା ତାଙ୍କ ଲିଖିତ ବହି 'କେଜ୍ରିୱାଲ ମଡେଲ'କୁ ପଞ୍ଜାବୀ ଭାଷାରେ ଉନ୍ମୋଚନ କରିବା ଅବସରରେ ସେ ଏହି କଥା କହିଛନ୍ତି। ସରକାରୀ ବିଦ୍ୟାଳୟ ଓ ହସ୍ପିଟାଲକୁ ନୂଆ ରୂପ ଦେବାକୁ ବୈପ୍ଳବିକ ପନ୍ଥା ଅବଲମ୍ବନ କରିଥିଲ ଓ ଏ ନେଇ ଏକ ନୂଆ ମଡେଲ ଉପସ୍ଥାପନା କରିବାକୁ ଚାହୁଁଥିଲି ବୋଲି ସେ କହିଛନ୍ତି।

# ଆଲିଆ ଭଟ୍ଟଙ୍କଠାରୁ ୭୭ ଲକ୍ଷ ଟଙ୍କା ଠକେଇ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ତଥା ବର୍ଷୀଆନ ସିନେମା ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କ ଝିଅ ଆଲିଆ ଭଟ୍ଟ ଠକାମିର ଶିକାର ହୋଇଛନ୍ତି। ପୂର୍ବତନ ସହାୟକ ବେଦୀକା ସେଟ୍ଟୀ ଆଲିଆଙ୍କ ନକଲି ହସ୍ତାକ୍ଷରକୁ ପାଥେୟ କରି ୭୬ ଲକ୍ଷ ଟଙ୍କା ଠକେଇ କରିବା ସହ ଲୁଟି ନେଇଛନ୍ତି। ୩୨ ବର୍ଷୀୟ ବେଦୀକାଙ୍କୁ ମୁମ୍ବାଇ ପୁଲିସ ବେଙ୍ଗାଲୁରୁରେ ଗିରଫ କରିଛି। ୨୦୨୨ ମେ ଓ ୨୦୨୪ ଅଗଷ୍ଟ ମଧ୍ୟରେ ଏହି ଠକାମୀ ହୋଇଥିଲା ବୋଲି ପୁଲିସ କହିଛି। ଆଲିଆଙ୍କ ପ୍ରଡକ୍ସନ କମ୍ପାନୀ 'ଏଟରନାଲ ସନସାଇନ୍ ପ୍ରଡକ୍ସନ ପ୍ରାଇଭେଟ ଲିମିଟେଡ' ଓ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରୁ ବେଦୀକା ୭୬. ୯ ଲକ୍ଷ ଟଙ୍କାର ଅନିୟମିତତା କରିବାର ଅଭିଯୋଗ ହୋଇଥିଲା। ଏନେଇ ଆଲିଆଙ୍କ ମା ତଥା ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ସୋନୀ ରାଜାଦାନ ଜୁହୁ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ସମ୍ନାକୁ ଆସିଥିଲା। ୨୦୨୧ରୁ ୨୦୨୪ ମଧ୍ୟରେ ବେଦୀକା ଆଲିଆଙ୍କ ବ୍ୟକ୍ତିଗତ ସହାୟିକା ଭାବା କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେ ଆଲିଆଙ୍କ ଆର୍ଥିକ ମାମଲା, ପେମେଣ୍ଟ ଓ ତାଙ୍କ କାର୍ଯ୍ୟସୂଚୀ ସ୍ଥିର କରୁଥିଲେ। ସେ ଏହି କ୍ରମରେ ଏକାଧିକ ନକଲି ବିଲ୍ ପ୍ରସ୍ତୁତ କରି ଆଲିଆଙ୍କୁ ବୋକା ବନାଇଥିଲେ। ବେଦୀକା କ୍ରମାଗତ ଭାବେ ସ୍ଥାନ ପରିବର୍ତ୍ତନ କରି ରାଜସ୍ଥାନ, କର୍ଣ୍ଣାଟକ, ପୁଣେ ଓ ବେଙ୍ଗାଲୁରୁ ଗସ୍ତ କରିଥିଲେ। ଶେଷରେ ପୁଲିସ ତାଙ୍କୁ ବେଙ୍ଗାଲୁରୁରେ ଗିରଫ କରିବାକୁ ସକ୍ଷମ ହୋଇଥିଲା।

# ଭକ୍ତଙ୍କୁ ମିଳିଲା ନୀଳାଚଳ ଅବଢ଼ା

■ ମହାପ୍ରସାଦ ପାଇ ତୃପ୍ତହେଲେ ଶ୍ରଦ୍ଧାଳୁ
■ ଶ୍ରୀମନ୍ଦିରରେ ଲାଗିଲା ଗହଳିଚହଳି



ପୁରୀ, ୯।୭ (ସମିସ): ଶେଷ ହୋଇଛି ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। କିଛି ଦିନର ନିରବତା ପରେ ଶ୍ରୀମନ୍ଦିରରେ ପୁଣି ଆରମ୍ଭ ହୋଇଛି ଗହଳିଚହଳି। ବୁଧବାର ମହାପ୍ରଭୁଙ୍କୁ ଲାଗି ହୋଇଛି ମହାପ୍ରସାଦ; ଭକ୍ତ ପାଇଛନ୍ତି ନୀଳାଚଳ ଅବଢ଼ା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ପାଇ ତୃପ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ମଙ୍ଗଳବାର ରାତିରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଭୋର୍ ସାଢ଼େ ୫ଟାରେ ରୁଦ୍ଧା ସରିଥିଲା। ପରେ ଦଇତାପତି ସର୍ବାଙ୍ଗ, ଶ୍ରୀମୁଖ ଖଣ୍ଡୁଆ ସରି ବୁଧବାର ସକାଳ ୬ଟା ୧୦ରେ କୋଠସୁଆଁସୁଆ ଚାରମାଳ ଫିଟାକୁ ପ୍ରବେଶ କରିଥିଲେ। ସକାଳ ୮ଟା ୧୦ରେ ଚାରମାଳ ଫିଟା ସରି ଚକାପୋଛା ଓ ସିଂହାସନ ଧୁଆ ଯାଇଥିଲା। ମହାସ୍ନାନ ପରେ ପୂର୍ବାହ୍ନ ୧୧ଟାରେ ମଙ୍ଗଳଆଳତି, ଅପରାହ୍ଣ ୨ଟା ୨୫ରେ ଅବକାଶ ପୂଜା ବଢ଼ିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ସରିଥିଲା। ଅପରାହ୍ଣ ୨ଟା ୫୦ରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୨୦ରେ ସକାଳ ଧୂପ ସରିବା ପରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ନୀଳାଚଳ ଅବଢ଼ା। ରଥଯାତ୍ରା ପରେ ପ୍ରଥମ ଅବଢ଼ା ପାଇବା ପାଇଁ ଆନନ୍ଦବଜାରରେ ପ୍ରବଳ ଭିଡ଼ ହୋଇଥିଲା। ଯଦିଓ ବିଳମ୍ବରେ ମହାପ୍ରସାଦ ବାହାରିଥିଲା, କିନ୍ତୁ ଭକ୍ତମାନେ ଅପେକ୍ଷା କରି ରହିଥିଲେ।

## ମେଘନାଦ ପାଚେରି ଡେଇଁ ପଶିଲେ

# ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ

ପୁରୀ, ୯।୭ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସବୁ ସୁରକ୍ଷାକୁ ଭେଦ କରି ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଛନ୍ତି ୪ ଯୁବକ। ଉଦ୍‌ବେଗର କଥା ହେଲା, ଏହି ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ସେମାନେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ମନ୍ଦିର ଭିତରକୁ ପଶିଥିଲେ, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଭିତରେ ଓ ବାହାରେ ମାଳମାଳ ସୁରକ୍ଷା କର୍ମୀ ଜଗି ରହିଥିବା ବେଳେ ଏଭଳି ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିବା ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇ ଦେଇଛି। ପୂର୍ବରୁ, ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଥିବା ନେଇ ଗୁଇନ୍ଦା ବିଭାଗ ସତର୍କ କରିଥିବା ବେଳେ ସୋମବାରର ଏହି ଘଟଣା ବଡ଼ଦେଉଳ ପ୍ରତି ଯେ ବିପଦ ସୃଷ୍ଟି କରିଛି; ଏଥିରେ ସନ୍ଦେହ ନାହିଁ। ସେହିପରି, ସେପଟେ ସମସ୍ତ ସୁରକ୍ଷାକର୍ମୀ ତିନିରଥ ସହ ଭକ୍ତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଥିବା ବେଳେ ଶ୍ରୀମନ୍ଦିର ବାହାର ଓ ଭିତର ସୁରକ୍ଷା ବ୍ୟବସ୍ଥାର ଚରମ ଅବହେଳା ପଦାରେ ପଡ଼ିଛି। ଏହି ଘଟଣା ଆଜି ସାମ୍ନାକୁ ଆସିବା ପରେ ଜଗନ୍ନାଥପ୍ରେମୀ ଭକ୍ତ, ସେବାୟତ, ବୁଦ୍ଧିଜୀବୀମହଲରେ କ୍ଷୋଭ ପ୍ରକାଶ ପାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ଶ୍ରୀମନ୍ଦିର ସୁରକ୍ଷାରେ ମାଳମାଳ ସୁରକ୍ଷା କର୍ମୀ ୨୪ ଘଣ୍ଟିଆ ନିୟୋଜିତ ଅଛନ୍ତି। ଓଡ଼ିଶା ପୁଲିସ୍, ଜେଟିପି, ଶ୍ରୀମନ୍ଦିର ସୁରକ୍ଷାବାହିନୀ, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରମୁଖ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ହେଲେ, ସବୁ ସୁରକ୍ଷା ବ୍ୟବସ୍ଥାକୁ କାଟି ଦକ୍ଷିଣଦ୍ୱାର ପାର୍ଶ୍ୱ ମେଘନାଦ ପାଚେରୀ କଡ଼ରେ ପଡ଼ିଥିବା ଅଳିଆ ଗଦା ଉପରେ ଚଢ଼ି ଭିତରକୁ ଯୁବକମାନେ ଗଲେ କେମିତି? ସେହିଠାରେ ସିସିଟିଭି କ୍ୟାମେରା ଥିବା ବେଳେ ନିୟମିତ ସୁରକ୍ଷା କର୍ମଚାରୀ ବି ରହୁଛନ୍ତି। ହେଲେ କାହା ନଜରରେ ପଡ଼ିଲାନି କେମିତି?



■ ମାଳ ମାଳ ସୁରକ୍ଷା କର୍ମୀ କରୁଥିଲେ କ'ଣ?
■ କ୍ଷୋଭ ପ୍ରକାଶ କଲେ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ
■ ତଦନ୍ତ ପାଇଁ ମନ୍ଦିର ପ୍ରଶାସନ ଗଠନ କଲା ସ୍ୱତନ୍ତ୍ର ଟିମ୍

ବଡ଼ କଥା ହେଉଛି, ଏବେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ଥିବା ଭିତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ମେଘନାଦ ପାଚେରୀ ଡେଉଁଥିବା ବେଳେ ଭିତରେ ଥିବା ସୁରକ୍ଷା କର୍ମଚାରୀ ଜାଣିପାରିଲେନି କେମିତି? ଏହାକୁ ନେଇ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ ସୁରକ୍ଷା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇଛନ୍ତି।

ବୁଦ୍ଧିଜୀବୀ ସଞ୍ଜୀବ ମହାନ୍ତି କହିଛନ୍ତି, ଏ.ଆଇ କ୍ୟାମେରା ଲଗାଯାଇଥିବା ବଡ଼ବଡ଼ ଭାଷଣ ଦିଆଯାଉଥିଲା। ସେହି କ୍ୟାମେରା ଲାଗିଛି କେଉଁଠି? ମାଳମାଳ ସୁରକ୍ଷା କର୍ମଚାରୀ କରୁଥିଲେ କ'ଣ? ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ। ଆଜି ଯଦି ଶ୍ରୀମନ୍ଦିର ଭିତରେ କେହି ଆତଙ୍କବାଦୀ ପଶି କିଛି ଅଘଟଣ ଘଟାଇଥାନ୍ତା, ଏଥିପାଇଁ କିଏ ଦାୟୀ ହୋଇଥାନ୍ତା ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ, ମଙ୍ଗଳବାରର ଏହି ଘଟଣା ଜଣାପଡ଼ିବା ପରେ ଏହାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଘଟଣାର ତଦନ୍ତ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସୁରକ୍ଷା ପ୍ରଶାସକ (ଓଏସ୍‌ଡି), ସଫେଇ ସୁପରଭାଇଜର୍ ଏବଂ ମନ୍ଦିରରେ ଥିବା ପୂର୍ତ୍ତ ଅଧିକାରୀ ରହିଛନ୍ତି। ସେମାନେ ଏହାର ତଦନ୍ତ କରି ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି, ମେଘନାଦ ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦିଆଯିବ। ଏହା ଏକ ପାପ ଓ ନିନ୍ଦନୀୟ କାର୍ଯ୍ୟ। କୌଣସି ପରିସ୍ଥିତିରେ ଶ୍ରୀମନ୍ଦିର ସୁରକ୍ଷା ସହ ସାଲିସ କରାଯିବ ନାହିଁ। ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ମଧ୍ୟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସଫା କରିବା ଲାଗି ଦାୟିତ୍ୱରେ ଥିବା ଏଜେନ୍ସି ଏବଂ ପୁରୀ ପୌରସଂସ୍ଥାକୁ କୁହାଯାଇଥିଲା। ସେମାନେ ବି ସଫା କରୁଥିଲେ। କିନ୍ତୁ ଅଳିଆ ଆବର୍ଜନା କେତେ ଦିନ ହେବ ଜମା ହୋଇ ରହିଥିଲା, କ'ଣ ପାଇଁ ଆବର୍ଜନା ସ୍ଥାନାନ୍ତର ହୋଇ ନ ଥିଲା, ତା'ର ମଧ୍ୟ ତଦନ୍ତ କରାଯିବ। କିନ୍ତୁ ଏହା ହେବା କଥା ନୁହେଁ ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଛନ୍ତି।

ଖବର ପ୍ରସାରଣ ପରେ ସଫେଇ ସଂସ୍ଥାର କର୍ମଚାରୀମାନେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ତୁରନ୍ତ ଅଳିଆ ଖାଲି କରିଥିବା ବେଳେ ମେଘନାଦ ପାଚେରୀ ପାଖରେ ରୋଷଘର ଅଳିଆ ପକାଇବାକୁ ଉଦ୍ଦିଷ୍ଟ ଥିବା ଗେଟ୍‌ଟି ତାଲା ପକାଯାଇଥିଲା।

■ ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି

# ପ୍ରେମିକର ଗୁପ୍ତାଙ୍ଗ, ସ୍ତ୍ରୀର ବେକ କାଟିଲା ସ୍ୱାମୀ

ଯାଜପୁର, ୯।୭ (ସମିସ): ସ୍ୱାମୀଙ୍କୁ ଛାଡ଼ି ଅନ୍ୟତ୍ର ରହିବା ଜଣେ ମହିଳା ଓ ତାଙ୍କ ପ୍ରେମିକଙ୍କୁ ମହଙ୍ଗା ପଡ଼ିଛି। ରାଗରେ ଜଳୁଥିବା ସ୍ୱାମୀ ବିଚ୍ ବଜାରରେ ସ୍ତ୍ରୀର ବେକ ଏବଂ ପ୍ରେମିକର ବେକ ସମେତ ଗୁପ୍ତାଙ୍ଗ କାଟି ଦେଇଛି। ଯାଜପୁର ବ୍ଲକ ମାଳହାଟପୁର ଅଞ୍ଚଳରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆହତଦ୍ୱୟ ହେଲେ, ଡଲି ମହାନ୍ତି ଓ ତାଙ୍କ ପ୍ରେମିକ ପ୍ରଶାନ୍ତ ନାଥ। ଉଭୟଙ୍କ ଘର କୋରେଇ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେମାନେ ମାଳଆନ୍ଦପୁର ଟିପରା ଅଞ୍ଚଳରେ ଏକ ଭଡ଼ାଘରେ ରହନ୍ତି। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଦୁହିଁଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ



ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅପରପକ୍ଷେ, ଏହି ନାରକୀୟ ଘଟଣା ଘଟାଇବା ପରେ ଡଲିଙ୍କ ଅଭିଯୁକ୍ତ ସ୍ୱାମୀ ମନୋଜ କୁମାର ମହାନ୍ତି ଫେରାର୍ ହୋଇଯାଇଛି। ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମନୋଜ ନିର୍ଯାତନା ଦେଉଥିବାରୁ ସେ ବାଧ୍ୟ ହୋଇ ଅଲଗା ରହୁଥିଲେ ବୋଲି ଡଲି କହିଛନ୍ତି।

ସୂଚନାନୁଯାୟୀ, ବୁଧବାର ଡଲି ଓ ପ୍ରଶାନ୍ତ କୌଣସି କାମରେ ନିକଟସ୍ଥ ବଜାରକୁ ଆସିଥିଲେ। ଏହି ସମୟରେ ମନୋଜ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କୁ ପଚାରିବାରେ ଘଟଣାଟି ସଦର ଥାନା ଅଞ୍ଚଳରେ। କିନ୍ତୁ ଅଦ୍ୟାବଧି ଥାନାରେ ଅଭିଯୋଗ ହୋଇନାହିଁ। କିନ୍ତୁ ଉପରୋକ୍ତ ଅଞ୍ଚଳରୁ ଥାନାକୁ ଫୋନ କରି ସ୍ଥାନୀୟ ଲୋକେ କହିବାରୁ ସଦର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଥିଲେ।

# ଝାରସୁଗୁଡ଼ାରେ ପଶ୍ଚିମବଙ୍ଗ ଶ୍ରମିକ ଅଟକ

## ବର୍ଷିଲେ ତୃଣମୂଳ ସାଂସଦ ମହୁଆ ମୈତ୍ର

ଭୁବନେଶ୍ୱର, ୯।୭ (ସମିସ): ଝାରସୁଗୁଡ଼ାରେ ପଶ୍ଚିମବଙ୍ଗର ୪୪୦ ଜଣ ଶ୍ରମିକଙ୍କୁ ଅଟକ ରଖାଯାଇଛି। ଏହି ଅଟକ ଶ୍ରମିକମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରଙ୍କ ସଂସଦୀୟ କ୍ଷେତ୍ରର ୨୩ ଜଣ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନଙ୍କ ଅଟକକୁ ନେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି ସାଂସଦ ମହୁଆ। ଏକ ଭିଡିଓ ବାର୍ତ୍ତା ଜରିଆରେ ମହୁଆ ଏହି ଘଟଣାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି।



ମହୁଆ କହିଛନ୍ତି ଯେ ଝାରସୁଗୁଡ଼ାରେ ୪୪୦ ଜଣ ପଶ୍ଚିମବଙ୍ଗ ଶ୍ରମିକଙ୍କୁ ଅଟକ ରଖାଯାଇଛି। ଏହି ଶ୍ରମିକମାନଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ନିର୍ବାଚନ ମଣ୍ଡଳୀ କୃଷ୍ଣନଗରର ମିର୍ଜାପୁର ଗାଁର ବାସିନ୍ଦା। ଯେଉଁମାନେ ଆଧାରକାର୍ଡ ଭଳି ବୈଧ ପ୍ରମାଣପତ୍ର ରଖିଥିଲେ ମଧ୍ୟ ଓରିଏଣ୍ଟ ଥାନା ପୁଲିସ ଷ୍ଟେସନରେ ସେମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି। ଏହି ପ୍ରସଙ୍ଗରେ ନଦିଆ ଏସ୍‌ପି ଝାରସୁଗୁଡ଼ା ଏସ୍‌ପିଙ୍କ ସହିତ ଆଲୋଚନା କରିଛନ୍ତି। ଏହା ସତ୍ତ୍ୱେ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ସେଠାରେ ଅଟକ ରଖାଯାଇଛି। ଭାରତ ଏକ ସାର୍ବଭୌମ ରାଷ୍ଟ୍ର ଓ ଦେଶର ବାସିନ୍ଦାମାନେ ଦେଶର ଯେକୌଣସି

■ ଏଭଳି ଘଟିଲେ ଓଡ଼ିଶା ଆସିବେନି ପଶ୍ଚିମବଙ୍ଗ ପର୍ଯ୍ୟଟକ
■ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିଲେ

ସ୍ଥାନରେ କାର୍ଯ୍ୟ କରିବାର ଅଧିକାର ପାଇଛନ୍ତି। ତେଣୁ ଭାବିବା ଉଚିତ ନୁହେଁ ଯେ ଏହି ଶ୍ରମିକମାନଙ୍କ ପାଇଁ ଲଢ଼ିବାକୁ କେହି ନାହାନ୍ତି। ଅତୀତରେ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନକାଳରେ କେବେ ଏଭଳି ଘଟଣା ଘଟିନଥିଲା । ମାତ୍ର ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବର୍ଷକ ମଧ୍ୟରେ ନିତିଦିନ ଏଭଳି ଘଟଣା ଘଟି ଚାଲିଛି। ଏହି ଶ୍ରମିକମାନଙ୍କୁ ଅଟକ ରଖିବାର କୌଣସି କାରଣ ନାହିଁ। ସ୍ଥାନୀୟ ଏସ୍‌ପି ସେମାନଙ୍କର ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ଛାଡ଼ିବାକୁ ମହୁଆ ଅନୁରୋଧ କରିଛନ୍ତି । ଯଦି ସେମାନଙ୍କୁ ମୁକ୍ତ କରା ନ ଯାଏ ତେବେ ବିଭିନ୍ନ ସ୍ଥାନରେ ୨୩ ଟି ହେବିୟସ୍ କର୍ପସ କେସ୍ କରାଯିବ ବୋଲି ମହୁଆ ଚେତାବନୀ ଦେଇଛନ୍ତି।

ସେ ପୁଣି କହିଛନ୍ତି ଯେ ଯଦି ଓଡ଼ିଶାରେ ପଶ୍ଚିମବଙ୍ଗର ଶ୍ରମିକମାନଙ୍କୁ ଏଭଳି ନିର୍ଯ୍ୟାତନା ଦିଆଯାଏ, ତେବେ ଆଗକୁ ପଶ୍ଚିମବଙ୍ଗର ଲୋକେ ଓଡ଼ିଶା ଭ୍ରମଣରେ ଯିବେ ନାହିଁ। ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱର ୫୦ ପ୍ରତିଶତ ପଶ୍ଚିମବଙ୍ଗରୁ ଆସୁଛି। ଯଦି ଆପଣ ଆମ ଶ୍ରମିକମାନଙ୍କୁ ଅଟକାଇବେ, ତେବେ ଆମ ପର୍ଯ୍ୟଟକମାନେ ଓଡ଼ିଶା ଆସିବା ବନ୍ଦ କରିଦେବେ। ଓଡ଼ିଶାର ହୋଟେଲ୍ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ର ଉପରେ ଏହାର ବଡ଼ ପ୍ରଭାବ ପଡ଼ିବ। ପଶ୍ଚିମବଙ୍ଗରେ ମଧ୍ୟ ବହୁ ରାଜ୍ୟର ପ୍ରବାସୀ ଶ୍ରମିକ ରହିଛନ୍ତି। ମାତ୍ର ସେମାନଙ୍କୁ କେବେ କୌଣସି ସମସ୍ୟା ଭୋଗିବାକୁ ପଡୁନାହିଁ। ତେଣୁ ଓଡ଼ିଶା ସରକାର ଏହି ମାମଲାକୁ ଗୁରୁତର ସହ ନେଇ ଅଟକ ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରନ୍ତୁ ବୋଲି ମହୁଆ ଦାବି କରିଛନ୍ତି।

# ଆଇପିଏସ୍ ସ୍ତରରେ ଅଦଳବଦଳ: ସଞ୍ଜୀବ ପଣ୍ଡା ନକ୍ସଲ ବିରୋଧୀ ଅପରେସନ୍ ଏଡିଜି

ଭୁବନେଶ୍ୱର, ୯।୭ (ସମିସ): ରାଜ୍ୟରେ ଆଇପିଏସ୍ ସ୍ତରରେ ଛୋଟଧରଣର ଅଦଳବଦଳ ହୋଇଛି। ୩ ଜଣ ଆଇପିଏସ୍‌ଙ୍କର ବଦଳି କରାଯାଇଥିବା ବେଳେ ଜଣଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମିର ନିର୍ଦ୍ଦେଶକ ତଥା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅପରେସନ୍‌ର ଏଡିଜି ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ (ଏସ୍‌ଆଇଡବ୍ଲୁ) କାର୍ଯ୍ୟକାରିତା ତଦାରଖ କରି ସିଧାସଳଖ ପୁଲିସ ମହାନିର୍ଦ୍ଦେଶକଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ଆଇଜି (ପ୍ରଶିକ୍ଷଣ) ଆଇପିଏସ୍ ଅନୁପ କୁମାର ସାହୁଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମିର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଶ୍ରୀ ସାହୁ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇବେ। ସେହିପରି, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ତଥା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଖିଳେଶ୍ୱର ସିଂଙ୍କୁ ଭୁବନେଶ୍ୱରସ୍ଥିତ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍(ଏସ୍‌ଆଇଡବ୍ଲୁ)କୁ ବଦଳି ହୋଇଛି। ଏସ୍‌ଆଇଡବ୍ଲୁ ଡିଆଇଜି ଥିବା ଆଇପିଏସ୍ କନୱର୍ ବିଶାଳ ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଭାବେ ବଦଳି କରାଯାଇଛି।

# ୧୧ରେ ଆସିବେ ରାହୁଲ

ଭୁବନେଶ୍ୱର, ୯।୭ (ସମିସ): ଆସନ୍ତା ୧୧ ଜୁଲାଇ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ଯୋଗ ଦେବାକୁ ଓଡ଼ିଶା ଗସ୍ତରେ ଆସିବେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପୂର୍ବାହ୍ନ ୧୧ ଟାରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚି ସିଧା ବରମୁଣ୍ଡା ପଡ଼ିଆ ଯିବେ। ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ ପାଇଁ କଂଗ୍ରେସ କର୍ମୀ ରହିବେ। ମଧ୍ୟାହ୍ନ ୧୨ଟାରେ ସଭାରେ ରାହୁଲ ଯୋଗ ଦେବେ। ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ରାହୁଲଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ଏକ୍ ବୈଠକରେ ରାହୁଲ ଯୋଗ ଦେବେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ବିଧାୟକ, ପିସିସି




କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ତାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼ଗେ ଓ ଏଆଇସିସି ସଂଗଠନ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବେ ।

**ମହାସମାବେଶ ପରେ କଂଗ୍ରେସ ଭବନରେ ବୈଠକ**

ପିସିସି ସଭାପତି କହିଛନ୍ତି ଯେ ଦେଶର ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ କେନ୍ଦ୍ର ଦଳିମକଚି ନଷ୍ଟ କରିଦେଇଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପ୍ରତାରଣାର ପ୍ରତୀକ ପାଲଟିଛି। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସଂସ୍କୃତି ସହ ମଧ୍ୟ ଖେଳୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶାପ୍ରକାଶ କରିଛନ୍ତି। ଦୁଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଓ ଜୟଦେବ ଜେନା ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗଣମାଧ୍ୟମଗୁଡ଼ିକ ରାହୁଲଙ୍କ ଗସ୍ତର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନ ଆଦାୟ କରିବା ଦ୍ୱାରା ରାଜ୍ୟ ଦୁଇ ଲକ୍ଷ କୋଟିର ଅଣରାଜସ୍ୱ ଆୟ କାହା ସ୍ୱାର୍ଥରେ ହରାଇଲେ ବୋଲି ପ୍ରଶ୍ନ କରିଛନ୍ତି। ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

**ସରିଲା ଘଟଣାବହୁଳ ରଥଯାତ୍ରା**

# ଆରମ୍ଭରୁ ଶେଷ ଯାଏ ଚର୍ଚ୍ଚାରେ 'ବିଭ୍ରାଟ'

ପୁରୀ, ୯।୭ (ସମିସ): ଶେଷ ହେଲା ଚଳିତବର୍ଷର ରଥଯାତ୍ରା। ରତ୍ନସିଂହାସନରେ ବିଜେ କରିଛନ୍ତି ମହାପ୍ରଭୁ। ହେଲେ ଏଥର ରଥଯାତ୍ରା ଅନେକ ଘଟଣା, ଦୁର୍ଘଟଣା ଓ ବିଭ୍ରାଟର ମୂକସାକ୍ଷୀ ପାଲଟିଛି। ଅର୍ଥାତ୍ ଘୋଷଯାତ୍ରା ଆରମ୍ଭରୁ ଶେଷ ଯାଏ ବିଶୃଙ୍ଖଳା, ବିଭ୍ରାଟକୁ ନେଇ ଚର୍ଚ୍ଚାରେ ରହିଥିଲା। ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥରର ରଥଯାତ୍ରା ଐତିହାସିକ ଏବଂ ସ୍ମରଣୀୟ ହେବ ବୋଲି କହିଥିଲେ। ଏଥିପାଇଁ ଘନଘନ ବୈଠକ ବସିବା ସହ ଶୃଙ୍ଖଳିତ ରଥଯାତ୍ରାର ବ୍ଲୁ-ପ୍ରିଣ୍ଟ ବି ପ୍ରସ୍ତୁତ ହୋଇଥିଲା। କିନ୍ତୁ ଠିକଣା ବେଳକୁ ସବୁ ଫେଲ୍ ମାରିଲା। ତେଣୁ, ବିଭ୍ରାଟକୁ ନେଇ ଏଥର ରଥଯାତ୍ରା ସ୍ମରଣୀୟ ରହିବ ବୋଲି ବୁଦ୍ଧିଜୀବୀମହଲରେ ଚର୍ଚ୍ଚା, ଆଲୋଚନା ହେଉଛି।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଥିଲା। ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଆର୍‌ଡିସି, ଆଇନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ସମୀକ୍ଷା ବୈଠକ। ଏପରିକି, ମନ୍ତ୍ରିସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବା ବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ମାନସମନ୍ଥନ ବି ହୋଇଥିଲା। ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ଏବଂ ଦିବ୍ୟ ଓ ଭବ୍ୟ ରଥଯାତ୍ରା ଉପରେ ଜୋର୍ ଦେଇଥିଲେ। ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଥିଲା।

ରଥ ନିର୍ମାଣଠାରୁ ହିଁ ବିଶୃଙ୍ଖଳା ଆରମ୍ଭ ହୋଇଥିଲା। ରଥ ନିର୍ମାଣ ଲାଗି କାଠର ଅଭାବକୁ ନେଇ ଅସନ୍ତୋଷ ଝାଡ଼ିଥିଲେ ନିର୍ମାଣକାରୀ। ପରେ ସେମାନଙ୍କୁ ଆବଶ୍ୟକ କାଠ ଯୋଗାଇ ଦିଆଯାଇଥିଲା। ସେହିପରି ମହାପ୍ରଭୁଙ୍କ ସୁସ୍ଥ ପାଇଁ ଆସିଥିବା ଦଶମୂଳ ମୋଦକ ଚୋରି ଘଟଣା ସମସ୍ତଙ୍କୁ ମର୍ମାହତ କରିଥିଲା।

■ ସିଂହଦ୍ୱାରରୁ ପାହୁଣ୍ଡେ ଗଡ଼ି ଅଟକିଥିଲା ନନ୍ଦିଘୋଷ
■ ଅଶୁଦ୍ଧି ବେଳେ ମନ୍ଦିରରେ ପଶିଲେ ବିଧାୟକ
■ ଦଳାଚକଟାରେ ପ୍ରାଣ ହରାଇଲେ ଶ୍ରଦ୍ଧାଳୁ

ଠାକୁରମାନଙ୍କୁ ଲାଗି ପୂର୍ବରୁ କିଏ ନେଇଯାଇଥିଲା ୭୦ ମୋଦକ। ମାରା ମୋଦକ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଇଥିଲା। ତେଣୁ ମାରା ମୋଦକ ଲାଗି କରାଯାଇଥିବାରୁ ଠାକୁରମାନେ ସୁସ୍ଥ ହେଲେ କିପରି ବୋଲି ଅନେକ ପ୍ରଶ୍ନ ଉଠାଇଥିଲେ।

ସେହିପରି ରଥଯାତ୍ରା ଦିନ ରଥଟଣାରେ ଦେଖା ଦେଇଥିଲା ବିଭ୍ରାଟ। ନିର୍ଘଣ୍ଟ ସମୟରେ ନୀତିକାନ୍ତି ସତ୍ତ୍ୱେ ଗୋଟିଏ ବି ରଥ ଶରଧାବାଲି ଛୁଇଁପାରି ନ ଥିଲା। ତାଳଧ୍ୱଜ ରଥ ବଳଗଣ୍ଡିରେ ଏବଂ ଦର୍ପଦଳନ ରଥ ମରୀଚିକୋଟରେ ଅଟକି ରହିଥିବା ବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା। ସେହିଦିନ ନନ୍ଦିଘୋଷ ରଥ ତଳେ ଜଣେ ମହିଳା ନମାଜ ପାଠ କରୁଥିଲେ। ବର୍ଷା ହେବାରୁ ନନ୍ଦିଘୋଷ ରଥ ତଳେ ଅନେକ ଶ୍ରଦ୍ଧାଳୁ ଆଶ୍ରୟ ନେଇଥିଲେ। ହେଲେ ଜଣେ ମହିଳା ନମାଜ ପାଠ କରୁଥିବା ବେଳେ ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ରଥଯାତ୍ରା ଦିନ ସନ୍ଧ୍ୟା ସମୟରେ ନନ୍ଦିଘୋଷ ରଥ କର୍ଡନ୍ ପାଖରେ ଠେଲାପେଲା ଘଟି ବହୁ ଭକ୍ତ ତଳେ ପଡ଼ି ଆହତ ହୋଇଥିଲେ। ସେହିପରି ଅଶୁଦ୍ଧି ଲାଗିଥିବା ବେଳେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର। ତାଙ୍କ ଦଦେଇଙ୍କ ପରଲୋକର ୬ଦିନରେ ସେ ରଥଯାତ୍ରା ଦିନ ମୁଖ୍ୟମନ୍ତ୍ରୀଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ, ଯାହାକୁ ନେଇ ବେଶ୍ ହୋ ହଲ୍ଲା ହୋଇଥିଲା। କଡ଼ା କଟକଣା ସତ୍ତ୍ୱେ ରଥ ଉପରକୁ ମୋବାଇଲ ଫୋନ ନେବା, ବାହୁଡ଼ା କର୍ଡନ ଭିତରେ ପୁଲିସକୁ ସେବାୟତଙ୍କ ତାଗିଦ ଭଳି ଅନେକ ବିବାଦୀୟ ସ୍ଥିତିର ମୂକସାକ୍ଷୀ ରହିଛି ଚଳିତବର୍ଷର ରଥଯାତ୍ରା।

ଏବର୍ଷ ଘୋଷଯାତ୍ରାରୁ ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ରହିଥିଲା ଶରଧାବାଲିରେ ଦଳାଚକଟା। ନବଦିନାତ୍ମକ ଯାତ୍ରାରେ ଆସିଥିବା ଶ୍ରୀଜୀଉମାନେ ରଥ ଉପରେ ଥିବା ବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟି ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହା ସମ୍ପୂର୍ଣ୍ଣ ରଥଯାତ୍ରା ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ଟାଣି ଦେଇଥିଲା। ଏଥିପାଇଁ ରଥଯାତ୍ରା ଅଧାରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କର ବଦଳି କରାଯାଇଥିବା ବେଳେ ଦୁଇଜଣ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଗଲା। ଏପରିକି, ରଥଯାତ୍ରା ମଝିରେ ମୁଖ୍ୟମନ୍ତ୍ରୀ ପୁରୀ ଆସି ପୁଣି ପ୍ରସ୍ତୁତିର ସମୀକ୍ଷା କଲେ। ସେହିପରି ସୁନାବେଶରେ ବି ଅଘଟଣ ଘଟିଲା। ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରୁ ପଡ଼ି ଜଗତ୍‌ସିଂହପୁର ଜିଲ୍ଲା ପାଟେଳୀ ଗାଁର ବାବାଜୀ ବେହେରାଙ୍କର ମୃତ୍ୟୁ ହୋଇଥିଲା। ଅସୁସ୍ଥ ଏବଂ ଆହତଙ୍କ ସଂଖ୍ୟା ଏଥର ରେକର୍ଡ କରିଥିବା ବେଳେ ଏ ବର୍ଷ ରଥଯାତ୍ରାର ଟ୍ରାଫିକ ବ୍ୟବସ୍ଥା ସବୁଠୁ ବିପର୍ଯ୍ୟସ୍ତ ରହିଥିଲା। ୮/୯ ଦିନ ଧରି ଶରଧାବାଲି ସଂଲଗ୍ନ ପୁରୀବାସୀ ଏକପ୍ରକାର ବନ୍ଦୀ ଜୀବନ କାଟିଥିଲେ। ଘରୁ ବାଇକ୍ ବାହାର କଲେ, ସେମାନଙ୍କୁ ପୁଲିସର ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ମୋଟାମୋଟି ଭାବେ ଚଳିତବର୍ଷ ରଥଯାତ୍ରା ବିବାଦ, ବିଶୃଙ୍ଖଳା ଏବଂ ବଭ୍ରାଟ ବହୁଳ ରହିଥିଲା ବୋଲି ଚର୍ଚ୍ଚା ହେଉଛି।

■ ଶାସକ ବିଜେପିର ମୁକାବିଲା ପାଇଁ କଂଗ୍ରେସର ପ୍ରସ୍ତୁତି

# ୨୦ ମୁଖପାତ୍ର, ୮ ପ୍ୟାନେଲିଷ୍ଟ ନିଯୁକ୍ତ

ଭୁବନେଶ୍ୱର, ୯।୭ (ସମିସ): ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗର ପଦାଧିକାରୀ ତାଲିକା ପ୍ରକାଶ ପାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗକୁ ସୁଦୃଢ଼ କରିବା ପାଇଁ ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପୱନ ଖେରା ଓଡ଼ିଶା ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ପଦାଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି କମିଟିରେ ଅମୀୟ ପାଣ୍ଡବ ଉପାଧ୍ୟକ୍ଷ ରହିଥିବାବେଳେ, ଦୀପକ କୁମାର ମହାପାତ୍ର ଗଣମାଧ୍ୟମ ସଂଯୋଜକ ଓ ପ୍ରେସ ଦାୟିତ୍ୱରେ ରହିଛନ୍ତି। ସେହିପରି ଜଗଦାନନ୍ଦ ପ୍ରଧାନ ରିସର୍ଚ୍ଚ ଡାଟା ଇନ୍‌ଫରମେସନ ଦାୟିତ୍ୱରେ ରହିଛନ୍ତି। ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ବିଧାୟକ ସାଗର ଚରଣ ଦାସ, ସୋଫିଆ ଫିର୍‌ଦୋସ୍, ବରିଷ୍ଠ ନେତା ହମିଦ ହୁସେନ୍, ଅଭିଷେକ ମହାନନ୍ଦ, ରଜନୀ କୁମାର ମହାନ୍ତି, ପଦ୍ମାକର ଗୁରୁ, ନିଶିକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ, ସୋନାଲି ସାହୁ, ସମ୍‌ସିଦ୍ ତାୟବ, ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ମନିଷା ଦାସ ପଟ୍ଟନାୟକ, ହିମାଂଶୁ କୁମାର ଲେଙ୍କା, ଲଲାଟେନ୍ଦୁ ଦାସ, ବିଭୁତି ଭୂଷଣ ମହାପାତ୍ର, ମାନସ ରଞ୍ଜନ ଚୌଧୁରୀ, ନଳିନୀକାନ୍ତ ନାୟକ ପ୍ରମୁଖ ମୁଖପାତ୍ର ରହିଛନ୍ତି। ଅନ୍ୟପକ୍ଷରେ ଅମିତା ଦାସ, ସଂଗ୍ରାମ କେଶରୀ ମାଝୀ, ରୂପଦୀପ୍ତା ମହାପାତ୍ର, ଅଶୋକ କୁମାର ସ୍ୱାଇଁ, ଝୁନା କୁମାରୀ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ରାକେଶ କୁମାର ସାହୁ, ନିହାର ରଞ୍ଜନ ବେହେରା ପ୍ରମୁଖ ଗଣମାଧ୍ୟମ ପାନେଲିଷ୍ଟ ଭାବେ କମିଟିରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଗତକାଲି ଓଡ଼ିଶା ପ୍ରଦେଶ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଭାବେ ଅରବିନ୍ଦ ଦାସଙ୍କୁ ଏଆଇସିସି ନିଯୁକ୍ତି ପ୍ରଦାନ କରିଥିଲା।







## ରୋଟାରୀ କ୍ଲବ୍ କଟକ ଗ୍ରେଟର୍‌ର ଅଧିଷ୍ଠାନ ଉତ୍ସବ

**● ଡ ସତ୍ୟପ୍ରିୟ ମହାନ୍ତି ହେଲେ ସଭାପତି**




କଟକ, ୯।୭ (ସମିସ): ରୋଟାରୀ କ୍ଲବ୍ କଟକ ଗ୍ରେଟରର ଅଧିଷ୍ଠାନ ଉତ୍ସବ ଏବିଆଇଟି କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ବର୍ଷ ୨୦୨୫-୨୬ ର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଅଧିଷ୍ଠିତ କରାଇ ଶପଥ ପାଠ କରାଇଥିଲେ । ପ୍ରାକ୍ତନ୍ ସଭାପତି ରୋ. ବିମ୍ବିସାର ଦାଶ ନୂତନ ସଭାପତି ଡ. ସତ୍ୟପ୍ରିୟ ମହାନ୍ତିଙ୍କୁ କ୍ଲବ୍‌ର କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ । ଆସନ୍ତା ବର୍ଷର କାର୍ଯ୍ୟକ୍ରମ ଗୁଡିକୁ ନୂତନ ସମ୍ପାଦକ ନିଶାକର ଦାସ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଡ. ମିନାକ୍ଷୀ ଦାଶଙ୍କ ଦ୍ୱାରା ସଂପାଦିତ କ୍ଲବ୍‌ର ବୁଲେଟିନ୍ "ସୌହାର୍ଦ୍ଦ୍ୟ" ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମସ୍ତ ବୋର୍ଡ ସଦସ୍ୟ ଏବଂ ପୂରାତନ ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମାଜର ସାତଜଣ ବିଶିଷ୍ଟ ବ୍ୟକ୍ତି ଡା. ସଦାବ ଅଲ୍ଲୀ ବେଗ୍, ଡ. ପ୍ରଶାନ୍ତ କୁମାର ମିଶ୍ର, ଡ. ରିତିକ୍ ରଞ୍ଜନ ଓଝା, ନରେଶ ଷଡଙ୍ଗୀ, ପ୍ରଶାନ୍ତ ମିଶ୍ର, ରେବତୀକାନ୍ତ ପଣ୍ଡା ଏବଂ ଉଦ୍ୟୋଗପତି ସାଇନି ଶୁଭଦର୍ଶିନୀ କ୍ଲବ୍‌ର ନୂତନ ସଦସ୍ୟ ଭାବରେ ଯୋଗଦାନ କରିଥିବାରୁ, ପ୍ରାନ୍ତପାଳ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବରେ କ୍ଷତ୍ରୀୟ ଅଧ୍ୟକ୍ଷ ବସନ୍ତ ସାହୁ ଏବଂ ଉପ ପ୍ରାନ୍ତପାଳ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦାନ କରିଥିଲେ । କଟକର ବିଭିନ୍ନ କ୍ଲବର ସଭାପତି ଏବଂ ସଦସ୍ୟମାନେ ବହୁସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ । ଉତ୍ସବରେ ପ୍ରାକ୍ତନ ସଭାପତି ଡ. ବିଜୟଲକ୍ଷ୍ମୀ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରୋ. ମଧୁସ୍ମିତା ରାଉତରାୟ ସଭା ପରିଚାଳନା କରିଥିଲେ ଏବଂ ଶେଷରେ ଆଗାମୀ ବର୍ଷର ସଭାପତି ଡା. ମଦନ ମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ନିତ୍ୟାନନ୍ଦ ବାରିକ କଟକ ଜିଲ୍ଲା ଶିକ୍ଷାଧିକାରୀ

କଟକ, ୯।୭ (ସମିସ): କଟକ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଡ.ସନ୍ତୋଷ କୁମାର ରାଉତ ପଦୋନ୍ନତି ମିଳିଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଯୁଗ୍ମ ନିର୍ଦ୍ଦେଶକ ଭାବେ ତାଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ତାଙ୍କ ସ୍ଥାନରେ କଟକ ଡିଇଓ ଭାବେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ଥିବା ନିତ୍ୟାନନ୍ଦ ବାରିକଙ୍କୁ ନିଯୁକ୍ତି ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଡ.ରାଉତ କଟକ ଜିଲା ଶିକ୍ଷା କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ସଫଳତାର ସହ କାର୍ଯ୍ୟ କରିଥିଲେ । ସେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ବାପାଙ୍କଠାରୁ ଟଙ୍କା ଛଡ଼ାଇ ପୁଅ ଗିରଫ

କଟକ, ୯।୭ (ସମିସ): ଭିନ୍ନକ୍ଷମ ବାପା ହାତରୁ ବଳପୂର୍ବକ ଟଙ୍କା ଛଡାଇ ନେବା ଅଭିଯୋଗରେ ପୁଅକୁ ସିଆରଆରଆଇ ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ହେଉଛି ନେହେରୁପଲ୍ଲୀ ବଡସାହି ଅଞ୍ଚଳର ପୁପୁନ ଓରଫ ସୌମ୍ୟରଞ୍ଜନ ପ୍ରଧାନ(୨୨) । ସୂଚନା ଅନୁସାରେ, ପୁପୁନର ବାପା ଗଣେଶ ପ୍ରଧାନ ଜଣେ ଭିନ୍ନକ୍ଷମ କୁଷ୍ଠ ରୋଗୀ । ସେ ଭିକ୍ଷାବୃତ୍ତି କରି ଚଳନ୍ତି । କିନ୍ତୁ ତାଙ୍କର ପୁଅ ପୁପୁନ କୌଣସି କାମଧନ୍ଦା କରୁନଥିଲା । ପ୍ରାୟ ସମୟ ସେ ନିଶା ସେବନ କରୁଥିଲା । ଏଥିପାଇଁ ସେ ବାପାଙ୍କ ଭିକ୍ଷାବୃତ୍ତି କରିଆଣି ଘରେ ରଖୁଥିବା ଟଙ୍କାକୁ ବି ଚୋରାଇ ନେଉଥିଲା । ପୁଅର ଏହି କାର୍ଯ୍ୟକୁ ନେଇ ଗଣେଶ ଅତିଷ୍ଠ ହୋଇପଡିଥିଲେ । ୩ ତାରିଖର ଘଟଣା । ପୂର୍ବାହ୍ନରେ ଗଣେଶ ୭ ହଜାର ଟଙ୍କା ଧରି ବ୍ୟାଙ୍କରେ ଜମା କରିବାକୁ ନିଜର ତିନି ଚକିଆ ସାଇକଲରେ ଘରୁ ବାହାରୁଥିଲେ । ଏହି ସମୟରେ ପୁପୁନ ଆସି ତାଙ୍କୁ କିଛି ଟଙ୍କା ମାଗିଲା । ମାତ୍ର ଗଣେଶ ଦେବାକୁ ସ୍ପଷ୍ଟ ଭାବେ ମନା କରିଦେଇଥିଲେ । ଏଥିରେ ପୁପୁନ ଉତକ୍ଷିପ୍ତ ହୋଇ ଗଣେଶଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ଧକ୍କା ମାରି ତାଙ୍କ ହାତରୁ ୭ ହଜାର ଟଙ୍କା ଛଡାଇ ନେଇଥିଲା । ଘଟଣା ପରେ ଗଣେଶ ସିଆରଆରଆଇ ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ସୁଭାଷ ସଙ୍ଗଠନର ଅଭିନବ ପ୍ରତିବାଦ

କଟକ, ୯।୭ (ସମିସ): କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁଭାଷ ସଂଗଠନ ପକ୍ଷରୁ ଆଜି ସିଡିଏ ସେକ୍ଟର ୧୦ ମୁଖ୍ୟ ରାସ୍ତାରେ ଅଭିନବ ପ୍ରତିବାଦ ହୋଇଥିଲା । ଏଠାରେ ରାସ୍ତା ଧସି ଯିବା ସହ ସୁଡଙ୍ଗ ଭଳି ଗର୍ତ୍ତ ସୃଷ୍ଟି ହୋଇଛି । ଏହାକୁ ତୁରନ୍ତ ମରାମତି ନକଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି । ଏବେ ସହରରେ ଅନେକ ଅଞ୍ଚଳର ରାସ୍ତା ଅତ୍ୟନ୍ତ ଖରାପ ହୋଇ ପଡ଼ିଛି । ଏହିଭଳି ଖାଲଖମା ପ୍ରତି ପୂର୍ତ୍ତ ବିଭାଗ କିମ୍ବା ସିଏମସି କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାଁନ୍ତି । ଏଥି ଯୋଗୁଁ ଅନେକ ଜୀବନ ଯିବା ସହିତ ବହୁତ ଲୋକ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ସଂଗଠନର ସହ ସମ୍ପାଦିକା ଲୋପାମୁଦ୍ରା ଷଡ଼ଙ୍ଗୀ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସିଡିଏ ଅଞ୍ଚଳର ବୁଦ୍ଧିଜୀବୀ, ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତି ଥିବା ସହ ସୁଭାଷ ସଂଗଠନର ସଭାପତି ଜ୍ଞାନ ରଞ୍ଜନ ଦାସ, ସମ୍ପାଦକ ସୁରେଶ ମହାନ୍ତି, ବାପୁଜୀ କର, ଶ୍ରୀନିବାସ ରେଡ଼ି, ହାଡ଼ିବନ୍ଧୁ ସାହୁ, ରାକେଶ ବସ୍ତିଆ, ମଣ୍ଟୁ ସାହୁ, ଅନିତା ଦାସ, ପଞ୍ଚାନନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

**ଶେଷ ଶଯ୍ୟାରେ ଏସ୍‌ସିବି ଯକୃତ ପ୍ରତିରୋପଣ**

# ଅପେକ୍ଷାରେ ଥିଲେ ୧୨ ଜଣ, ମରିଗଲେଣି ୧୦

କଟକ, ୯।୭ (ସମିସ):

ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ରାଜ୍ୟ ସ୍ୱାସ୍ଥ୍ୟସେବା ଇତିହାସରେ ନିନ୍ଦା ବୋଲିବାକୁ ଯାଉଛି । କୋଟିକୋଟି ଟଙ୍କାର ଯୋଜନା ପାଣିରେ ପଡିବ । ଏଆଇଜି ଟିମ୍ ସହିତ ସମନ୍ୱୟ ଅଭାବ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏଠାରେ ଯକୃତ ପ୍ରତିରୋପଣ ସମ୍ପୂର୍ଣ୍ଣ ବନ୍ଦ ହେବା ଅବସ୍ଥାରେ ।

**● ଗୁରୁବାର ଆଉଟ୍‌ଡୋର ହେଉନି; ପଞ୍ଜୀକରଣ ବନ୍ଦ**

**● ଏସ୍‌ସିବି ଆସୁନି ଏଆଇଜି ଟିମ, ଘରୋଇ ହସ୍ପିଟାଲରେ ପ୍ରତିରୋପଣ**




ଯକୃତ ଯନ୍ତ୍ରଣାରେ ଆଉଟୁପାଉଟୁ ହୋଇ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀ ଜଣକ ପରେ ଜଣେ ଶେଷ ନିଃଶ୍ୱାସ ତ୍ୟାଗ କରୁଛନ୍ତି । ଗତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୧୨ଜଣ ରୋଗୀଙ୍କୁ ପ୍ରତିରୋପଣ ନିମନ୍ତେ ପ୍ରସ୍ତୁତ କରାଯାଇଥିଲା । ଏମାନଙ୍କର ସ୍କ୍ରିନିଂ ହୋଇଥିଲା । ହେଲେ ଆରୋଗ୍ୟ ହେବାର ଆଶାରେ ରହି ଇତି ମଧ୍ୟରେ ୧୦ଜଣ ପ୍ରାଣ ହରାଇ ସାରିଥିବା ଜଣାପଡ଼ିଛି । ସେହିପରି ପ୍ରତି ଗୁରୁବାର ଏସସିବି ଆଉଟଡୋରରେ ରୁମ ନଂ-୧୬ ଚାଲିଥିବା ଯକୃତ ପ୍ରତିରୋପଣ ଓପିଡି ଏବେ ବନ୍ଦ ହୋଇଯାଇଛି । ନା ଡାକ୍ତର ଆସୁଛନ୍ତି ନା ପଞ୍ଜୀକରଣ ହେଉଛି । ଏଭଳି ଅବ୍ୟବସ୍ଥା ପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତିଳେମାତ୍ର ଦୃଷ୍ଟି ପଡୁନାହିଁ ।

୨୦୧୨ ମସିହାରେ ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇ ଟ୍ରମା କାଜୁଆଲିଟି ଉପର ମହଲାରେ ଅତ୍ୟାଧୁନିକ ମେସିନ ଅଣାଯାଇଥିଲା । ଏକାଧିକ କାରଣ ଯୋଗୁଁ ପ୍ରତିରୋପଣ ଆରମ୍ଭ ହୋଇ ପାରିନଥିଲା । ୧୨ବର୍ଷ ବ୍ୟବଧାନ ପରେ ଅର୍ଥାତ୍ ଗତବର୍ଷ ଏପ୍ରିଲ ମାସରେ ଏଠାରେ ପ୍ରଥମ ଯକୃତ ପ୍ରତିରୋପଣ ହୋଇଥିଲା । ପରେ ଗତ ସେପ୍ଟେମ୍ବର ମାସରେ ଦ୍ୱିତୀୟ ପ୍ରତିରୋପଣ କରାଯାଇଥିଲା । ହେଲେ ୧୩ବର୍ଷ ମଧ୍ୟରେ ମାତ୍ର ୨ଜଣ ଯକୃତ ରୋଗୀ ଏହି ବ୍ୟବସ୍ଥାର ସୁଫଳ ପାଇପାରିଛନ୍ତି । ଯକୃତ ପ୍ରତିରୋପଣ ନିମନ୍ତେ ସରକାର ସମସ୍ତ ବ୍ୟବସ୍ଥା ଯୋଗାଇ ଦେଇଥିଲେ ସୁଦ୍ଧା ରୋଗୀ ଉପକୃତ ହୋଇ ପାରୁନାହାନ୍ତି । କୋଟିକୋଟି ଟଙ୍କା ବିନିଯୋଗ ହେଉଥିଲେ ମଧ୍ୟ ଆଶାତୀତ ଫଳ ମିଳୁନାହିଁ ।

ଗତ ରାଜ୍ୟ ସରକାର ଏସ୍‌ସିବି ମେଡିକାଲରେ ଉନ୍ନତ ଭିତ୍ତିଭୂମି ଯୋଗାଇ ଦେଇଥିଲେ । କୋଟିକୋଟି ଟଙ୍କା ବ୍ୟୟରେ ଏଠାରେ ମଡୁଲାର ଓ.ଟି ନିର୍ମାଣ କରାଯାଇଥିଲା । ଯକୃତ ରୋଗରେ ଗୁରୁତର ହେଉଥିବା ରୋଗୀଙ୍କୁ ନୂଆ ଜୀବନ ଦେବା ପାଇଁ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ସହ ଏମଓୟୁ ସ୍ୱାକ୍ଷର ହୋଇଥିଲା । ଯାହାର ତତ୍ତ୍ୱାବଧାନରେ ଯକୃତ ରୋଗୀଙ୍କ ଚିକିତ୍ସା କରାଯିବ । ହେଲେ ଯୋଜନା ଫସର ଫାଟିବାକୁ ବସିଲାଣି । ବଡ ମେଡିକାଲରେ ଏକ ଅଭିଜ୍ଞ ଡାକ୍ତରୀ ଦଳ ପ୍ରଥମ ଦୁଇ ପ୍ରତିରୋପଣ ସମୟରେ ବେଶ୍ ସହଯୋଗ କରିଥିଲେ । ଏଆଇଜି ଡାକ୍ତରୀ ଦଳ ସହ ମିଶି ଜଟିଳ ଯକୃତ ରୋଗୀଙ୍କୁ ନୂତନ ଜୀବନ ଦେବାରେ ସହାୟକ ହେଉଥିଲେ । ଏହି ଧାରା ବଳବତ୍ତର ରହିବ ବୋଲି ଆଶା କରାଯାଉଥିଲା । ମାତ୍ର ଏଆଇଜି ଦଳ ଆଉ ଏସ୍‌ସିବି ଆସୁ ନଥିବା ବେଳେ ପ୍ରତିରୋପଣ ଏକପ୍ରକାର ବନ୍ଦ ହେବାକୁ ବସିଲାଣି । ମିଳିଥିବା ସୂଚନା ଅନୁସାରେ, ଏଆଇଜି ଡାକ୍ତରୀ ଦଳ କଟକ ବଡ ମେଡିକାଲ ଆସୁନଥିଲେ ସୁଦ୍ଧା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଯକୃତ ପ୍ରତିରୋପଣ କରାଉଛି । ଗତ ଏକମାସ ଭିତରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ୨ଟି ପ୍ରତିରୋପଣ ହୋଇସାରିଛି । ହେଲେ ନିଃଶୁଳ୍କରେ ବଡ ମେଡିକାଲରେ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀ ମୃତ୍ୟୁ ମୁହଁରେ ପଡୁଛନ୍ତି । ଏହି ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଦ୍ୱିତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ






କଟକ, ୯।୭ (ସମିସ): ଡ୍ରାଇଭର ମହାସଂଘ ସାରା ରାଜ୍ୟରେ ୭ ଦଫା ଦାବିରେ ଚଳାଇଥିବା ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଦ୍ୱିତୀୟ ଦିନରେ ଆଜି ଡ୍ରାଇଭରମାନେ କଟକ ଗୋପାଳପୁର ଠାରେ ଏକତ୍ରିତ ହୋଇ ଧାରଣାରେ ବସିବା ସହିତ ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ । ଏହି ଆନ୍ଦୋଳନ ପରିପ୍ରେକ୍ଷୀରେ ବାଦାମବାଡ଼ି ବସଷ୍ଟାଣ୍ଡରେ ପ୍ରାୟତଃ ବେସରକାରୀ ବସ ଚଳାଚଳ ଠପ ହୋଇଯାଇଥିଲା । ଫଳରେ ବିଭିନ୍ନ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ । ଏହି ଆନ୍ଦୋଳନକୁ ରାଜ୍ୟ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ ଓ ମିନି ଟ୍ରକ ମାଲିକ ମହାସଂଘ ସହିତ କଂଗ୍ରେସ ଦଳ ପକ୍ଷରୁ ସମର୍ଥନ କରାଯାଉଛି । ପୁଲିସକୁ ଗାଡି ଚେକିଂ କ୍ଷମତା ନ ଦେବା, ଡ୍ରାଇଭର ୱେଲଫେୟାର ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା, ଡ୍ରାଇଭର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କ ପାଇଁ ପେନସନ, ରାସ୍ତାରେ ଗାଡି ପାର୍କିଂ ଓ ବିଶ୍ରାମଗାର ଏବଂ ଖଣିଖାଦାନ ଅଞ୍ଚଳରେ ସ୍ଥାନୀୟ ଡ୍ରାଇଭରଙ୍କୁ ନିୟୋଜିତ କରିବା ଆଦି ୭ ଦଫା ଦାବିରେ ଏହି ଆନ୍ଦୋଳନ କରୁଛି ଡ୍ରାଇଭର ମହାସଂଘ ।

## ମଧୁପାଟଣା ଶିଳ୍ପାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା

କଟକ, ୯।୭ (ସମିସ): କଟକ ମଧୁପାଟଣା ଶିଳ୍ପାଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ ପୁଣି ନିଷେଧାଦେଶ ଜାରି କରିଛନ୍ତି କଟକ ଜିଲ୍ଲାପାଳ । ଏହି ରାସ୍ତାରେ ବହୁ ସଂଖ୍ୟାରେ ଶିଳ୍ପ କାର୍ଯ୍ୟକଳାପ ସହ ଜଡିତ ଭାରୀ ଯାନବାହନ ଚଳାଚଳ କରିବା ହେତୁ ସକାଳ ଏବଂ ସନ୍ଧ୍ୟା ସମୟରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଏହି ସମୟରେ ଦୈନନ୍ଦିନ ମାର୍କେଟିଂ କରିବା, ଘରୋଇ କାମ ପାଇଁ ବାହାରକୁ ଯିବା, ଅଫିସ ଯିବା ଆସିବା କରିବା, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନେ ଯିବା ଆସିବା କରିବା ସମୟରେ ଅସୁବିଧା ଭୋଗୁଛନ୍ତି । ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ ଶିଳ୍ପାଞ୍ଚଳ ଭିତରେ ଭାରୀ ବାଣିଜ୍ୟିକ ଯାନବାହାନ ଚଳାଚଳକୁ ସକାଳ ୬ଟାରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୪ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ପ୍ରତିବନ୍ଧକ ୨୦୨୫ ମସିହା ଅଗଷ୍ଟ ୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ମୋଟର ଭେଇକିଲ ଆଇନ, ୧୯୮୮ ର ବିଭାଗ ୧୧୫ ଅଧୀନରେ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ର ନିୟମ-୧୭୩ ସହିତ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏହି ନିର୍ଦ୍ଦେଶ ଜାରି କରାଯାଇଛି ।

**ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ଧର୍ମଘଟ**

# ୩୦୦ କୋଟିର କାରବାର ଠପ୍

କଟକ, ୯।୭ (ସମିସ):




କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କ ଦ୍ୱାରା ଆହୁତ ଦେଶବ୍ୟାପୀ ସାଧାରଣ ଧର୍ମଘଟରେ କଟକ ସହରର ବ୍ୟାଙ୍କ କର୍ମଚାରୀ ଓ ଅଫିସର ମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ଆଜି କଟକର ସମସ୍ତ ସରକାରୀ, ଘରୋଇ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର ମାନେ ଅଂଶ ଗ୍ରହଣ କରିବା ଫଳରେ ବ୍ୟାଙ୍କ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । କଟକ ସହରର ୧୬୦ଟି ଶାଖା ସମେତ ଜିଲାର ମୋଟ ୪୦୦ରୁ ଉର୍ଦ୍ଧ ଶାଖା ବନ୍ଦ ରହିଛି । କଟକ ସହରରେ ବ୍ୟାଙ୍କ ବ୍ୟବସାୟ କାରବାର ୧୦୦୦ କୋଟି ଟଙ୍କା ସହ କ୍ଲିୟରିଙ୍ଗ ଚେକ ୩୦୦ କୋଟି ନେଣଦେଣ ହୋଇ ପାରିନାହିଁ । ଆଜି ସକାଳୁ ସକାଳୁ ଧର୍ମଘଟକାରୀ ବ୍ୟାଙ୍କ କର୍ମଚାରୀମାନେ ସବୁ ବ୍ୟାଙ୍କ ଶାଖା ଓ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଧର୍ମଘଟରେ ଏଆଇବିଇଏ, ବିଇଏଫଆଇ ଓଏଆଇବିଓଏର ସୁଭାଷ ବୋଷ, ବିଶୁଦ୍ଧ ଦାସ, ଓଁକାର ମହାନ୍ତି, ଶୁଭ୍ରାଂଶୁ ଶତପଥୀ, ମନୋଜ ସାହୁ, ଦିଲ୍ଲୀପ ମଲ୍ଲିକ, ଶ୍ରୀନୀବାସ ରାଓ, ପ୍ରତିଭା ମହାପାତ୍ର, ଅନନ୍ତ ମହାରଣା, ଅଶୋକ ତା, ସତ୍ୟ ରଞ୍ଜନ ବେହେରା ପ୍ରଦୀପ ଷଡ଼ଙ୍ଗୀ ଓ ନିଗମାନନ୍ଦ ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ, ଏଓବିଇଏଫର ସାଧାରଣ ସମ୍ପାଦକ ପ୍ରକାଶ ରାୟ, ଓଏଆଇବିଓଏର ରାଜ୍ୟ ସଭାପତି ମହେଶ୍ୱର ଦାସ ଧର୍ମଘଟର ସଫଳତା ପାଇଁ ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କୁ ଧନ୍ୟବାଦ ଦେଇଛନ୍ତି । ସେହିଭଳି ୧୦ଟି କେନ୍ଦ୍ରୀୟ ସଂଗଠନ ତଥା ଅନେକ ଶିଳ୍ପଭିତ୍ତିକ ଫେଡରେସନର ଆହ୍ୱାନରେ ଦେଶବ୍ୟାପୀ ଧର୍ମଘଟ ହୋଇଛି । ଏଥିରେ ନିଖିଳ ଭାରତ ବୀମା କର୍ମଚାରୀ ସଂଘ ସାମିଲ ହୋଇଥିଲା । ଏହାର ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ କଟକ ଏଲଆଇସି ମଣ୍ଡଳ ଅଫିସ ଏବଂ ଏହାର ବିଭିନ୍ନ ଶାଖା ସଂପୂର୍ଣ୍ଣ ବନ୍ଦ ରହିଥିଲା । କର୍ମଚାରୀମାନେ ଧାରଣା ଦେଇଥିଲେ । ସ୍ଥାନୀୟ କଟକ ମଣ୍ଡଳ ଅଫିସ ସମ୍ମୁଖରେ ସଂଘର ସଭାପତି ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଅଭୟ କୁମାର ଦାସ ବକ୍ତବ୍ୟ ରଖିଥିଲେ । ପ୍ରଶାନ୍ତ କୁମାର ନାୟକ, ନିହାର ପଣ୍ଡା, ସୁବ୍ରତ କରଣ, ମନୋଜ ସ୍ୱାଇଁ ପ୍ରମୁଖ ନେତୃବୃନ୍ଦ ଏହି ଧର୍ମଘଟରେ ସାମିଲ ହୋଇଥିଲେ ।

## କଟକରେ ସାଧାରଣ ଧର୍ମଘଟ




କଟକ, ୯।୭ (ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ, ସଂଯୁକ୍ତ କୃଷକ ମୋର୍ଚ୍ଚାର ସମସ୍ତ ସଂଗଠନ, ପେନସନର୍ସଙ୍କ ତରଫରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ ଡକରା ପରିପ୍ରେକ୍ଷୀରେ ଆଜି ଆରଏମଏସ୍ ଅଫିସ୍‌ରେ କେନ୍ଦ୍ର ସରକାରୀ କର୍ମଚାରୀ ନେତା ରବୀନ୍ଦ୍ର ନାଥ ଧଳଙ୍କ ନେତୃତ୍ୱରେ ପିକେଟିଂ କରାଯାଇଥିଲା । ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ସନ୍ତୋଷ ଭୋଳ, ଅଭୟ ଦାସ ଓ ବଦ୍ରି ନାରାୟଣ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏନ୍‌ଆରଆରଆଇ ଶ୍ରମିକ ସଂଘ, ସିଆଇଟିୟୁ ତରଫରୁ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ କାମ ବନ୍ଦ କରି ମୁଖ୍ୟ ଫାଟକ ସମେତ ଅନ୍ୟାନ୍ୟ ଫାଟକ ଗୁଡିକରେ ଧାରଣା ଦେବା ଫଳରେ କାମଦାମ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ସୁଭାଷ ଚନ୍ଦ୍ର ବେଜ, ମନମୋହନ ପତି, ଅଭୟ ସ୍ୱାଇଁ, ଅଜିତ ଲେଙ୍କା, ଭଞ୍ଜ କିଶୋର ବେହେରା, ନବକିଶୋର ଦାଶ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପିକେଟିଂ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଶୁଦ୍ଧା ମହାପାତ୍ର, ବୁଲି ସାହୁ, ଭାଗ୍ୟଧର ନାୟକ, ଶ୍ରମିକ ନେତା ଚନ୍ଦ୍ରକାନ୍ତ ବେହେରା ନେତୃତ୍ୱ ନେଇଥିଲେ ।

## ୧୪ରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୯ ।୭ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ଓ ୧୫ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚିତ ସୂଚନା



ଅନୁସାରେ, ଜୁଲାଇ ୧୪ ସନ୍ଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ରାଷ୍ଟ୍ରପତି କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅପରାହ୍ଣରେ ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ। ସେହିଦିନ ସନ୍ଧ୍ୟାରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷମାନେ ଯୋଗ ଦେଇଥିଲେ।

## ବାଇକ୍ ଧକ୍କାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

**ଆଠଗଡ଼, ୯।୭ (ସମିସ):** ବାଇକ୍ ଧକ୍କାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଘଣ୍ଟିଖାଲ ପଞ୍ଚାୟତର ଦ୍ୱାରାବତୀପୁର ଗ୍ରାମର କାହ୍ନୁ ରାଉତ। ଗତକାଲି କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।



### ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ପୁଲିସ୍ ସୂତ୍ରରୁ ପ୍ରକାଶ, ଗତ ରାତି ପ୍ରାୟ ୯ଟାରେ କାହ୍ନୁ ବାଇକ୍‌ରେ ଆଠଗଡ଼ରୁ ଘରକୁ ଫେରୁଥିଲେ। ତାଙ୍କ ପଛେପଛେ ଅନ୍ୟ ଏକ ବାଇକ୍‌ରେ ମହାକାଳବସ୍ତ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ ଓ ତାଙ୍କ ସ୍ତ୍ରୀ ଆସୁଥିଲେ। ମହାକାଳବସ୍ତ ଗ୍ରାମ ଛକ ନିକଟରେ କାହ୍ନୁଙ୍କ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ୩ଜଣ ଯାକ ରାସ୍ତା ଉପରେ ପଡ଼ି ଯାଇଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ରାଗିଯାଇ କୃଷ୍ଣ ଗ୍ରାମର କେତେକ ଯୁବକଙ୍କୁ ଡକାଇ କାହ୍ନୁଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଚଳନ୍ତା ଗାଡ଼ି ସମ୍ମୁଖକୁ ଫିଙ୍ଗି ଦେଇଥିଲେ। ପରିବାରଲୋକ ଗୁରୁତର କାହ୍ନୁଙ୍କୁ ପ୍ରଥମେ ମାଧପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାହ୍ନୁଙ୍କ ରାତି ୨ଟାରେ ମୃତ୍ୟୁ ଘଟିଥିଲା। ଏ ସଂପର୍କରେ କାହ୍ନୁଙ୍କ ଭାଇ ଅଭିମନ୍ୟୁ ପୁଲିସ ନିକଟରେ କୃଷ୍ଣ ସମେତ ଗ୍ରାମର ଅନ୍ୟ ୮ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ, ବ୍ୟବଚ୍ଛେଦ ପରେ ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଆଠଗଡ଼-ନୂଆପାଟଣା ରାସ୍ତା ଉପରେ ମୃତଦେହ ରଖିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଅପରାହ୍ଣ ୩ଟାରୁ ସଂଧ୍ୟା ଯାଏ ବହୁ ସଂଖ୍ୟାରେ ଗାଡ଼ି ମଟର ରାସ୍ତା ଉପରେ ଅଟକି ରହିଥିଲା। ଖବର ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ। ପରେ ତହସିଲଦାର ରେଡକ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ପାଇଁ ୨୦ହଜାର ଟଙ୍କାର ସହାୟତା ଘୋଷଣା କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ କାହ୍ନୁଙ୍କ ଭାଇ ଅଭିମନ୍ୟୁ ପୁଲିସ ନିକଟରେ ଦାବି କରିଛନ୍ତି। ଏହି ଘଟଣାରେ ପୁଲିସ୍ ତଦନ୍ତ ଚାଲୁ ରଖି ୧୩୨/୨୫ରେ ଏକ ମାମଲା ଦାୟର ହୋଇଛି।

## ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

**କଟକ/ଭବାନୀପାଟଣା, ୯ ।୭(ସମିସ):** ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକମାଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଛି। ଆଜି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ତାଙ୍କ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିଲେ। ଏହି ମାମଲାରେ ଭିଜିଲାନ୍ସ ତରଫରୁ ତଦନ୍ତର ସ୍ଥିତି ନେଇ ଅବଗତ କରାଯାଇଥିଲା। ଜୁଲାଇ ୧୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଜଣେ କ୍ରସର୍ ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ସେ ଧରା ପଡ଼ିଥିଲେ। ଏହାସହ ତାଙ୍କ ବାସଭବନରୁ ୪୭ଲକ୍ଷ ୪୭ହଜାର ୬ଶହ ଟଙ୍କା ଜବତ ହୋଇଥିଲା। ଭବାନୀପାଟଣା ଭିଜିଲାନ୍ସ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

## ଜେଲ୍‌ରୁ ବାହାରିଲେ ଜଗନ୍ନାଥ



**ଭୁବନେଶ୍ୱର, ୯।୭ (ସମିସ):** ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଗିରଫ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ମିଳିଛି। ୩୦ ହଜାର ଟଙ୍କା ମୁଚାଲିକା ଓ ଜଣେ ଜାମିନଦାରଙ୍କ ବଦଳରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ଜଗନ୍ନାଥଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଫଳରେ ବୁଧବାର ସନ୍ଧ୍ୟାରେ ଜଗନ୍ନାଥ ଝାରପଡ଼ା ଜେଲରୁ ମୁକୁଳିଛନ୍ତି।

ଗତମାସ ୩୦ ତାରିଖ ଦିନ ବିଏମସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ବିଏମସି କାର୍ଯ୍ୟାଳୟରେ ଆକ୍ରମଣ ହୋଇଥିଲା। ଶ୍ରୀ ସାହୁଙ୍କ ଏତଲା ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରିବା ସହିତ ୫ ଜଣଙ୍କୁ ଗିରଫ କରିଥିଲା। ହେଲେ ଆକ୍ରମଣର ଷଡ଼ଯନ୍ତ୍ର ପଛରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସଂପୃକ୍ତି ରହିଥିବା ଓଏଏସ୍ ସଙ୍ଘ ଅଭିଯୋଗ କରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା।

ଗତ ୩ ତାରିଖ ଦିନ ଜଗନ୍ନାଥ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। କୋର୍ଟ ଏସଡିଜେଏମ ଜଗନ୍ନାଥଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ୪ ତାରିଖ ଦିନ ଜଗନ୍ନାଥଙ୍କ ଓକିଲ ଜିଲ୍ଲା ଓ ଦୌରାଜଜଙ୍କ ନିକଟରେ ଜାମିନ ଆବେଦନ କରିଥିଲେ। କୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରିବା ସହିତ ୮ ତାରିଖ ସୁଦ୍ଧା ସିଡି (କେସ୍ ଡାଏରୀ) ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ପୁଲିସ ସିଡି ଦାଖଲ କରିବା ଆଜି ମାମଲାର ଶୁଣାଣି ହୋଇଥିଲା। ଉଭୟପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ଜଗନ୍ନାଥ ପ୍ରଧାନଙ୍କୁ ଜାମିନ୍ ପ୍ରଦାନ କରିଥିଲେ। ଜେଲରୁ ବାହାରିଲା ପରେ ତାଙ୍କ ସମର୍ଥକମାନେ ଫୁଲମାଳ ପକାଇ, ବାଣ ଫୁଟାଇ ଜଗନ୍ନାଥଙ୍କୁ ସ୍ୱାଗତ କରିଥିଲେ।

### ■ ଅନଲାଇନ ଟ୍ରେଡିଂ ନାମରେ ୯ କୋଟି ଠକେଇ

## ପଞ୍ଜାବରୁ ୨ସାଇବର୍ ଠକ ଗିରଫ

**କଟକ, ୯ ।୭ (ସମିସ):** ଅନଲାଇନ୍ ଟ୍ରେଡିଂ ଆଳରେ ଦୁଇଜଣଙ୍କଠାରୁ ପୃଥକ୍ ପୃଥକ୍ ଭାବେ ମୋଟ ୯ କୋଟି ଟଙ୍କା ଠକେଇ ଘଟଣା ୨ ସାଇବର୍ ଠକଙ୍କୁ ପଞ୍ଜାବରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେମାନେ ହେଲେ, ଅମ୍ରିତ ପାଲ୍ ଓ ପରଦୀପ ସୋନି(୨୫)। ଦୁହିଁଙ୍କୁ ସ୍ଥାନୀୟ ଅଦାଲତରେ ହାଜର କରାଯିବା ସହ ଓଡ଼ିଶାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି। ସେମାନଙ୍କର ଏକାଧିକ ବ୍ୟାଙ୍କ ଜମାଖାତାକୁ ଅଚଳ କରିଦିଆଯାଇଛି। ଅନଲାଇନ୍ ଟ୍ରେଡିଂ ଜରିଆରେ କମ୍ ଦିନରେ ଅଧିକ ସୁଧ ପାଇବାର ପ୍ରଲୋଭନ ଦେଖାଇ ଅଭିଯୁକ୍ତଦ୍ୱୟ ଜଣେ ବ୍ୟକ୍ତିଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୭ କୋଟି ୫୦ଲକ୍ଷ ଟଙ୍କା ଠକି ନେଇଥିଲେ। ଠକେଇର ଶିକାର ହେବା ଜାଣିବା ପରେ ବ୍ୟକ୍ତିଜଣଙ୍କ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅନୁରୂପ ଭାବେ, ଆଉ ଜଣେ ବ୍ୟକ୍ତିଙ୍କଠାରୁ ୧କୋଟି୫୫ଲକ୍ଷ ଟଙ୍କା ଠକିନେଇଥିଲେ ପରଦୀପ। ଇନ୍ସପେକ୍ଟର୍ ନମିତା ମଞ୍ଜରୀ ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଅଭିଯୁକ୍ତଦ୍ୱୟଙ୍କୁ ଟ୍ରାକ୍ କରି ପଞ୍ଜାବରୁ ଗିରଫ କରିଛି।

### ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

## ପତ୍ନୀ, ରୋଷେୟା, ଡିଏଫ୍‌ଓଙ୍କୁ ନିସ୍ତାର ନାହିଁ

**କଟକ, ୯।୭ (ସମିସ):** ବହୁଚର୍ଚ୍ଚିତ ପାରଳା ଏସିଏଫ୍ (ଆସିଷ୍ଟାଣ୍ଟ କନଜରଭେଟର ଅଫ ଫରେଷ୍ଟ) ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଆଇପିସିର ଦଫା ୩୦୨ ଓ ୧୨୦-ବି ଅନୁସାରେ ମାମଲା ଗ୍ରହଣ ନିର୍ଦ୍ଦେଶକୁ ଚାଲେଞ୍ଜ କରି ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତଙ୍କ ଗତ ୨୦୨୩ ଏପ୍ରିଲ ୧୨ର ଉପରୋକ୍ତ ନିର୍ଦ୍ଦେଶ ବିରୋଧରେ ଦୁଇଜଣ ଅଭିଯୁକ୍ତ ତଥା ପାରଳାଖେମୁଣ୍ଡିର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ମୃତ ଏସିଏଫ ସୌମ୍ୟରଂଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ। ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଆବେଦନକାରୀ ଅଭିଯୁକ୍ତ ନିମ୍ନ ଅଦାଲତରେ ଏନେଇ ଉପରୋକ୍ତ ପ୍ରସଙ୍ଗରେ ଉପଯୁକ୍ତ ଆବେଦନ କରିପାରିବେ ଏବଂ ନିମ୍ନ ଅଦାଲତ ମଧ୍ୟ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଏହାର ବିଚାର କରିବେ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକିଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୨୮୫ ଓ ୩୦୪-ଏ ଅନୁସାରେ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିସାରିଥିବା ବେଳେ ପ୍ରତିପକ୍ଷ ମୃତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ୍ ଆଧାରରେ ଏସ୍‌ଡିଜେଏମ୍ ଅଦାଲତ ଆଇପିସିର ଦଫା ୩୦୨(ହତ୍ୟା) ଓ ୧୨୦(ବି) ଅନୁସାରେ ସାନି ମାମଲା ଗ୍ରହଣ କରିଥିଲେ। ଏସ୍‌ଡିଜେଏମ୍ ଅଦାଲତଙ୍କ ଆଦେଶ ବେଆଇନ ଏଣୁ ଏହାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରି ଉଭୟ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ତାରିଖ ରାତିରେ ଫରେଷ୍ଟ କଲୋନୀସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ପୁଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତରେ ୨୦୨୨ ମସିହାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ହତ୍ୟା ମାମଲାରୁ କ୍ଲିନ୍‌ଚିଟ୍ ମିଳିଥିଲା। ପିତା ଅଭିରାମ କିନ୍ତୁ ତାଙ୍କ ପୁତ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଏସଡିଜେଏମ ଅଦାଲତରେ ଅଭିଯୋଗ କରିଥିଲେ। ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ଶ୍ରୀ ବେହେରା, ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ।

### ବେଗୁନିଆରେ କ୍ଷମତା ଲଢ଼େଇ

## ସାଂସଦ-ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଉଗ୍ର

**ଭୁବନେଶ୍ୱର, ୯।୭ (ସମିସ):** ରାଜ୍ୟ ବିଜେପିରେ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଥିବା ବେଳେ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଦଳ ମଧ୍ୟରେ ଛାମୁଆ ନେତାଙ୍କ ଗୋଷ୍ଠୀକନ୍ଦଳ, ଛକାପଞ୍ଝା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଏହା ତଳସ୍ତର ପର୍ଯ୍ୟନ୍ତ ମାଡ଼ି ଗଲାଣି। ବେଗୁନିଆ ନିର୍ବାଚନମଣ୍ଡଳୀରେ ଏହା ବିସ୍ଫୋରକ ରୂପ ନେଇଛି। ବେଗୁନିଆ ନିର୍ବାଚନ ମଣ୍ଡଳୀରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ ଓ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳିଙ୍କ ମଧ୍ୟରେ ଛକାପଞ୍ଝା ଭୟଙ୍କର ରୂପ ନେଇଛି। ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ଏବଂ ବେଗୁନିଆ ବିଡିଓଙ୍କ ବାର୍ତ୍ତାଳାପର ଏକ ଅଡ଼ିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବେଳେ ଏଥିରେ ଶ୍ରୀ ବିଜୁଳି ଉଭୟ ସାଂସଦ ଓ ବିଧାୟକଙ୍କୁ ନିଶାଣ କରିଛନ୍ତି। ଏପରିକି ଆଗାମୀ ୪-୫ ଦିନ ମଧ୍ୟରେ ୫୦୦ ଲୋକଙ୍କୁ ନେଇ ସେ ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ଆବଶ୍ୟକ ହେଲେ ବାଡ଼େଇବେ ଓ ରାଜ୍ୟ ସଭାପତି ଏପରି କହିଥିବା ଭାଇରାଲ ଅଡିଓରେ ଶୁଣାଯାଉଛି।

ଭାଇରାଲ ଅଡିଓରେ ଶ୍ରୀ ବିଜୁଳି କହୁଛନ୍ତି ଯେ ଆମେ ବହୁ ଶୀଘ୍ର ଯାଇ ବ୍ଲକରେ ବାଡିଆବାଡି ଆରମ୍ଭ କରୁଛୁ। ବ୍ଲକ କାର୍ଯ୍ୟାଳୟରେ ସାଂସଦ କାହିଁକି ହସ୍ତକ୍ଷେପ କରୁଛନ୍ତି। ତାଙ୍କ କାମ ସଂସଦୀୟ କ୍ଷେତ୍ର ବୁଝିବା କଥା। ସେ କାହିଁକି ଏଠି ଦଲାଲି କରି କାମ ବିକ୍ରି କରୁଛନ୍ତି?

### ଅସନ୍ତୋଷ ଝାଡ଼ିଲେ ପ୍ରକାଶ, ସାଂସଦ ଓ ବିଧାୟକଙ୍କୁ ନିଶାଣ

ବେଗୁନିଆରେ ପ୍ରଶାନ୍ତ ଜଗଦେବ କିଏ? ୫୦୦ ଜଣ ଯାଇ ବ୍ଲକରେ ବାଡେଇବାକୁ ମନମୋହନ ସାମଲ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଭାପତି ନିର୍ବାଚନ ପାଇଁ ମୁଁ ଟିକେ ବ୍ୟସ୍ତ ଥିଲି। ଆସନ୍ତା ୪ ଦିନ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଘେରଉ ସହ ଦରକାର ପଡ଼ିଲେ ଆମେ ବାଡ଼େଇବୁ ବୋଲି ସେ ସିଧାସଳଖ ଧମକ ଦେଇଛନ୍ତି। ଏହାସହ ପ୍ରଶାନ୍ତ ଜଗଦେବଙ୍କ ପ୍ରତି ମଧ୍ୟ ସେ ଅଶ୍ଳୀଳ ଶବ୍ଦ ପ୍ରୟୋଗ କରୁଥିବା ଶୁଣାଯାଉଛି।

ସୂଚନା ଅନୁଯାୟୀ ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରକାଶ ବିଜୁଳିଙ୍କ ପରିବର୍ତ୍ତେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଧରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ସାଂସଦ ଏଠାରୁ ପ୍ରତିନିଧିତ୍ୱ କରିବେ ବୋଲି ତାଙ୍କ ସମର୍ଥକ କହି ବୁଲୁଥିବା ବେଳେ ସେଥିପାଇଁ ଅପରାଜିତା ସେଠାରେ ସଂଗଠନ ଗଢ଼ିବାରେ ବ୍ୟସ୍ତ ଅଛନ୍ତି। ବେଗୁନିଆରୁ ପୂର୍ବରୁ ବିଧାୟକ ଥିବା ପ୍ରଶାନ୍ତ ଜଗଦେବଙ୍କ ସହାୟତାରେ ସାଂସଦ ସେଠାରେ ନିଜର ସଂଗଠନ ତିଆରି କରୁଥିବା ବେଳେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଶ୍ରୀ ବିଜୁଳି। ବେଗୁନିଆରେ ସଂଗଠନ ତିଆରି କରିବାକୁ ଶ୍ରୀ ବିଜୁଳି ଅକ୍ଲାନ୍ତ ପରିଶ୍ରମ କରିବା ସହ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରିଛନ୍ତି। ଏପରିକି ସାଂସଦ ଅପରାଜିତାଙ୍କ ପାଇଁ ମଧ୍ୟ ଗତ ନିର୍ବାଚନରେ ସେ ଭଲ ଅର୍ଥ ଖର୍ଚ୍ଚ କରିଥିବା କୁହାଯାଉଛି। ମାତ୍ର ଏତେ ମଧ୍ୟ ସାଂସଦ ପ୍ରକାଶଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ତାଙ୍କ କର୍ମୀ କ୍ଷୋଭ ପ୍ରକାଶ କରୁଛନ୍ତି। ତେବେ ଭାଇରାଲ ଅଡିଓକୁ ନେଇ ଶ୍ରୀ ବିଜୁଳି କିମ୍ବା ଉକ୍ତ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ

**ଭୁବନେଶ୍ୱର, ୯ ।୭ (ସମିସ):** ଓଡିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ଆଜି ତୋଷାଳୀ ଭବନସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଥମ

### ଉନ୍ମୋଚିତ ହେଲା ମେଲ୍ ଆଇଡି, ଲୋଗୋ

ବୈଠକରେ ୫ଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ଏଥିରେ କମିଶନର ଲୋଗୋ ଏବଂ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗର ତାରିଖ ୧୬.୦୩.୧୬ ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏଥିସହିତ ଧାରା ୧୪(୨) ଅନୁଯାୟୀ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିସ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନ୍‌ର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରୀ

**ଛତ୍ରପୁର/ଭବାନୀପାଟଣା, ୯।୭ (ସମିସ):** ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆଜି ସେ ଘରୁ ଅଫିସ୍ ଯାଉଥିବା ବେଳେ କଲେଜ ଛକ ନିକଟରେ ଭିଜିଲାନ୍ସର ଦୁଇ ଅଧିକାରୀ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସଙ୍ଗେସଙ୍ଗେ ଆଉ କିଛି ଭିଜିଲାନ୍ସର ଅଧିକାରୀମାନେ ସେଠାରେ ପହଞ୍ଚି ଶ୍ରୀ ମୁଣ୍ଡାଙ୍କ ଗାଡ଼ି ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଗାଡ଼ି ଡିକିରୁ ୩ଟି ପ୍ୟାକେଟ୍‌ରେ ୫ଶହ ଟଙ୍କିଆ ୬ଟି ବଣ୍ଡଲ (୩ଲକ୍ଷ ଟଙ୍କା) ଜବତ କରିଥିଲେ। ତେବେ ଏତେ ଟଙ୍କା ସେ କେଉଁଠୁ ଆଣିଲେ, ତା'ର ଉତ୍ତର ଦେଇନପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ସେ ରହୁଥିବା ଛତ୍ରପୁରସ୍ଥିତ ବ୍ୟାଙ୍କ କଲୋନୀ ଆଶୀର୍ବାଦ ଆପାର୍ଟମେଣ୍ଟ ଏ-୭ ଘରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ଲାଗିଥିବା ସିସିଟିଭି ଯାଞ୍ଚ କରି କିଏ ଏହି ଟଙ୍କା ଦେଇଛି, ତାହା ଦେଖିଥିଲେ। ପରେ ତାଙ୍କୁ ଅଫିସକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ଏହି ଘଟଣାରେ ଅଫିସର କର୍ମଚାରୀ, ରାତ୍ର ଜଗୁଆଳି ସମେତ ସୁରକ୍ଷାକର୍ମୀଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିଛି। ନିଜେ ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ମଧ୍ୟ ଛାନ୍‌ଭିନ୍ କରିଛନ୍ତି।

## ହଜିଗଲେଣି ଦେଶୀ ମାଛ; ଚାହିଦା ମେଣ୍ଟାଉଛି ଆନ୍ଧ୍ର

**ଭୁବନେଶ୍ୱର, ୯ ।୭ (ସମିସ):** ଦିନ ଥିଲା ଘରମାନଙ୍କରେ ଦେଶୀ ମାଛକୁ ସମସ୍ତେ ପସନ୍ଦ କରୁଥିଲେ। ହେଲେ ଏବେ ଦେଶୀ ମାଛ ଆଉ ଦେଖିବାକୁ ମିଳୁନାହିଁ। ବିଶେଷକରି କଉ, ଗଡ଼ିଶା, ରଡା, ଶେଉଳ, ମାଗୁର, କେରାଣ୍ଡି, କଣ୍ଟିଆ, ଟେଙ୍ଗା, ମାଛକୁ ବିଲ, ଗଡ଼ିଆରୁ ଧରି ହାଟ ବଜାରରେ ବିକ୍ରି ହୋଇ ପାରୁଥିଲା। ବର୍ଷା ସମୟରେ ଦେଶୀ ମାଛ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଥିଲା। ବର୍ଷା ଟିକେ ହେଉ ହେଉ ଦେଶୀ ମାଛ ସବୁ ରାସ୍ତା ଉପରକୁ ଉଠି ଆସୁଥିଲେ। ହେଲେ ଏବେ ଦେଶୀ ମାଛ ବଂଶ ଲୋପ ପାଇଯିବାକୁ ବସିଲାଣି।



ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ

ଗାଁ ମାନଙ୍କରେ ଯେତିକି ବି ବିଲ ରହିଛି, ସେଥିରେ ଅଧିକ ଅମଳ ପାଇଁ ଚାଷୀମାନେ ସାର, କୀଟନାଶକ ଆଦି ବହୁଳ ବ୍ୟବହାର କରୁଛନ୍ତି। ଫଳରେ ଗଡ଼ିଆ, ପୋଖରୀ, ନଈ-ନାଳରୁ ବର୍ଷାପାଣିରେ ଉଠିଆସୁଥିବା ମାଛମାନେ ବିଲରେ ଅଧିକ ଦିନ ବଞ୍ଚୁନାହାନ୍ତି କି ବଂଶ ବିସ୍ତାର କରିପାରୁ ନାହାନ୍ତି। ପୁଣି ଚାଷଜମିର ଏହି ରାସାୟନିକ ଓ ବିଷପାଣି ବୋହିଯାଇ ଗଡ଼ିଆ, ପୋଖରୀ, ନଈ, ନାଳରେ ମିଶିବା ଫଳରେ ସେଠାରେ ମଧ୍ୟ ମାଛ ବଂଶ ଲୋପ ପାଇବାକୁ ବସିଲେଣି। ତେଣୁ ସଂପ୍ରତି ଗାଁଗଣ୍ଡାର ନଈ, ପୋଖରୀରେ ଦେଶୀ ମାଛ ସ୍ୱପ୍ନ ହୋଇଗଲାଣି। ଯେଉଁଥିପାଇଁ ସହରର ଦୋକାନବଜାରରେ ଏବେ ଆଉ ଦେଶୀ ମାଛ ଦେଖିବାକୁ ମିଳୁନାହାନ୍ତି। ସହର ଉପକଣ୍ଠରେ ବି ଏବେ ଆଉ ବିଲ ବା ଚାଷଜମି ନାହିଁ। ଯେତିକି ବି ଥିଲା, ତା'ଉପରେ ବଡ଼ ବଡ଼ କୋଠାମାନ ଠିଆ ହୋଇଛି। ତେଣୁ ଏବେ ସହରୀ ଲୋକମାନେ ମୁଖ୍ୟତଃ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛନ୍ତି।

ଓଡ଼ିଶାରେ ୧୮୦ ପ୍ରଜାତିର ମଧୁର ଜଳ ମାଛ ରହିଛନ୍ତି। ସେମାନଙ୍କ ମଧ୍ୟରେ ରୋହି, ଭାକୁର, ମିରିକାଳି ଅନ୍ୟତମ। ଏହା ବ୍ୟତୀତ ଚିଲିକା ହ୍ରଦରେ ୩୧୭ ପ୍ରଜାତିର ସାମୁଦ୍ରିକ ମାଛ ଦେଖାଯାଆନ୍ତି। ୨୦୨୨-୨୩ ମସିହାର ତଥ୍ୟ ଅନୁଯାୟୀ, ୪୮୦ କିଲୋ ମିଟର ପରିବ୍ୟାପ୍ତ ଓଡ଼ିଶାର ସାମୁଦ୍ରିକ ପରିସୀମା ମଧ୍ୟରେ ୧୦.୫୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଥିଲା। ଏଥିମଧ୍ୟରେ ଆଭ୍ୟନ୍ତରୀଣ ମାଛ ଚାଷ ଉତ୍ପାଦନ ୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ସାମୁଦ୍ରିକ ମାଛ ଉତ୍ପାଦନ ୨.୧୩ ଲକ୍ଷ ମେଟ୍ରିକ ଟନ୍ ହୋଇଛି। ମାଛ ଉତ୍ପାଦନରେ ଦେଶରେ ଓଡ଼ିଶାର ସ୍ଥାନ ଚତୁର୍ଥ ରହିଛି। ଓଡ଼ିଶାରେ ମୋଟ ଜିଡିପିର ଶତକଡ଼ା ୨.୭୩ ଭାଗ ମାଛ ଚାଷରୁ ଆସିଥାଏ। ଓଡ଼ିଶାରେ ପାଖାପାଖି ୧୬ ଲକ୍ଷ ଲୋକ ମାଛ ଚାଷ ଉପରେ ନିର୍ଭରଶୀଳ। ସେଥିରୁ ପ୍ରାୟ ୧.୧୫ ଲକ୍ଷ ଲୋକଙ୍କ ପରିବାରକୁ ସାମୁଦ୍ରିକ ମାଛ ଚାଷ ରୋଜଗାର ଯୋଗାଇ ଦେଇଥାଏ।

## ସରପଞ୍ଚ ଅନିତା ସାହୁଙ୍କ ପରଲୋକ

**ଭୁବନେଶ୍ୱର, ୯।୭ (ସମିସ):** ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଚାନ୍ଦୁଲି ପଞ୍ଚାୟତର ସରପଞ୍ଚ ଅନିତା ସାହୁଙ୍କ ଅକାଳ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ଅନିତା ସାହୁଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

### ଶୋକ ପ୍ରକାଶ କଲେ ନବୀନ

## ଦୁଇ ଦୁର୍ଘଟଣାରେ ୪ ମୃତ

**ପାଲଲହଡ଼ା/ତାଳଚେର ସହର, ୯ ।୭ (ସମିସ):** ୪୯ନଂ ଜାତୀୟ ରାଜପଥର ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଗୋଲାବନ୍ଧ ଗାଁ ଓ ୧୪୯ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ତାଳଚେର ବହ୍ଲର ଛକ-ବଅଁରପାଳ ମଧ୍ୟବର୍ତ୍ତୀ ସ୍ଥାନରେ ବୁଧବାର ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଗୋଲାବନ୍ଧ ଗାଁ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପାଲଲହଡ଼ା ଅଞ୍ଚଳର ସଞ୍ଜୟ ପ୍ରଧାନ ଓ ପିତୁଳା ମହାନ୍ତ। ଏହି ଦୁର୍ଘଟଣାରେ ଗୁରୁତର ଆହତ ବିଜୟ ପ୍ରଧାନ ଓ ଅରୁଣ ମହାନ୍ତଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ବହ୍ଲର ଛକ-ବଅଁରପାଳ ରାସ୍ତାର ଜିଓ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ତାଳଚେର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ରାଜେଶ ବେହେରା। ଉଭୟ ସ୍କୁଟିରେ ବଅଁରପାଳ ଅଭିମୁଖେ ଯାଉଥିବା ବେଳେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା।

### ଡ୍ରାଇଭର ଆନ୍ଦୋଳନ ପ୍ରସଙ୍ଗରେ ସରକାରଙ୍କ ନିରବତା

## ରାହୁଲଙ୍କ ଗସ୍ତକୁ ଭଣ୍ଡୁର ପାଇଁ ଷଡ଼ଯନ୍ତ୍ର!

**ଭୁବନେଶ୍ୱର, ୯।୭ (ସମିସ):** ଆସନ୍ତା ୧୧ ତାରିଖରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାହୁଲ୍ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ଏକ ବିରାଟ ଜନସମାବେଶକୁ ସମ୍ବୋଧନ କରିବେ ବୋଲି କଂଗ୍ରେସ ବ୍ୟାପକ ପ୍ରସ୍ତୁତି ଚଳାଇଛି। ମାତ୍ର କାର୍ଯ୍ୟକ୍ରମର ଠିକ୍ ଦୁଇ ଦିନ ପୂର୍ବରୁ ରାଜ୍ୟରେ ଆରମ୍ଭ ହୋଇଥିବା ଡ୍ରାଇଭର ଆନ୍ଦୋଳନ ଓ ଏହାର ପରବର୍ତ୍ତୀ ସ୍ଥିତିକୁ ନେଇ କଂଗ୍ରେସ ପାଇଁ ସୃଷ୍ଟି କରିଛି ଅଡୁଆ। ମୁଖ୍ୟତଃ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ରାଜ୍ୟରେ ତୈଳ ସଂକଟ ଦେଖାଦେବା ନେଇ ଖବର ଆସିବା ପରେ ସ୍ଥିତି ଆହୁରି ଜଟିଳ ହୋଇଛି। ଏଭଳି ସ୍ଥିତିରେ ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଭଣ୍ଡୁର ପାଇଁ ରାଜ୍ୟ ସରକାର ଷଡ଼ଯନ୍ତ୍ର କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା। ସେ କହିଛନ୍ତି ଯେ ରାଜ୍ୟରେ ବିଜେପିର ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଛି, ସରକାର ଆସ୍ଥା ହରାଉଛନ୍ତି । ଲୋକମାନେ କଂଗ୍ରେସମୁହାଁ ହେଉଛନ୍ତି, ସେଥିପାଇଁ ସରକାର ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଷଡ଼ଯନ୍ତ୍ର କରିଛନ୍ତି । ତୈଳ ଅଭାବ ସରକାରଙ୍କ ପ୍ରାୟୋଜିତ ଓ ଡ୍ରାଇଭରଙ୍କ ଦାବି ପୂରଣ ନ କରି ପରୋକ୍ଷ ଭାବରେ ପରିସ୍ଥିତିକୁ ଜଟିଳ କରାଯାଇଛି। କଂଗ୍ରେସ ଡ୍ରାଇଭରଙ୍କ ଆନ୍ଦୋଳନକୁ ସମର୍ଥନ କରିବାକୁ ସରକାର ପ୍ରତିଶୋଧ ପରାୟଣ ହୋଇ ରାହୁଲଙ୍କ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବାକୁ ଯୋଜନା କରିଛନ୍ତି।

ଅନ୍ୟପକ୍ଷରେ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ଗସ୍ତ ପୂର୍ବରୁ ସରକାର ଡ୍ରାଇଭରମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବି ପୂରଣ କରନ୍ତୁ। ଡ୍ରାଇଭର ସଂଘର ଦାବିକୁ କଂଗ୍ରେସ ସମର୍ଥନ ଜଣାଇଥିବା ବେଳେ ଡ୍ରାଇଭରମାନେ ମଧ୍ୟ ସେମାନଙ୍କୁ ସହଯୋଗ କରିବେ ବୋଲି ଭକ୍ତ ଆଶାପ୍ରକାଶ କରିଛନ୍ତି ।


SBI

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 541**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://bank.sbi/careers/current-openings** ରେ ବିଜ୍ଞାପନ ନମ୍ବର **CRPD/PO/2025-26/04** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: **24.06.2025** ରୁ **14.07.2025** ପର୍ଯ୍ୟନ୍ତ ।


ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"** ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 24.06.2025

ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ ।
- ଡେସ୍‌ମଣ୍ଡ ଟୁଟୁ

## ବନ୍ଦ ଓ ଧର୍ମଘଟ

କର୍ପୋରେଟ ସଂସ୍କୃତି ଏଭଳି କାୟାବିସ୍ତାର କରିଛି ଯେ ଶ୍ରମିକ ଓ କର୍ମଜୀବୀଙ୍କ ନ୍ୟାୟୋଚିନ ଦାବି ଦିନକୁ ଦିନ ଗୁରୁତ୍ୱ ହରାଉଛି । ଦାବି ପୂରଣ ଦୂରର କଥା ଆପୋସ ଆଲୋଚନା ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ନେଇ ବିଳମ୍ବିତ ନିଷ୍ପତ୍ତି ବିଭିନ୍ନ ମହଲରେ ହତାଶା ସୃଷ୍ଟି କରିଛି । ଧର୍ମଘଟ, ବନ୍ଦ ଓ ହରତାଳ କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନରେ ସୀମିତ ରହିଛି । ସଂସ୍ଥା ଓ କ୍ଷେତ୍ର ବିଶେଷରେ ଏହି ଧର୍ମଘଟ ଓ ଆନ୍ଦୋଳନ ସଂପ୍ରତି ବିଶେଷ ପ୍ରଭାବ ପକାଇ ପାରୁନି । ନିକଟ ଅତୀତରେ ବିବାଦୀୟ କୃଷି ଆଇନକୁ ନେଇ କୃଷକ ଆନ୍ଦୋଳନକୁ ଭଣ୍ଡୁର କରିବା ସକାଶେ ନାନା କଟକଣା ଓ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ କାହାକୁ ଅଛପା ନାହିଁ । କେବଳ ରାଜନୈତିକ ସ୍ୱାର୍ଥସାଧନ ପାଇଁ ଆଇନ ପ୍ରତ୍ୟାହାର ହେଲା ସିନା ପ୍ରତିଶ୍ରୁତି ପୂରଣ ହେଲାନି । ମଙ୍ଗଳବାର ଓ ବୁଧବାର ଆମ ରାଜ୍ୟ ଦୋହରା ଧର୍ମଘଟ ଓ ଆନ୍ଦୋଳନର ସମ୍ମୁଖୀନ ହୋଇଛି । ୭ ଦଫା ଦାବିକୁ ନେଇ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ସଡ଼କ ପରିବହନ ଶ୍ରମିକ ମହାସଂଘର ମିଳିତ ମଞ୍ଚ ବିରୋଧ କରିବାରୁ ବିଶେଷ ଫଳପ୍ରଦ ହୋଇନାହିଁ । ଏକଥା ସତ ଯେ ଏହି ଆନ୍ଦୋଳନ ଯାନବାହନ ଚଳାଚଳକୁ ପ୍ରଭାବିତ କରିଥିଲେ ହେଁ ଅଚଳ ଅବସ୍ଥା ସୃଷ୍ଟି କରିପାରିନି ।

ଅବଶ୍ୟ ବୁଧବାର ଦେଶବ୍ୟାପୀ ଧର୍ମଘଟର ପ୍ରଭାବରେ ବ୍ୟାଙ୍କ କାରବାର ଏକ ପ୍ରକାର ଅଚଳ ହୋଇଯାଇଛି । ପ୍ରାୟ ୨୫ କୋଟି ଶ୍ରମିକ ଓ କର୍ମଚାରୀ ଅଂଶଗ୍ରହଣ କରିଥିବାରୁ ସେମାନଙ୍କ ୧୭ ଦଫା ଦାବି ଆଲୋଚନା ପରିସରକୁ ଆସିବାର ସୁଯୋଗ ସୃଷ୍ଟି କରିଛି । ବ୍ୟାଙ୍କ, ବୀମା ଓ ଡାକ କର୍ମଚାରୀଙ୍କ ସହ ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ ଓ ଶ୍ରମିକଙ୍କ ପକ୍ଷରୁ ଏହି ଧର୍ମଘଟ ପ୍ରତି ସମର୍ଥନ ମିଳିଛି । ଉପସ୍ଥାପନ କରାଯାଇଥିବା ଦାବିର ଯେ ଯଥାର୍ଥତା ନାହିଁ ଏ କଥା ନୁହେଁ । ଏହି ଦାବିଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସରକାର ବାତିଲ କରିଥିବା ଚାରି ଶ୍ରମ କୋଡ୍‌ର ପୁନଃ ପ୍ରଚଳନ । ଯେଉଁଠି ଠିକା ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟଠାରୁ ଅଧିକ ଖଟିବାକୁ ଚାପ ପଡୁଛି ଏବଂ କୌଣସିପ୍ରକାରେ ଅଳ୍ପଖର୍ଚ୍ଚରେ କାମ ଆଦାୟ କରିବାର ମାନସିକତାକୁ ପ୍ରୋତ୍ସାହନ ମିଳୁଛି, ସେଠାରେ ଶ୍ରମ କୋଡ ଅର୍ଥହୀନ ହେବା ସ୍ୱାଭାବିକ । ଯେଉଁଠି ସାପ୍ତାହିକ ଛୁଟି ଦିବସରେ ଦେଶର ପ୍ରଗତି ଓ ବିକାଶ ପାଇଁ କାମ କରିବାକୁ କମ୍ପାନୀର ଏମ୍‌ଡି ଖୋଲା ଆହ୍ୱାନ ଦେଇପାରୁଛନ୍ତି ସେଠାରେ ନ୍ୟାୟୋଚିତ ଦାବି କଥା ପଚାରେ କିଏ । ଏହି ପ୍ରସଙ୍ଗ ଉଲ୍ଲେଖ କଲାବେଳେ ଗୋଟିଏ ଅସମାନତାର ଦୃଶ୍ୟ ଆଖି ଆଗରେ ଜଳ ଜଳ ହୋଇ ପରିଲକ୍ଷିତ ହୁଏ । ଗୋଟିଏ ସଂସ୍ଥାରେ ସ୍ଥାୟୀ ଓ ଠିକା କର୍ମଚାରୀ ଏକାଠି ସମାନ କାମ କରୁଥିବା ବେଳେ ଠିକା କର୍ମଚାରୀଙ୍କୁ ଆବଶ୍ୟକତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼େ । ଅଥଚ ସେ ସ୍ଥାୟୀ କର୍ମଚାରୀଙ୍କ ବେତନର ୫୦ ଶତାଂଶ ମଧ୍ୟ ପାଏନି । ଏହି ତାରତମ୍ୟ ଓ ବୈଷମ୍ୟ ଧର୍ମଘଟ ଓ ଆନ୍ଦୋଳନ ପାଇଁ ପ୍ରେରିତ କରେ । ଆମେ ଏଠି ବ୍ୟର୍ଥ ପ୍ରୟାସ ତ କରିବାନି, କିଛି ଆଶା ଓ ସମ୍ଭାବନାର ନିଶ୍ଚୟ ଅଙ୍କ କଷିବା ।

ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ ଦେବା, ଠିକା ବଦଳରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ବିଭିନ୍ନ ସଂସ୍ଥାରେ ଶୂନ୍ୟ ପଡ଼ିଥିବା ସ୍ଥାନରେ ନୂତନ ନିଯୁକ୍ତି, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ଓ ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ ଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରାଯାଇଛି । କର୍ପୋରେଟ ସଂସ୍ଥାରେ କମ ଖର୍ଚ୍ଚରେ ଅଧିକ କାମ ଉଠାଇ ଲାଭବାନ ଦେବାର ମାନସିକତାକୁ ପ୍ରୋତ୍ସାହନ ମିଳୁଥିବାରୁ ସେମାନେ ବା ଶୁଣିବେ କାହିଁକି? ୪ ଶ୍ରମ କୋଡ ବାତିଲ ପଛରେ ସେମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର ଦାବି । ବ୍ୟାଙ୍କର ତିନିଟି ଯାକ ସଂଗଠନ ଏହି ପ୍ରସଙ୍ଗ ଉପସ୍ଥାପନ କରି ବାଧାପ୍ରାପ୍ତ ବ୍ୟାଙ୍କ କାରବାରରେ କ୍ଷତିଗ୍ରସ୍ତ ଗ୍ରାହକଙ୍କ ମନ ଜିଣିବାର ପ୍ରୟାସ କରିଛନ୍ତି । ତେବେ ଏକଥା ସତ ଯେ କ୍ରମାଗତ ସୁଧହାର ହ୍ରାସ ଘଟୁଥିବା ବେଳେ ଜମାକାରୀଙ୍କୁ ଦେବାକୁ ପଡୁଥିବା ସେବାକର କଟାଘା’ରେ ଚୂନ ଲଗାଇଲା ଭଳି ହୋଇଛି । ବ୍ୟାଙ୍କ ଅଫିସର ଓ କର୍ମଚାରୀ ସଂଗଠନ ଧର୍ମଘଟକୁ ସମର୍ଥନ କରିଥିବାରୁ ସେବା ବାଧାପ୍ରାପ୍ତ ହୋଇଛି । ଯେତେଦୂର ମନେ ହୁଏ ଖୁବ୍ ଶୀଘ୍ର ଦାବିଗୁଡ଼ିକ ଆଲୋଚନା ପରିସରକୁ ଆସିପାରେ । ଏନେଇ ସବୁଜ ସଙ୍କେତ ମଧ୍ୟ ମିଳିଛି ।

ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ଶତାଧିକ କେନ୍ଦ୍ରୀୟ ଫେଡେରେସନର ମିଳିତ ମଞ୍ଚ ଏକତ୍ର ହେବା ବ୍ୟବସ୍ଥାକୁ ସୁଧାରିବାରେ ନିଶ୍ଚୟ ସହାୟକ ହେବ । ଦାବିଗୁଡ଼ିକ ଯେ ଯଥାର୍ଥ ନୁହେଁ ଏକଥା କୁହାଯାଇପାରିବନି । ଦେଶରେ ବେକାରୀ ଏକ ଉତ୍କଟ ସମସ୍ୟା ହୋଇଥିବାରୁ ତାହାର ସ୍ଥାୟୀ ସମାଧାନ ସ୍ୱରୂପ ଖାଲି ପଡ଼ିଥିବା ସ୍ଥାନ ପୂରଣ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉଚିତ । ଠିକା ନିଯୁକ୍ତି ସମସ୍ୟାର ସମାଧାନ ନୁହେଁ, ବରଂ ଏହାକୁ ଶୋଷଣ କୁହାଯାଇପାରେ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କୁ ସ୍ଥାୟୀ କରାଯାଇପାରିଲେ ସମସ୍ୟ ଓ ସଂକଟ ଦୂର ହେବା ପାଇଁ ପଥ ପରିଷ୍କାର ହୋଇପାରିବ । ଏଠାରେ ଆମକୁ ଦର୍ଶାଇବାକୁ ପଡୁଛି ଯେ କର୍ପୋରେଟ ସଂସ୍ଥା ସରକାରଙ୍କଠାରୁ ଟିକସରେ ରିହାତି ଓ ସୁବିଧାରେ ଋଣ ପାଉଥିବା ବେଳେ ଠିକା ନିଯୁକ୍ତି ଓ କର୍ମସଂସ୍କୃତିର ଉଲ୍ଲଙ୍ଘନ ଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ୍ । ଏ ଦିଗରେ ସରକାରଙ୍କ ପକ୍ଷରୁ ଚାପ ପ୍ରୟୋଗ ଜରୁରୀ ହୋଇପଡ଼ିଛି । ଏମିତିରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ସକାଶେ ସରକାର ସେମାନଙ୍କୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି ତାହା ପୂରଣ ହେଉ ନଥିବା ବେଳେ ସେମାନେ ଅନ୍ତତଃ ଶୋଷଣମୁକ୍ତ ଅବ୍ୟସ୍ଥାକୁ ଆଗେଇନେବା ଉଚିତ୍ ।

ଗତ କିଛି ବର୍ଷ ହେଲା ଟ୍ରେଡ ୟୁନିୟନ କାର୍ଯ୍ୟକ୍ରମ ଥମି ଯାଇଛି । ପରିବର୍ତ୍ତିତ ପରିସ୍ଥିତି ଓ ପରିବେଶରେ ସେମାନଙ୍କ ଭୂମିକା ଗୌଣ ହୋଇପଡୁଥିବାର ଲକ୍ଷ୍ୟ କରାଯାଇଛି । ଦୀର୍ଘ ବ୍ୟବଧାନରେ ଏହି ମିଳିତ ଆହ୍ୱାନ ଆଗାମୀ ଦିନରେ ଫଳପ୍ରଦ ହେବ ବୋଲି ଆଶା କରିବା ସ୍ୱାଭାବିକ ।

## ଉଭିଦର ଇନ୍ଦ୍ରିୟାନୁଭବ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଗଛକୁ ଆମେ ବୃକ୍ଷଦେବତା ବୋଲି କହୁ । ଅତଏବ ଆମେ ପରୋକ୍ଷରେ ସ୍ୱୀକାର କରୁ ଯେ ଏହାର ରହିଛି ମଣିଷଠାରୁ ଅଧିକ ଚେତନା ଶକ୍ତି । ପ୍ରକୃତରେ ଏହା କିଛିମାତ୍ରାରେ ସତ୍ୟ । ମଣିଷଠାରୁ ଅଧିକ ନ ହେଲେ ବି ଏହାର କୌଣସି ପ୍ରକାର ଇନ୍ଦ୍ରିୟାନୁଭବ ଶକ୍ତି ଥିବାର ଏବେ ସ୍ୱୀକାର କଲେଣି ଉଭିଦ ବିଜ୍ଞାନୀମାନେ ।

ମଣିଷ ତା’ର ଦୈନନ୍ଦିନ ଜୀବନଯାତ୍ରା ସୁରୁଖୁରୁରେ ସଂପାଦନ କରିଥାଏ ପାଞ୍ଚୋଟି ଇନ୍ଦ୍ରିୟମାନଙ୍କ ଉପରେ ମୁଖ୍ୟତଃ ନିର୍ଭର କରି । ସେଗୁଡ଼ିକ ତାକୁ ସକ୍ଷମ କରିଥା’ନ୍ତି ସ୍ପର୍ଶ, ଦୃଷ୍ଟି, ଧ୍ୱନି, ଗନ୍ଧ ଓ ସ୍ୱାଦ ମାଧ୍ୟମରେ ତା’ ପରିବେଶର ଏକ ଛବି ପ୍ରସ୍ତୁତି କରିବାରେ । ଫଳରେ ସେ ହଠାତ୍ ଆସୁଥିବା ଯେକୌଣସି ପରିସ୍ଥିତି ପ୍ରତି ପ୍ରତିକ୍ରିୟା ପ୍ରକଟ କରିବାକୁ ସମର୍ଥ ହୁଏ । ଅଧିକାଂଶ ଜୀବ ସେମାନଙ୍କୁ ଶିକାର କରିବାକୁ ଆସୁଥିବା ଜୀବମାନଙ୍କଠାରୁ ଆତ୍ମରକ୍ଷା, ଖାଦ୍ୟ ଅନ୍ୱେଷଣ ଏବଂ ନିରାପଦ ଆଶ୍ରୟ ଖୋଜିବା ପାଇଁ ଏହା ବ୍ୟବହାର କରିଥା’ନ୍ତି । ଗଛଲତାମାନେ ମଧ୍ୟ ସେମାନଙ୍କ ପରିବେଶ ସଂପର୍କରେ ଅନେକ କଥା ଅନୁଭବ କରିପାରନ୍ତି । ଏହା ସେମାନଙ୍କଠାରେ ଚାପ ସୃଷ୍ଟି କରେ । ଅଧିକାଂଶ ପ୍ରାଣୀମାନଙ୍କ ଭଳି ସେମାନେ ଆକ୍ରମଣ, ସଂକ୍ରମଣ, କ୍ଷୟକ୍ଷତି କିମ୍ବା ପ୍ରତିକୂଳ ପରିବେଶର ସମ୍ମୁଖୀନ ହେଲେ ନିଜକୁ ସୁରକ୍ଷାଦେବା ପାଇଁ ସ୍ଥାନଟି ଛାଡ଼ି ପଳାୟନ କରିପାନ୍ତି ନାହିଁ ସିନା ବଞ୍ଚିରହିବା ଲାଗି ତାଙ୍କଠାରେ ବିଶ୍ୱାସ କରି ନ ହେଲା ଭଳି ପ୍ରତିକ୍ରିୟାମାନ ପ୍ରକାଶ ପାଏ । ଏହା ମୂଳରେ ରହିଛି ସେମାନଙ୍କ ‘ଇନ୍ଦ୍ରିୟାନୁଭବ’ ଶକ୍ତି ।

**ସ୍ପର୍ଶ:** ଉଭିଦବିଜ୍ଞାନୀମାନଙ୍କ ମତରେ ବହୁ ଶିମ୍ବଜାତିର ଲତାମାନେ ସ୍ପର୍ଶ ଜନିତ ଅନୁଭବ ମାଧ୍ୟମରେ ଉପଯୁକ୍ତ ଆଶ୍ରୟ ବାଛିଲା ବେଳେ ଆରାବିଡ୍‌ଡୋପ୍‌ସିସ୍ ଭଳି ଗଛକୁ ଛୁଇଁ ଦେଲେ ତାହା ଚାପ ଅନୁଭବ କରେ ଏବଂ ଏହାର ଅଭିବୃଦ୍ଧି ହ୍ରାସ ପାଏ । ସେହିପରି ଲାଜକୁଳୀ ଲତାର ପତ୍ରଗୁଡ଼ିକୁ ସ୍ପର୍ଶ ମାତ୍ରକେ ବୁଜି ହୋଇଯାଆନ୍ତି । ଏହାଦ୍ୱାରା ସେଗୁଡ଼ିକ ନିଜକୁ ସୁରକ୍ଷା ଦିଅନ୍ତି । ପୁନଶ୍ଚ ଏପରି ଅନେକ ପ୍ରଜାତିର ଗଛଲତା ଅଛନ୍ତି ଯାହାର ଚେର ଭୂମିକୁ ଛୁଇଁ ସେଠାରେ ମାଟି ଅଛି କି ନାହିଁ ସ୍ଥିର କରି ଏବଂ ପଥର, ବାଲି ତଥା ବିଷାକ୍ତ ପଦାର୍ଥକୁ ଏଡ଼ାଇ ବଢ଼ିଥା’ନ୍ତି । ସ୍ପର୍ଶ ପ୍ରତି ଗଛଲତାଙ୍କ ସଂପୃକ୍ତିର ଅନ୍ୟଏକ ଉଦାହରଣ ହେଲା ଭେନସ୍‌ଫ୍ଲଏଟ୍ରାପ୍ । ଏହାର ଯନ୍ତା ଭଳି କାର୍ଯ୍ୟକରୁଥିବା ପତ୍ରଗୁଡ଼ିକ ଉପରେ କୀଟପତଙ୍ଗ ପଡ଼ିବା ସଂଗେ ସଂଗେ ତାହା ବନ୍ଦ ହୋଇଥାଏ । ଅନ୍ୟପକ୍ଷରେ, ତା’ ଉପରେ ଧୂଳି କଣା କିମ୍ବା ଅନ୍ୟକିଛି ପଦାର୍ଥ ପଡ଼ିଗଲେ ଏ ପ୍ରତିକ୍ରିୟା ପ୍ରକାଶ ହୁଏ ନାହିଁ । ଅତଏବ ଏହି କୀଟରକ୍ଷା ଉଭିଦଟି ସ୍ପର୍ଶ ମାଧ୍ୟମରେ ହିଁ ଏଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦତା ଅନୁଭବ କରିପାରେ । ଏହାର ପତ୍ରଗୁଡ଼ିକ ପୃଷ୍ଠଭୂମିରେ ଥାଏ ସୂକ୍ଷ୍ମ ସମ୍ବେଦନଶୀଳ କେଶରାଜି । ସେଗୁଡ଼ିକ ତା’କୁ ଏ ପ୍ରକ୍ରିୟାରେ ସହାୟତା କରନ୍ତି ।

**ଧ୍ୱନି:** ଆଜି ପର୍ଯ୍ୟନ୍ତ ଗଛଲତାମାନଙ୍କ ବିଭିନ୍ନ ଧ୍ୱନି ପ୍ରତି କିପରି ପ୍ରତିକ୍ରିୟା ପ୍ରକଟ କରନ୍ତି ସେହି ସଂପର୍କରେ ଖୁବ୍ କମ ଜଣାଥିଲା । କିନ୍ତୁ ଏବେ ବୈଜ୍ଞାନିକମାନେ ପ୍ରଦର୍ଶନ କଲେ ଯେ ସେଗୁଡ଼ିକ କେବଳ ଯେ ନିକଟରେ ଥିବା ପରାଗସଂଗମକାରୀ ଏବଂ ଆକ୍ରମଣକାରୀ କୀଟପତଙ୍ଗ ସ୍ଥାନକୁ ଶୁଣିପାରନ୍ତି, ତା’ ନୁହେଁ । ସେମାନେ ସୃଷ୍ଟି କରୁଥିବା ଧ୍ୱନି ବା ଶବ୍ଦ ମଧ୍ୟରେ ଥିବା ତାରତମ୍ୟ ଜାଣିପାରନ୍ତି ଏବଂ ସେମାନଙ୍କ ଆଗମନ ଲାଗି ପ୍ରସ୍ତୁତ ହୋଇଯାନ୍ତି ।

୨୦୧୪ ମସିହାରେ ମିଶୋରୀ ବିଶ୍ୱବିଦ୍ୟାଳୟ ଉଭିଦ ବିଜ୍ଞାନୀ ହେଇଡି ଆପେଲ ଏବଂ ରେଗିନାଲ୍‌ଡ୍ କୋକ୍ରେଫ୍ଟ ଏ ସଂପର୍କରେ ଗବେଷଣାପତ୍ରଟିଏ ପ୍ରକାଶ କରିଥିଲେ । ଏଥିରେ ସେମାନେ ସୂଚୀତ କରଇଥିଲେ କେତେକ ବିଶେଷ ଯନ୍ତ୍ରପାତି ସାହାଯ୍ୟରେ ଶଂବାଳୁଆମାନେ ପତ୍ର ଚୋବାଇଲା ବେଳର ଧ୍ୱନିକୁ ଲିପିବଦ୍ଧ କରୁଥିବାର । ତତ୍ପରେ ତାହାକୁ ଏବଂ ବାୟୁ ପ୍ରବାହର ତଥା ଅଣଆକ୍ରମଣକାରୀ କୀଟମାନଙ୍କ ଧ୍ୱନିକୁ ଲିପିବଦ୍ଧ କରି କିଛି ସୁସ୍ଥ ତଥା ଅକ୍ଷତ ଆରାବିଡୋପ୍‌ସିସ୍ ଗଛଙ୍କୁ ଶୁଣାଇଥିଲେ । ଏଥିରୁ ଜଣାପଡ଼ିଲା ଯେ ଯେଉଁସବୁ ଗଛମାନଙ୍କୁ ଶଂବାଳୁଆ ପତ୍ର ଚୋବାଇବାର ଧ୍ୱନି ଶୁଣାଯାଇଥିଲା ସେମାନେ ଏହାଦ୍ୱାରା ପ୍ରକୃତରେ ଆକ୍ରମଣର ଶିକାର ହୋଇଥିବା ଗଛଲତାଙ୍କ ଭଳି ପ୍ରତିରକ୍ଷା ଲାଗି ରସାୟନମାନ ନିର୍ଗତ କରାଇବାକୁ ଲାଗିଲେ । କିନ୍ତୁ ଅନ୍ୟଗୁଡ଼ିକ ସେପରି କଲେ ନାହିଁ ।

ନିକଟରେ ତେଲ୍‌ଆଭିଭ୍ (ଇସ୍ରାଏଲ୍) ବିଶ୍ୱବିଦ୍ୟାଳୟର ଗବେଷକ ଲିଲାଚ୍ ହାଡାନି ଏବଂ ତାଙ୍କ ସହଯୋଗୀମାନେ ଆବିଷ୍କାର କରିଛନ୍ତି ‘ବିଚ୍ ଇଭିନିଂ ପ୍ରାଇମୋରୋଜ୍’ ନାମକ ଉଭିଦ ପରାଗ ସଂଗମକାରୀ କୀଟମାନଙ୍କୁ ପ୍ରତ୍ୟକ୍ଷଭାବେ ‘ଶ୍ରବଣ’ କରିପାରିବାର । ତାଙ୍କ ପରୀକ୍ଷାରେ ଯେତେବେଳେ ବୃକ୍ଷମାନଙ୍କୁ ଆଗରୁ ଲିପିବଦ୍ଧ (ରେର୍କଡିଂ) ହୋଇଥିବା ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣିବାକୁ ଦିଆଗଲା, ସେତେବେଳେ ଫୁଲଗୁଡ଼ିକ ତନ୍ମଧ୍ୟରେ ଥବା ମହୁରେ ଶର୍କରାର ପରିମାଣ ବୃଦ୍ଧି କରି ତାହାକୁ ଅଧିକ ମଧୁର କରିବାକୁ ଲାଗିଲେ । ତେବେ ଗଛଲତାମାନେ ଏପରି ଧ୍ୱନିକୁ କେଉଁ କ୍ରିୟାବିଧି ଅନୁସାରେ ଶୁଣନ୍ତି ତାହା ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ ।

**ସ୍ୱାଦ ଓ ଗନ୍ଧ:** ଗଛଲତାମାନେ ଆଲୋକ ସଂଶ୍ଳେଷଣ ମାଧ୍ୟମରେ ସେମାନଙ୍କ ଖାଦ୍ୟ ପ୍ରସ୍ତୁତ କରନ୍ତି । ତେଣୁ ଆମ ଭଳି ସ୍ୱାଦ ବା ଗନ୍ଧ ବାରିବା ତାଙ୍କ ପାଇଁ ଅନାବଶ୍ୟକ । ତେବେ ବୃକ୍ଷଲତା ତାହା ଅନୁଭବ କରି ଭିନ୍ନ କାମରେ ଲଗାନ୍ତି । ସେଥିପାଇଁ ତାଙ୍କଠାରେ ରହିଛି କିଛି ବିଶେଷଧରଣର ସଂବେଦକ । ଏହାରି ସାହାଯ୍ୟରେ ସ୍ୱାଦ ଓ ଗନ୍ଧ ବାରି ସେଗୁଡ଼ିକ ମାଟିରେ ଥିବା ବିଭିନ୍ନ ପୁଷ୍ଟିର ସନ୍ଧାନ କରିବା କିମ୍ବା ବିଷାକ୍ତ ପଦାର୍ଥ ଥିବା ସ୍ଥାନରେ ଚେରଗୁଡ଼ିକୁ ବିସ୍ତାର ହେବାକୁ ନଦେବା ଭଳି କାର୍ଯ୍ୟ କରନ୍ତି । ପୁନଶ୍ଚ ବିଶ୍ୱାସ କରି ନହେଲେ ବି ଏକଥା ସତ ଯେ ଗଛଲତାମାନେ ତାଙ୍କ ପ୍ରତିବେଶୀମାନଙ୍କୁ ଆଘ୍ରାଣ କରି ସେମାନଙ୍କ ମଧ୍ୟରୁ ନିଜ ସଂପର୍କୀୟମାନଙ୍କୁ (ଏକା ଜାତିର ଗଛଲତା) ଚିହ୍ନଟ କରିଥା’ନ୍ତି । ଏପରିକି ତାଙ୍କ ଚାରାଗଛଗୁଡ଼ିକ ପାଇଁ ଚେର ସାହାଯ୍ୟରେ ପୁଷ୍ଟି ଓ ଜଳ ପ୍ରେରଣ କରନ୍ତି ବୋଲି କୁହାଯାଏ । ଏହା ଜଙ୍ଗଲମାନଙ୍କରେ ସେମାନଙ୍କ ପ୍ରଜାତିର ବିସ୍ତାର ଦିଗରେ ସହାୟକ ହୁଏ । କେତେକ ଜାତିର ଗଛ ଆକ୍ରମଣ ସମୟରେ ପଡ଼ୋଶୀମାନଙ୍କୁ ସତର୍କ କରାଇ ଦେବା ପାଇଁ ଉଦ୍‌ବାହୀ ରସାୟନମାନ ସୃଷ୍ଟି କରି ବାୟୁରେ ଛାଡ଼ିଥା’ନ୍ତି । ସେମାନେ ତାହା ଆଘ୍ରାଣକରି ନିଜଠାରେ ପ୍ରତିରୋଧୀ ରସାୟନମାନ ସୃଷ୍ଟି କରିବାକୁ ସକ୍ଷମ ହୁଅନ୍ତି ।

**ଦୃଷ୍ଟି:** ଅଧିକାଂଶ ନିମ୍ନଶ୍ରେଣୀର ପ୍ରାଣୀ ମୁଖ୍ୟତଃ ଗନ୍ଧ ଉପରେ ନିର୍ଭର କରିଥା’ନ୍ତି ସେମାନଙ୍କ ପରିବେଶ ମଧ୍ୟରେ ଚଳପ୍ରଚଳ ହେବାକୁ । କେବଳ ମଣିଷ ଏବଂ କେତେକ ଉଚ୍ଚଶ୍ରେଣୀର ଜୀବଙ୍କର ଦୃଷ୍ଟି ବା ଦର୍ଶନ ଶକ୍ତି ହେଲା ଏଥିପାଇଁ ପ୍ରଧାନ ଅବଲମ୍ବନ । ଗଛଲତାମାନେ ଏମାନଙ୍କ ପରି ଦେଖିବାକୁ ସକ୍ଷମ ନୁହନ୍ତି । ତେବେ ସେଗୁଡ଼ିକ ନାନା ପ୍ରକାର ଆଲୋକକୁ ଅଲଗା ଅଲଗା ରୂପେ ବାରିପାରନ୍ତି ତାହା ଅଲଟ୍ରା ଭାଓଲେଟ୍ (ଅତିଘନ ବାଇଗଣୀ) ହେଉ, ଦୃଶ୍ୟମାନ ହେଉ କିମ୍ବା ଇନ୍‌ଫ୍ରାରେଡ୍(ପାରଲୋହିତ) ହେଉ । ଏହାର ଏକ ଜଣାଶୁଣା ଉଦାହରଣ ହେଲା କମ୍ ବୟସରେ ସୂର୍ଯ୍ୟମୁଖୀ ଗଛ ସୂର୍ଯ୍ୟଲୋକ ଆଡ଼କୁ ମୁହଁ କରି ବଢ଼ିବା । ଏହାଫଳରେ ତାହା ସର୍ବାଧିକ ଆଲୋକପ୍ରାପ୍ତ ହୋଇଥାଏ ସଫଳ ଭାବେ ଆଲୋକ ସଂଶ୍ଳେଷଣ ସଂପାଦନ ଲାଗି । ସେହିଭଳି ଏକ ମନମୁଗ୍ଧକାରୀ ଲତା ହେଲା ଚିଲି ଏବଂ ଆର୍ଣ୍ଟରାଟିକାର ‘ବୋକ୍ୟୁଇଲା ଟ୍ରାଇଫୋଲିଏଟ୍’ । ନିଜ ପତ୍ରର ଆକୃତି, ଆକାର, ରଙ୍ଗ ଏବଂ ଏପରିକି ତହିଁରେ ଥିବା ଶିରାପ୍ରସିରା ବ୍ୟବସ୍ଥାର ରୂପ ବଦଳାଇ ଏହା ଆଶ୍ରୟଦାତା ଗଛକୁ ଅନୁକରଣ କରି ବଢ଼େ । ମନେ କରାଯାଏ ଯେ ଆକ୍ରମଣକାରୀ କୀଟଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଏହା ଏପରି କରେ । ୨୦୨୧ ମସିହାରେ ଏହା ଉପରେ ଅଧ୍ୟୟନ କରିଥିଲେ ଆର୍ଜେଣ୍ଟିନାର ଏର୍ନିଷ୍ଟୋ ଗିଆନିଲି ଏବଂ ଫର୍ଣ୍ଣାଣ୍ଡୋ କାରାସ୍କୋ ୟୁରା । ସେଥିରେ ସେମାନେ ଲତାଟିକୁ ଏକ କୃତ୍ରିମ ପ୍ଲାଷ୍ଟିକ ନିର୍ମିତ ଗଛ ଉପରେ ମାଡ଼ିବାକୁ ଦେଲେ । ଫଳରେ ଦେଖାଗଲା ଯେ ଏହା ତା’କୁ ମଧ୍ୟ ଅନୁକରଣ କରିଛି । ଅବଶ୍ୟ ତା’ର ଏ ପ୍ରକାର ଆଚରଣ ମୂଳରେ ଥିବା କ୍ରିୟାବିଧି ନିଶ୍ଚିତ କରିପାରି ନାହାନ୍ତି । ତେବେ ଏଥିସହିତ ତାହାର କୌଣସି ପ୍ରକାର ଦୃଷ୍ଟି ଶକ୍ତି ବା ଦର୍ଶନେନ୍ଦ୍ରୀୟ ଜଡ଼ିତ ଥିବାର ସେମାନେ ଅନୁମାନ କରିଛନ୍ତି ।

ଚାପ ଅନୁଭବ: ଗଛଲତାମାନେ ମଧ୍ୟ ମଣିଷ ଭଳି ଚାପ ଅନୁଭବ କରନ୍ତି ବୋଲି ମନେ କରନ୍ତି କେତେକ ଉଭିଦ ବିଜ୍ଞାନୀ । ସେମାନଙ୍କ ମତରେ ସେଗୁଡ଼ିକଙ୍କର ସଂବେଦନକାରୀ କ୍ରିୟାବିଧି ସମ୍ପର୍କରେ ସଠିକ୍ ଜଣାପଡ଼ି ନଥିଲେ ହେଁ କେତେକ ପାରିପାର୍ଶ୍ୱିକ ଅବସ୍ଥାରେ ଅତ୍ୟଧିକ କ୍ରିୟାଶୀଳ ଏବଂ ଚାପଗ୍ରସ୍ତ ହେଲା ଭଳି ମନେ ହୁଏ । ସେଗୁଡ଼ିକୁ ଶାନ୍ତ କରିବା ପାଇଁ ଅର୍ଥାତ୍ ତାଙ୍କର ସଂବେଦନଶୀଳତା ହ୍ରାସ ଲାଗି ନିଶାଦ୍ରବ୍ୟ ବ୍ୟବହାର କରାଯାଇ ପାରିବ ବୋଲି ଜଣାପଡ଼ିଛି ବ୍ରିଟିଶ୍ ବୈଜ୍ଞାନିକ ଡବ୍ଲୁ ଏଫ୍ କ୍ଲେମେନ୍‌ସଙ୍କ ଗବେଷଣାରୁ । ଅନ୍ୟପକ୍ଷରେ କୀଟପତଙ୍ଗମାନଙ୍କ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହେଲେ ସେଗୁଡ଼ିକ କ୍ଷତଗୁଡ଼ିକୁ କମ କରିବା ପାଇଁ ନିଜେ ନିଜର ନିଶାକାରୀ ରାସାୟନମାନ ମଧ୍ୟ ସୃଷ୍ଟି କରନ୍ତି ।

ଗଛଲତାମାନଙ୍କ ଅନୁଭବ ଶକ୍ତି ଆମ ତୁଳନାରେ କମ ହେଲେ ହେଁ ଏହା ପ୍ରକୃତରେ ଜଟିଳ ଏବଂ ସଦା ପରିବର୍ତ୍ତନଶୀଳ । ସେମାନେ ତାଙ୍କ ବନ୍ଧୁ ବା ଶତ୍ରୁମାନଙ୍କୁ ଶୁଣିପାରନ୍ତି । ପରିବାର ସହିତ ସଂପର୍କ ରଖନ୍ତି । ସଂପ୍ରଦାୟ ସୃଷ୍ଟି କରନ୍ତି । ଆକ୍ରମଣରୁ ନିଜକୁ ସୁରକ୍ଷାଦେବାର ବ୍ୟବସ୍ଥା କରିପାରନ୍ତି ଏବଂ ପରିବର୍ତ୍ତିତ ପରିବେଶ ସହିତ ଖାପଖୁଆଇ ପାରନ୍ତି । ଅତଏବ ଏ ଦୃଷ୍ଟିରୁ ଅର୍ଥାତ୍ ଇନ୍ଦ୍ରିୟାନୁଭବ ସାମର୍ଥ୍ୟ ଦୃଷ୍ଟିରୁ ସେଗୁଡ଼ିକ ସମ୍ଭବତଃ ଆମଠାରୁ ବିଶେଷ ଭିନ୍ନ ନୁହନ୍ତି ।

ଭୁବନେଶ୍ୱର, ମୋ- ୯ ୯୩୭୩୦୧୪୬୦

## ଆମ୍ବେଦକରଙ୍କ ଚିନ୍ତନରେ ଚାଷୀ ଓ ଶ୍ରମିକ

ଦୀନବନ୍ଧୁ ଅଧିକାରୀ

ଭାରତରେ ଡ. ଭୀମରାଓ ବାବାସାହେବ ଆମ୍ବେଦକର ହିଁ ପ୍ରଥମେ ଚାଷୀ ଓ ଶ୍ରମିକଙ୍କ ପାଇଁ ଚିନ୍ତା କରିଥିଲେ ଏବଂ ସେହି ଅନୁଯାୟୀ ଅନେକ କାର୍ଯ୍ୟ କରିଥିଲେ । ୧୯୩୭ରେ ସେ ସ୍ୱତନ୍ତ୍ର ମଜଦୂର ଦଳ ଗଠନ କରିଥିଲେ । ୧୯୩୮ ରେ ବମ୍ବେ ବିଧାନସଭାରେ ଶିଳ୍ପାଞ୍ଚଳ ବିବାଦୀୟ ବିଲ୍ ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା । ସେ ଏହାକୁ ବିରୋଧ କରିଥିଲେ, କାରଣ ସେଥିରେ ଧର୍ମଘଟ ପାଇଁ ବ୍ୟବସ୍ଥା ନଥିଲା । ସେହିବର୍ଷ ଶ୍ରମିକଙ୍କ ଦାବିକୁ ସମର୍ଥନ କରି ଧର୍ମଘଟ ଓ ରାଲି କରିଥିଲେ ଆମ୍ବେଦକର ।

ଜାତି ପ୍ରଥାର ଉଚ୍ଛେଦ, ଜମିଦାରୀ ପ୍ରଥାର ଉଚ୍ଛେଦ, ବେଠି ପ୍ରଥାର ଉଚ୍ଛେଦ, ପୁଞ୍ଜିବାଦର ଉଚ୍ଛେଦ ପାଇଁ ସେ କିଶାନ ଓ ମଜଦୂରମାନଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ୧୯୪୨-୪୬ ରେ ମଧ୍ୟବର୍ତ୍ତୀକାଳୀନ ସରକାରରେ ସେ ଶ୍ରମିକ ପ୍ରତିନିଧି ଥିଲେ । ପ୍ରଥମେ ୧୨ ଘଣ୍ଟାର କାମକୁ ୮ ଘଣ୍ଟାରେ ପରିବର୍ତ୍ତନ କରିଥିଲେ । ଏହାବ୍ୟତୀତ ପ୍ରଥମ ଶ୍ରମ ସମ୍ମିଳନୀ, ଶ୍ରମ ଆଇନଗୁଡ଼ିକର ସଂଶୋଧନ କରି ଶ୍ରମିକ ଅନୁକୂଳ ଏବଂ କଲ୍ୟାଣ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଆମ୍ବେଦକର । କୃଷିକୁ ଶିଳ୍ପର ମାନ୍ୟତା ଦେବା ପାଇଁ ପ୍ରଥମେ ଦାବି କରିଥିଲେ ଏବଂ ହଳିଆକୁ ଚାଷ ଜମିର ମାଲିକାନା ପାଇଁ ମଧ୍ୟ ଦାବି କରିଥିଲେ । ବାସ୍ତବିକ ଚାଷୀ ଓ ଶ୍ରମିକ ତାଙ୍କ ବିଷୟ ଅଧିକ ଜାଣିବା ଦରକାର ।

ବାବାସାହେବ ଶିଳ୍ପାଞ୍ଚଳ ବିବାଦୀୟ ଆଇନ -୧୯୪୭ ଏବଂ ସର୍ବନିମ୍ନ ମଜୁରୀ ଆଇନ- ୧୯୪୮ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଶ୍ରମ ଆଇନମାନ ଲେଖିଯାଇଛନ୍ତି, ଯାହାଦ୍ୱାରା ଶ୍ରମିକ ସମାଜ ବହୁମାତ୍ରାରେ ଉପକୃତ ହୋଇଛନ୍ତି । ବାବାସାହେବ ଯେତେବେଳେ ଜାତୀୟ ଶ୍ରମ ସମ୍ମିଳନୀର ଅଧ୍ୟକ୍ଷ ଥିଲେ, ସେ ଟିପାର୍ଟିଟେ କମିଟି ଗଠନ କରିଥିଲେ । ସେ ଶ୍ରମିକ ପ୍ରତିନିଧି ଭାବେ ଡବ୍ଲ୍ୟୁ, ବିଏନ୍. ବିଏନ୍ ଗିରିଙ୍କୁ ସୁଯୋଗ ଦେଇଥିଲେ । ଡବ୍ଲ୍ୟୁ, ବିଏନ୍, ବିଏନ୍ ଗିରି ଶ୍ରମିକ ସଂଘନେତାରୁ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିଥିଲେ । ଡ. ଗିରି ଶ୍ରମିକଙ୍କ ମଙ୍ଗଳ ପାଇଁ ବହୁ ଉପାଦେୟ ପୁସ୍ତକ ରଚନା କରିଥିଲେ । ସେଥିମଧ୍ୟରୁ କୋଟି କୋଟି ଲୋକଙ୍କ ପାଇଁ ନିଯୁକ୍ତି, ଅନ୍ୟଟି ଭାରତରେ ଶ୍ରମିକ ସଂଘ ଆନ୍ଦୋଳନ ବିଷୟରେ ରଚିତ । ଡ. ଗିରି ବାବାସାହେବ ଆମ୍ବେଦକରଙ୍କୁ ବ୍ରହ୍ମପୁର ବୁଲାଇ ଆଣିଥିଲେ । ଆଜି ଆମେ ଯେଉଁ ଚାଷୀ ଓ ଶ୍ରମିକମାନଙ୍କ ସମ୍ମିଳନୀ କରୁଛୁ ସେଠାରେ ଡ. ବାବାସାହେବ ଏବଂ ଡ. ଗିରିଙ୍କ ଫଟୋ ରହିବା କଥା । କାରଣ ସେମାନଙ୍କ ପାଇଁ ଚାଷୀ ଓ ଶ୍ରମିକମାନେ ସମାଜରେ ଉପଯୁକ୍ତ ସ୍ଥାନ ପାଇଛନ୍ତି ।

ବାବାସାହେବ ମଧ୍ୟ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଭାରତର ସମ୍ବିଧାନରେ ବ୍ୟବସ୍ଥା କରିଛନ୍ତି । ତାହା ହେଲା ଧାରା ୧୫(୩), ୨୧, ୨୩, ୨୪, ୩୯(ଉ), (ଔ), ୪୧, ୪୨, ୪୩(କ), ୪୫, ୪୬ ଏବଂ ୪୭ । ୨୦୧୬ ଜୁଲାଇରେ କେନ୍ଦ୍ର ସରକାର ସଂସଦରେ କହିଥିଲେ ଯେ, ୧୫ ବର୍ଷ ମଧ୍ୟରେ ଗୋତି ଶ୍ରମିକ ପ୍ରଥାରେ ସମ୍ପୂର୍ଣ୍ଣ ବିଲୋପନ ସକାଶେ ୨୦୩୦ ସୁଦ୍ଧା ୧ କୋଟି ୮୦ ଲକ୍ଷ ଗୋତି ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ମୁକ୍ତି କରିବା ପରେ ପୁନଃ ଥଇଥାନ କରାଯିବ । ୧୯୮୭ ରୁ ୨୦୨୩ ମଧ୍ୟରେ ସମୁଦାୟ ୩, ୧୫, ୩୦୨ ଗୋତି ଖଟିବାର ଅମାନବୀୟ ବାଧ୍ୟବାଧକତାରୁ ମୁକ୍ତ କରାଯାଇ ସେମାନଙ୍କ ମଧ୍ୟରୁ ୯୪% ସଫଳ ଭାବେ ପୁନଃ ଥଇଥାନ କରାଯାଇଛି ।

ବାବାସାହେବ ଶ୍ରମିକ କଲ୍ୟାଣ ପାଇଁ ସ୍ୱାଧୀନ ଭାରତରେ ଯେଉଁ ମୂଳଦୁଆ ପକାଇଥିଲେ ତାହା ଉପରେ ତାଙ୍କ ଅବର୍ତ୍ତମାନରେ ମଧ୍ୟ ଶ୍ରମିକଙ୍କ କଲ୍ୟାଣ ପାଇଁ ଅନେକ ଆଇନ ପ୍ରଣୀତ ହୋଇଛି । ଗୋତି ଶ୍ରମିକଙ୍କ କଲ୍ୟାଣ ପାଇଁ ବଣ୍ଡେଡ୍ ଶ୍ରମିକ (ଉଚ୍ଛେଦ) ଆଇନ ୧୯୭୬ ରହିଛି । ଅଶୀ ଦଶକରେ ଗୋତିମୁକ୍ତି ଆନ୍ଦୋଳନର କର୍ଣ୍ଣଧାର ମହାନ ଦାର୍ଶନିକ ଏବଂ ମାନବିକ ଅଧିକାର କର୍ମୀ ସ୍ୱାମୀ ଅଗ୍ନିବେଶ ଗଠନ କରିଥିଲେ ‘ବନ୍ଧୁଆ ମୁକ୍ତି ମୋର୍ଚ୍ଚା’ । ସେ ବ୍ରହ୍ମପୁର ମେଡିକାଲରେ ଜନ୍ମଗ୍ରହଣ କରିଥିଲେ । ସେହିପରି ଦାଦନ ଶ୍ରମିକଙ୍କ ପାଇଁ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ଆରଇ ଓ ସିଏସ) ଆଇନ ୧୯୭୯ କାର୍ଯ୍ୟକାରୀ ହୋଇଛି । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୪୫.୬ କୋଟି ଦାଦନ ଶ୍ରମିକ ଥିବା ଜଣାଯାଏ । ନିର୍ମାଣ ଶ୍ରମିକଙ୍କ ପାଇଁ ମଧ୍ୟ ବିଓସି ଡବ୍ଲୁଡବ୍ଲ୍ୟୁ (ଆରଇ ଓ ସିଏସ) ଆଇନ୍ ୧୯୯୬ ଏବଂ ଏହା ସହିତ ଓଡ଼ିଶାର ଯୋଜନା କାର୍ଯ୍ୟକାରୀ ହୋଇଛି । ମତ୍ସ୍ୟଜୀବୀମାନେ ହେଲେ ଅଣସଂଗଠିତ ଶ୍ରମିକ । ଏମାନଙ୍କ ପାଇଁ ବୀମା ବ୍ୟବସ୍ଥା ଅଛି । ସେମାନଙ୍କ କଲ୍ୟାଣ ପାଇଁ ଜାତୀୟ ମତ୍ସ୍ୟନୀତି -୨୦୨୦ ପ୍ରଣୀତ ହୋଇଛି । ସରକାର କମ୍ପେଣ୍ଡିଅମ୍ ଅଫ୍ ଗାଇଡଲାଇନ୍ ଅଣ୍ଡର ପିଏମଏମଏସୱାଇ ଯୋଜନା ପ୍ରସ୍ତୁତ କରିଛନ୍ତି ।

(ପ୍ରାକ୍ତନ ଉପ-ଶ୍ରମକମିଶନର)
ଭୁବନେଶ୍ୱର, ମୋ: ୮୦୯୩୧୮୪୨୮୮

## ଓଡ଼ିଆ ନାଟକର ରୈବତକ ରାମଶଙ୍କର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଓଡ଼ିଆ ନାଟକକୁ ଏକ ସୁଦୃଢ଼ ପାର୍ବତ୍ୟ-ଶକ୍ତି ଭାବରେ ପ୍ରତିଷ୍ଠିତ ତଥା ମହିମାନ୍ୱିତ କରିଦେଇ ପାରିଲେ ଯିଏ, ସେ ହେଉଛନ୍ତି ରାମଶଙ୍କର ରାୟ । କଲେଜ ଛାତ୍ର ଥିବା ବେଳେ ହିଁ ତାଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ତୁମୁଳ ଆଲୋଡ଼ନ । ବଙ୍ଗଳା ନାଟକ ଦେଖିବାରେ ଅଭ୍ୟସ୍ତ ଚିତ୍ତବିନୋଦନ-ପ୍ରିୟ ଦର୍ଶକମଣ୍ଡଳୀଙ୍କ ଚେତନାରେ ନବୀନ ସ୍ୱାଭିମାନ ଜାଗରଣ ନିମିତ୍ତ ତାଙ୍କ ଅନ୍ତଃସତ୍ତା ହୋଇଯାଇଥିଲା ସଂକଳ୍ପବଦ୍ଧ । କେବଳ ମନୋରଞ୍ଜନ ସକାଶେ କିପରି ବା ଲେଖିପାରନ୍ତେ ନାଟକ ଏପରି ତଲ୍ଲୀନତରୁଣ? ତାଙ୍କ ହୃଦୟର ଉଚ୍ଚାକାଂକ୍ଷା ଉଦ୍‌ବେଳିତ ହୋଇ ଉଠୁଥିଲା ଯେଉଁ ପ୍ରଚଣ୍ଡ ତାଣ୍ଡବରେ ତାହା ଥିଲା ନୂତନ ଯୁଗସୃଷ୍ଟିର ବଳିଷ୍ଠ ସଂକେତ । ଜାତୀୟତାବୋଧର ମହାମନ୍ତ୍ରରେ ଦୀକ୍ଷିତ ରାମଶଙ୍କର ଏପରି କଥାବସ୍ତୁ-ସମୃଦ୍ଧ ନାଟକ ରଚନା ଓ ଉପସ୍ଥାପନା କରିବାକୁ ଥିଲେ ପ୍ରସ୍ତୁତ, ଯାହା ଏ ଜାତିର ଚିନ୍ତନ ମନନକୁ କରିଦେଇପାରେ ପ୍ରଶସ୍ତତର ।

ଗୋଟିଏ ରାତ୍ରିରେ ‘କାଞ୍ଚିକାବେରୀ’ ନାଟକର ଅଭିନୟ ସରିଯାଏ ସିନା; ମାତ୍ର ଏଥିପାଇଁ ଯୁଗସ୍ରଷ୍ଟା ରାମଶଙ୍କରଙ୍କ କେତେ ବିନିଦ୍ର ରଜନୀ ଉଦଯାପିତ ହୋଇଥିବ ତାହା କ’ଣ ସହଜରେ କଳ୍ପନା କରାଯାଇପାରେ? ପୁରୁଷୋତ୍ତମ ଦେବଙ୍କ ପରି ଚରିତ୍ରଠାରୁ ଆଉ କେଉଁ ଚରିତ୍ର ହୋଇପାରନ୍ତି ଏପରି ପ୍ରାଣବନ୍ତ, ଯିଏ ଦର୍ଶକମାନଙ୍କ ରକ୍ତପ୍ରବାହକୁ କରିଦେଇପାରନ୍ତି ପ୍ରଖର ଓ ଅପୂର୍ବ ଉଷ୍ମତାରେ ତେଜପୂର୍ଣ୍ଣ! ଶ୍ରୀଜଗନ୍ନାଥ ନାଟକର ମୂଳ ଉତ୍ସ । ଏପରି ଗୋଟିଏ ନାଟକର ସୃଜନ ସକାଶେ ଲେଖକ ଯେପରି ଅସଂଖ୍ୟ ରାତ୍ରି ଉଜାଗର ରହିପାରନ୍ତି, ନାଟକ ଦେଖି ସାରିବା ପରେ ସେହିପରି ଅଗଣିତ ଦର୍ଶକଙ୍କ ଆଖିରୁ ହଜି ଯାଇପାରେ ଯୁଗଯୁଗର ଜଡ଼ତା, ନିଦ୍ରାମଗ୍ନତା, ସ୍ଥାଣୁତା ଆଉ ଅଚେତନତା । ଏହାର ଚିରସ୍ଥାୟୀ ଦୃଷ୍ଟାନ୍ତ ପ୍ରୋଥିତ କରିଦେଲେ ରାମଶଙ୍କର ।

ଏକବିଂଶ ଶତାବ୍ଦୀରେ ମଧ୍ୟ ‘କାଞ୍ଚିକାବେରୀ’ଏକ କ୍ଲାସିକ କୃତି ଭାବରେ ଲାଭ କରିଛି ଅମାପ ଶ୍ରଦ୍ଧା ଓ ସମ୍ମାନ । ରାମଶଙ୍କର ରଚନା କଲେ ‘ବନବାଳା’, ‘କଳିକାଳ’, ‘ରାମ ବନବାସ’, ‘ବୁଢ଼ାବର’, ‘ବିଷମୋଦକ’, ‘ଚୈତନ୍ୟ ଲୀଳା’ ଆଦି ପ୍ରାୟ ତିରିଶ ନାଟକ । ସବୁଥିରେ ରହିଛି ଆଧୁନିକ ସମାଜ ଗଠନର ପରିକଳ୍ପନା ଓ ପ୍ରତିଶ୍ରୁତିବଦ୍ଧତା । ତାଙ୍କ ସୁଦୀପ୍ତ ଜାତୀୟତା-ଉଦବୋଧକ ସାମାଜିକ ଅଙ୍ଗୀକାରବଦ୍ଧତା ରହିଛି ତେଣୁ ଅମ୍ଳାନ ।

ରଙ୍ଗମଞ୍ଚ ପରିଚାଳନା ହେଉ କିମ୍ବା ନାଟ୍ୟ ରଚନା, ତା’ପଛରେ ନଥିଲା ଅର୍ଥ ଉପାର୍ଜନର ଉଦ୍ଦେଶ୍ୟ । ଏ ଦିଗରେ ସେ ଥିଲେ ଉତ୍ସର୍ଗୀକୃତ ଆଲୋକବର୍ତ୍ତିକା ସଦୃଶ । ପୁରାଣ ପ୍ରସିଦ୍ଧ ରୈବତକ ପର୍ବତ ପରି ଥିଲେ ସେ ଅଟଳ ଓ ଶୁଭଙ୍କର କଲ୍ୟାଣମୟ ବିଶାଳତାର ବିସ୍ମୟ । ପୁରୁଷୋତ୍ତମ-ପଦ୍ମାବତୀ କୈନ୍ଦ୍ରିକ ଜନଶ୍ରୁତି ସୁଖକର କାହାଣୀ ଆଧାରରେ ଉତ୍କଳର ଐତିହାସିକ ଗୌରବଦୀପ୍ତ ଅଧ୍ୟାୟକୁ ଯେଉଁ ଶୈଳ୍ପିକ ମର୍ଯ୍ୟାଦାର ସହ ଉପସ୍ଥାପନା କଲେ ସେ ‘କାଞ୍ଚିକାବେରୀ’ରେ, ତାହାହିଁ ତେଣୁ ଆଦୃତ ହେଲା ପ୍ରଥମ ଆଧୁନିକ ଓଡ଼ିଆ ନାଟକ ଭାବରେ । ଆଧୁନିକତା କହିଲେ ଜଗତରେ ଘଟିଚାଲିଥିବା ସମସ୍ତ ପରିବର୍ତ୍ତନ ସତ୍ତ୍ୱେ ହୃଦୟକୁ ଯାହା ନିରନ୍ତର ମନ୍ଥିତ କରିବାକୁ ସମର୍ଥ ବୋଲି ଯଦି କୁହାଯାଏ, ତା’ ହେଲେ ‘କାଞ୍ଚିକାବେରୀ’ ଏକବିଂଶ ଶତାବ୍ଦୀରେ ମଧ୍ୟ ଆଧୁନିକ ନାଟ୍ୟକୃତିର ସମ୍ମାନ ଲାଭ କରିବ । ୧୮୮୦ମସିହାରେ ରଚିତ ଏ ନାଟକର କଳାତ୍ମକ କୌଶଳ ହୋଇପାରେ କି ସଂହତ, ସଂଳାପ ହୋଇପାରେ କି ଅନ୍ତର୍ଭେଦୀ, ସୌନ୍ଦର୍ଯ୍ୟ ବିମଣ୍ଡିତ ଓ ସରସ ତାହା ନବ ନବ ଉନ୍ମୋଚନର ଅପେକ୍ଷା ରଖେ ।

ନିଜସ୍ୱ ମୌଳିକ ପ୍ରତିଭାର ଦ୍ୟୁତିରେ ତାଙ୍କ ନାଟ୍ୟସମଗ୍ର ଭାସ୍ୱର । ରାମଶଙ୍କର କେବଳ ପ୍ରଥମ ଆଧୁନିକ ଓଡ଼ିଆ ନାଟକର ପ୍ରଣେତା ଭାବରେ ଯେ ସ୍ମରଣୀୟ ସେତିକି ନୁହେଁ, ସେ ମଧ୍ୟ ହେଉଛନ୍ତି ପ୍ରଥମ ଆଧୁନିକ ରଙ୍ଗମଞ୍ଚର ସଫଳ ନିର୍ମାତା । ଏପରି ଜଣେ ସମର୍ପିତ ମହାନ ଶିଳ୍ପୀ ଓଡ଼ିଆ ଜାତିଠାରୁ ଯେଉଁ ପ୍ରୋତ୍ସାହନ, ପ୍ରେରଣା ଓ ସୁଦୃଢ଼ ସମର୍ଥନ ସହ ମୁକ୍ତହସ୍ତର ଆର୍ଥିକ ସହାୟତା ପାଇବା କଥା ତାହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ଅଥଚ କୋଠପଦାର ଜଣେ ମହନ୍ତ ନିଜକୁ ଅନ୍ତରାଳରେ ରଖି ଯେପରି ଅଯାଚିତ ଭାବରେ ଦେଇଚାଲିଥିଲେ ଅଜସ୍ର ଅର୍ଥ ତାହା ତ ସତକୁ ସତ ଈଶ୍ୱର-ଦତ୍ତ । ଓଡ଼ିଆ ନାଟକ ରଚନାରେ ରାମଶଙ୍କର ନିଜକୁ ସମର୍ପିତ କରି ଓଡ଼ିଶାର ସାମାଜିକ ଜୀବନର ଦୃଶ୍ୟାୟନରେ ଯେଉଁ ପରିବର୍ତ୍ତନ ଆଣି ପାରିଛନ୍ତି, ସେଥିପାଇଁ ସେ ଆମ ଚିର ପ୍ରଣମ୍ୟ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୩ ମୃତ...

ସେମାନଙ୍କୁ ଉଦ୍ଧାର କରିବା ଲାଗି ଅଭିଯାନ ଜାରି ରହିଛି। ୪୫ ବର୍ଷ ତଳର ଏହି ପୁରୁଣା ପୋଲର ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟୁ ପାଲଟି ଯାଇଥିଲା। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆଜି ଏଭଳି ଦୁର୍ଘଟଣା ଘଟିଲା। ଦୁଇଟି ପିଲାର ମଧ୍ୟରେ ସ୍ଲାବ୍ ଭାଙ୍ଗି ନଦୀ ଭିତରେ ଖସି ପଡ଼ିଥିଲା। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୋଦୀ ପିଏମଏନଆରଏଫ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଦୁର୍ଘଟଣାକୁ ୮ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ବି ତେଲ ଟ୍ୟାଙ୍କର ସେମିତି ଫସି ରହିଛି। ଡ୍ରାଇଭର ସେଥିରୁ ସୁରକ୍ଷିତ ଭାବେ ବାହାରି ଆସି ଯାଇଛନ୍ତି। ତେବେ ସେ ନିଖୋଜ ଅଛନ୍ତି।

### ଉଦ୍‌ଘାଟନ ପୂର୍ବରୁ...

ଏଥିଯୋଗୁଁ କାଟଲି ନଦୀ ଫୁଲି ଯାଇଥିଲା। ଏହା ପ୍ରଖର ସୁଅ ନୂଆ କରି ନିର୍ମାଣ ହୋଇଥିବା ଏହି ରାସ୍ତାକୁ ଧୋଇ ନେଇଥିଲା। ରାସ୍ତା ବଡ଼ ଅଂଶ ନଦୀରେ ମିଶି ଯାଇଥିଲା। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ପାଇଁ ଏପରି ହେଲା ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଧୋଇଥିବା ଅଂଶରେ ଖାଲି ବାଲି ଥିବା ଦେଖାଯାଉଛି। ତଳେ ଖାଲି ବାଲି ଭର୍ତ୍ତି କରି ଉପରେ ପିଚୁ ପକାଇ ଦିଆଯାଇଥିବା ଅଭିଯୋଗ ହୋଇଛି।

### ପରିବହନ ବନ୍ଦ..

ଲିଟର ପେଟ୍ରୋଲ ଓ ୮୫ ଲକ୍ଷ ଲିଟର ଡିଜେଲ ବିକ୍ରି ହୋଇଥାଏ। କେବଳ ଭୁବନେଶ୍ୱର ସହରରେ ଉପଭୋକ୍ତାମାନେ ଦୈନିକ ୩ ଲକ୍ଷ ୧୨ ହଜାର ଲିଟର ପେଟ୍ରୋଲ ଓ ୨ ଲକ୍ଷ ୧୫ ହଜାର ଲିଟର ଡିଜେଲ ବ୍ୟବହାର କରିଥାଆନ୍ତି। ସାଧାରଣତଃ ରାଜ୍ୟର ଟାଙ୍କିଗୁଡିକ ଦୁଇ ଦିନ ପାଇଁ ତେଲ ମହଜୁଦ ରଖିଥାଆନ୍ତି। ଆନ୍ଦୋଳନ ଯୋଗୁଁ ଯୋଗୁ ଡିପୋଗୁଡିକରୁ ଟ୍ୟାଙ୍କର ଆସି ପହଞ୍ଚିବାରେ ସମସ୍ୟା ଉପୁଜିଛି ଓ ଅଧିକାଂଶ ଟାଙ୍କି ଖାଲି ହୋଇ ଯାଇଛି।

ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ବର୍ତ୍ତମାନ ପରିସ୍ଥିତି ସଙ୍ଗୀନ୍ ରହିଛି। ଆଜି ରାତି ସୁଦ୍ଧା ଟାଙ୍କିରେ ତେଲ ଟ୍ୟାଙ୍କର ନ ପହଞ୍ଚିଲେ ପରିସ୍ଥିତି ଅଣାୟତ୍ତ ହେବ। ଗୁରୁବାର ସକାଳ ୧୦ଟା ପରେ ଚାରିଆଡେ ତେଲ ଶେଷ ହୋଇଯିବ। ଏ ସମ୍ପର୍କରେ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘ ରାଜ୍ୟ ସରକାରଙ୍କୁ ଅବଗତ କରାଇସାରିଛି। ଆଜି ପାରାଦୀପରୁ ଭୁବନେଶ୍ୱର ଆସୁଥିବା ତୈଳ ଟ୍ୟାଙ୍କରକୁ ଜଗତ୍‌ସିଂହପୁରଠାରେ ଅଟକାଇ ଦିଆଯାଇଛି। ଫଳରେ ସାରା ରାଜ୍ୟରେ ପରିସ୍ଥିତି ଅଣାୟତ୍ତ ହେବାକୁ ଯାଉଛି। ଏକପକ୍ଷରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିବହନ ବ୍ୟବସ୍ଥାକୁ କେବଳ ବାଧାପ୍ରାପ୍ତ କରିବ ନାହିଁ; ସାମଗ୍ରୀ ବ୍ୟବହାର ମଧ୍ୟ ବାଧାପ୍ରାପ୍ତ ହେବ। ଫଳରେ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ହେବ ଓ ବଜାରରେ ଖାଦ୍ୟ ସାମଗ୍ରୀ ମଧ୍ୟ ମିଳିବ ନାହିଁ।

### ଡ୍ରାଇଭର ମହାସଂଘ...

ସଙ୍ଘ ସହ ବୈଠକ ପରେ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଡ୍ରାଇଭରମାନଙ୍କ ଦାବି ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ବିଭିନ୍ନ ଶିଳ୍ପରେ ଡ୍ରାଇଭରଙ୍କୁ ନିଯୁକ୍ତି, ରାଜ୍ୟ ରାଜପଥରେ ସେମାନଙ୍କ ପାଇଁ ରେଷ୍ଟ ରୁମ ଆଦି ନିର୍ମାଣ କରିବା ଦିଗରେ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେମାନେ ଆନ୍ଦୋଳନରୁ ଓହରିଯିବେ ବୋଲି କହିଥିଲେ। ସରକାର କୌଣସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କୋଷାଧକ୍ଷ କହିଛନ୍ତି।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳି ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଦାବି କରିଛନ୍ତି। ପୂର୍ବରୁ ବିଜେଡି ସରକାର ସମୟରେ ଡ୍ରାଇଭରମାନଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ ହୋଇଛି। ମାତ୍ର ନିର୍ବାଚନ ଯୋଗୁଁ ଡ୍ରାଇଭରମାନଙ୍କ ଅନ୍ୟ ଦାବି ପୂରଣ ହୋଇ ପାରି ନ ଥିଲା। ତେଣୁ ଅବଶିଷ୍ଟ ଦାବିଗୁଡ଼ିକ ପୂରଣ ପାଇଁ ଡ୍ରାଇଭର ସଂଘ ଦାବି କରିଛି।

ଅନ୍ୟପକ୍ଷରେ କେତେକ ସ୍ଥାନରେ ଅନ୍ୟ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଡ୍ରାଇଭର ସଂଘ ହଇରାଣ କରୁଥିବା ଅଭିଯୋଗ ହୋଇଛି। ତେଣୁ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ସଂଘର ସଭାପତି ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ଏହାସହିତ ଯେଉଁ ସ୍ଥାନରେ ଅଧିକ ସଂଖ୍ୟକ ଡ୍ରାଇଭର ଏକତ୍ରିତ ହେଉଛନ୍ତି, ସେଠାରେ ରକ୍ତଦାନ ଶିବିରମାନ ଆୟୋଜନ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି।

### ଓଡ଼ିଶାରେ 'ଭାରତ ବନ୍ଦ'...

ସଂଗଠନ ପକ୍ଷରୁ ପଟୁଆର ,ଧାରଣା, ପିକେଟିଂ, ରାସ୍ତା ଓ ରେଳ ଅବରୋଧ କରାଯାଇଥିଲା। ମୋଦୀ ସରକାର ବିରୋଧରେ ନାରାବାଜି କରିବା ସହ ତୁରନ୍ତ ସେମାନଙ୍କର ନାଯ୍ୟ ଦାବି ପୂରଣ କରିବାକୁ ସଂଗଠନର କର୍ମକର୍ତ୍ତା ଦାବି କରିଥିଲେ। ସେହିପରି ଭାବେ ଶହ ଶହ ସଂଖ୍ୟାରେ ଶ୍ରମିକଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ କାରଖାନା ଗେଟ୍ ସାମ୍ନାରେ ବିକ୍ଷୋଭ ଓ ପିକେଟିଂ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ କାରଣରୁ କିଛି ସମୟ ପାଇଁ ସାଧାରଣ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ଭାରତ ବନ୍ଦକୁ ବିଜୁ ଜନତା ଦଳର ଛାମୁଆ ସଂଗଠନ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମର୍ଥନ ଜଣାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି। ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ପ୍ରଫୁଲ୍ଲ ସାମଲଙ୍କ ସମେତ ସଂଗଠନର ଅନେକ କର୍ମକର୍ତ୍ତା ଗିରଫ ହୋଇଥିଲେ। ଅପରପକ୍ଷେ ଏହି ଆନ୍ଦୋଳରେ ସିପିଆଇ(ଏମଏଲ) ରେଡଷ୍ଟାର ରାଜ୍ୟ କମିଟିର ୫ ଜଣ ସଦସ୍ୟ ଗିରଫ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କୁ ଗିରଫ କରି ପରେ ପୁଲିସ ସେମାନଙ୍କୁ ନୋଟିସ ଦେଇ ଛାଡ଼ିଥିବା ଜଣାପଡ଼ିଛି। ଏଆଇଟିୟୁସି ପକ୍ଷରୁ କୁହାଯାଇଛି ଯେ ଏହି ସଂଗଠିତ ଧର୍ମଘଟ ଆନ୍ଦୋଳନ ଓଡ଼ିଶାର ଶ୍ରମଜୀବୀ ଲୋକଙ୍କ ଅସନ୍ତୋଷ, ଦାବି ଓ ଆଶାକୁ ପ୍ରତିଫଳିତ କରିଛି। ଆମେ ଏହି ସଫଳତାକୁ ଶ୍ରମିକ-କୃଷକ ଶ୍ରେଣୀ ଏକ ଐତିହାସିକ ଧର୍ମଘଟ ର ସାଫଲ୍ୟ ଭାବେ ବିବେଚନା କରୁଛୁ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

### ମନ୍ତ୍ରୀ ଅସ୍ଥିର...

ଖାଲି ପଡ଼ିଥିବା ବେଳେ ବୋର୍ଡ, ନିଗମ, ଏକାଦେମୀ ଓ କମିସନରେ ସରକାର ଏଯାବତ୍ ନିଯୁକ୍ତି ଦେଇପାରି ନାହାନ୍ତି। ଦଳର ଛାମୁଆ ନେତାଙ୍କ ମଧ୍ୟରେ ଛକାପଞ୍ଝା, ଗୋଷ୍ଠୀକନ୍ଦଳ ଏବଂ ଲବି ରାଜନୀତି କାରଣରୁ ସମ୍ପ୍ରସାରଣ ଓ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି। ତେବେ ମନମୋହନ ଦଳରେ ପୁନର୍ବାର ଦାୟିତ୍ୱ ନେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ନିଗମ ନିଯୁକ୍ତି ଶୀଘ୍ର କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ଏକ ସୂଚନା ଅନୁଯାୟୀ ସମ୍ପ୍ରସାରିତ ମନ୍ତ୍ରିମଣ୍ଡଳର ସ୍ୱରୂପ ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଛି। ଦଳରେ ଲୋକସଭା ଆସନୱାରୀ ପ୍ରତିନିଧିତ୍ୱକୁ ଗୁରୁତ୍ୱ ମିଳିବାକୁ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ମନ୍ତ୍ରିମଣ୍ଡଳର ଚୂଡ଼ାନ୍ତ ସ୍ୱରୂପ ନେଇ ଏକ କବାଟକିଳା ବୈଠକ କରିପାରନ୍ତି। ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ଆସନ୍ତା ସପ୍ତାହରେ ସମ୍ପ୍ରସାରଣ କରାଯିବ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ନିଗମ, ବୋର୍ଡ, ଏକାଦେମୀ ଏବଂ ଅନ୍ୟାନ୍ୟ ନିଯୁକ୍ତି ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

### ପଞ୍ଚମ, ଅଷ୍ଟମରେ...

ଦିଆଯିବ। ପରୀକ୍ଷାଫଳ ପ୍ରକାଶ ପାଇବାର ଦୁଇମାସ ମଧ୍ୟରେ ପରୀକ୍ଷା ହେବ। ଦ୍ୱିତୀୟ ପରୀକ୍ଷାରେ ମଧ୍ୟ ପାସ୍ କରି ନପାରିଲେ, ସେମାନଙ୍କୁ ପୁନଃ ସେହି ଶ୍ରେଣୀରେ ପଢ଼ିବାକୁ ହେବ। ହେଲେ ପ୍ରାଥମିକ ଶିକ୍ଷା ପୂର୍ବରୁ କୌଣସି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରୁ ବାହାର କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୁଣିଥରେ ପାସ୍-ଫେଲ୍ ବ୍ୟବସ୍ଥାକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପୂର୍ବତନ ଉପାଧ୍ୟକ୍ଷ କମଳାକାନ୍ତ ମହାପାତ୍ର କହିଛନ୍ତି ଯେ ପାସ୍-ଫେଲ୍ ବ୍ୟବସ୍ଥା ନଥିବାରୁ ପିଲାଙ୍କ ମଧ୍ୟରେ ଦାୟିତ୍ୱହୀନତା ବଢୁଥିଲା। ପାଠପଢ଼ା ପ୍ରତି ଆଗ୍ରହ କମୁଥିଲା। ପରୀକ୍ଷାରେ ଫେଲ୍ ହେବାର ଆଶଙ୍କା ନଥିବାରୁ ମୋବାଇଲ୍ ପ୍ରତି ଅହେତୁକ ଆଗ୍ରହ ଦେଖାଉଥିଲେ। ନୂତନ ବ୍ୟବସ୍ଥା ଏଥିରେ ପରିବର୍ତ୍ତନ ଆଣିବ। ପିଲାଙ୍କୁ ପାଠ ପ୍ରତି ଆଗ୍ରହୀ କରିବା ସହ ଶୈକ୍ଷିକ ଦକ୍ଷତା ବଢ଼ାଇବାରେ ସହାୟକ ହେବ। ପିଲାଙ୍କୁ ଚାପ ନଦେଇ ଶିକ୍ଷାପ୍ରତି ଆକୃଷ୍ଟ କରିବା ପାଇଁ ଏହା ଉତ୍ତମ ପ୍ରୟାସ। ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ସହ ଜାତୀୟ ସ୍ତରରେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିପାରିବେ। ପଞ୍ଚମ ଓ ଅଷ୍ଟମରେ ବାର୍ଷିକ ପରୀକ୍ଷା ବଦଳରେ ବୋର୍ଡ ପରୀକ୍ଷା କରାଗଲେ, ଛାତ୍ରଛାତ୍ରୀମାନେ ଅଧିକ ସଜାଗ ହେବା ସହ ସ୍ୱଚ୍ଛତା ମଧ୍ୟ ରହିବ ବୋଲି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ, ପରୀକ୍ଷା ଏବଂ ଖାତାଦେଖାରେ ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହି ବିଦ୍ୟାଳୟର ଶିକ୍ଷକ ଖାତା ଦେଖିଲେ ପିଲାଙ୍କୁ ପ୍ରକୃତ ମାର୍କ ବଦଳରେ ପାସ୍ କରିବାକୁ ପ୍ରୟାସ କରିବାର ଆଶଙ୍କା ରହିଛି। ଏଣୁ ପୂର୍ବରୁ ପଞ୍ଚମ, ସପ୍ତମ ଓ ଏକାଦଶରେ ହେଉଥିବା ବୋର୍ଡ ପରୀକ୍ଷା ପରି ଏହି ଦୁଇ ଶ୍ରେଣୀର ପରୀକ୍ଷା ବ୍ୟବସ୍ଥା କରାଗଲେ ସ୍ୱଚ୍ଛତା ରହିବ ଏବଂ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

### ଓଡ଼ିଶାର ଦାବି...

ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ର ସରକାର ଓଡ଼ିଶାରୁ ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ କରୁଥିଲେ ହେଁ ଦୀର୍ଘବର୍ଷ ଧରି ରାଜ୍ୟକୁ ନିଜର ହକ୍‌ରୁ ବଞ୍ଚିତ କରି ଆସୁଛନ୍ତି। ପ୍ରତି ୩ ବର୍ଷରେ ଥରେ କୋଇଲା ରାଜଭାଗ ବୃଦ୍ଧି ପାଇଁ ନିୟମ ଥିଲେ ହେଁ ଗତ ୨୦୧୨ ମସିହାରୁ ଏଥିରେ ବୃଦ୍ଧି ହୋଇନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ଦେଶର ବିକାଶରେ ଓଡ଼ିଶାର ସିଂହଭାଗ ରହିବ ବୋଲି ନିଜେ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରି ଆସୁଛନ୍ତି। ମାତ୍ର ଓଡ଼ିଶାର ଏହି ନାଯ୍ୟ ଦାବିକୁ ପୂରଣ କରାଯାଉ ନାହିଁ। ବର୍ତ୍ତମାନ ଦାବି ପୂରଣ ପାଇଁ ପ୍ରକୃଷ୍ଟ ସମୟ ଏବଂ ସୁଯୋଗ ଥିବାବେଳେ ରାଜ୍ୟ ସରକାର ଏଥିରୁ ଭରପୂର ଫାଇଦା ଉଠାନ୍ତୁ ବୋଲି ରାଜ୍ୟର ତଥ୍ୟାଭିଜ୍ଞ ମହଲ ଯୁକ୍ତି ଦର୍ଶାଇଛି। ସେହିପରି ରାଜ୍ୟର ୧୬୦ ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ପ୍ରଦାନ ପାଇଁ ମଧ୍ୟ ଓଡ଼ିଶା ଲଗାତାର ଭାବେ ଦାବି କରି ଆସୁଛି। ୨୦୧୧ ପରଠାରୁ ଓଡ଼ିଶା ବାରମ୍ବାର ଦାବି କରି ଆସୁଛି। ମାତ୍ର କିଛି ସମ୍ପ୍ରଦାୟକୁ ଛାଡ଼ି ଦେଲେ ଅଧିକାଂଶ ସମ୍ପ୍ରଦାୟକୁ କେନ୍ଦ୍ର ସରକାର ଏଯାବତ୍ ମାନ୍ୟତା ଦେଇନାହାନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଜନଜାତି ମାନ୍ୟତା ପ୍ରଦାନ କରିବାକୁ ବୈଠକରେ ଓଡ଼ିଶା ଦାବି କରିବାର ଆବଶ୍ୟକତା ଅଛି। ଏତଦ ବ୍ୟତୀତ ଗତ ୫-୬ ବର୍ଷ ହେବ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟମାନଙ୍କୁ ଦିଆଯାଉଥିବା କେନ୍ଦ୍ରୀୟ ସହାୟତା ପାଣ୍ଠି ଲଗାତାର ଭାବେ ହ୍ରାସ ପାଉଛି। ସେହିପରି ବିଭିନ୍ନ କେନ୍ଦ୍ରୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଅଧିନରେ ମିଳୁଥିବା ଅର୍ଥ ସଠିକ୍ ସମୟରେ ମିଳୁନାହିଁ। ଯାହାଫଳରେ ରାଜ୍ୟର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ତେଣୁ ମୁଖ୍ୟମନ୍ତ୍ରୀ ଏନେଇ ବୈଠକରେ ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ତଥ୍ୟଭିତ୍ତିକ ମହଲରେ ଦାବି ହୋଇଛି।

### ଦକ୍ଷିଣ ଓଡ଼ିଶାରେ...

କହିଛି। ହେଲେ ଏବେ ଜଟଣୀ ବେଣାପଞ୍ଜରୀ ଅଞ୍ଚଳରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ଏବଂ ଶତାଧିକ ଆକ୍ରାନ୍ତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡାଇରିଆରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ଦୂଷିତ ପାଣି ଯୋଗୁଁ ରୋଗ ବ୍ୟାପୁଛି। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଝାଡ଼ାବାନ୍ତିର ଭୟାବହତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଛିଦିନ ତଳେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବିଭାଗ ସାମିଲ ହୋଇଥିଲେ। ଦୁର୍ଗାପୂଜା ପର୍ଯ୍ୟନ୍ତ ଡାଇରିଆ ଉପରେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ପୁଣି ଝାଡ଼ାବାନ୍ତି ବ୍ୟାପିବା ଓ ଲୋକଙ୍କ ପ୍ରାଣ ଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଖାତିର୍ କରୁ ନ ଥିବା ସ୍ପଷ୍ଟ ହୋଇଛି। ସ୍ୱାସ୍ଥ୍ୟ ବିଭାଗ କେବଳ 'ଷ୍ଟପ୍ ଡାଇରିଆ ଅଭିଯାନ' ଆରମ୍ଭ କରି ଚୁପ୍ ବସିଯାଇଛି। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦିଙ୍କୁ ଡାଇରିଆ ସଚେତନତା ଦାୟିତ୍ୱ ଦିଆଯାଇଛି। ଲୋକଙ୍କ ଭିତରେ ଖାଦ୍ୟ ଓ ପାନୀୟକୁ ନେଇ ସଚେତନ କରିବା ସହ ହାଲୋଜିନ୍ ବଟିକା, ଓଆର୍‌ଏସ୍ ପାଉଡର ଆଦି ବଣ୍ଟନ କରିବା ପାଇଁ କୁହାଯାଇଛି। ପାନୀୟଜଳ ବିଭାଗ ପକ୍ଷରୁ ଜଳ ଉତ୍ସଗୁଡ଼ିକ ସଫା କରିବା ସହ ବ୍ଲିଚିଂ ପକାଇବା ଆଦି ବିଭିନ୍ନ ଦିଗ ଉପରେ ଧ୍ୟାନ ଦେବା ପାଇଁ କୁହାଯାଇଛି। ମାତ୍ର ଜୁନ୍ ମାସରେ ଡାଇରିଆ ବ୍ୟାପିବାବେଳେ ଏସବୁ କରାଯାଉଥିଲା। ଏବେ ଆଦୌ କରାଯାଉ ନାହିଁ। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଡାଇରିଆକୁ ନେଇ ସଚେତନତା କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଠପ୍ ହୋଇଯାଇଛି।

ବିଶେଷକରି ଦୂଷିତ ପାଣି ଯୋଗୁଁ ପ୍ରତିବର୍ଷ ଡାଇରିଆ ବ୍ୟାପୁଥିବା ବିଶେଷଜ୍ଞ କହୁଛନ୍ତି। ଏହାସତ୍ତ୍ୱେ ନିୟମିତ ବ୍ୟବଧାନରେ ଜଳର ଗୁଣବତ୍ତା ପରୀକ୍ଷା କରାଯାଉନି। ପ୍ରତି ଜିଲ୍ଲାରେ ଜଳ ପରୀକ୍ଷାଗାର ଅଛି; ହେଲେ ସରକାରୀ ସ୍ତରରେ ଜଳର ନମୁନା ପରୀକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ନିୟମିତ ଜଳର ଗୁଣବତ୍ତା ପରୀକ୍ଷା ହିଁ ଏଭଳି ସ୍ଥିତିକୁ ଏଡ଼ାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଭାବେ ଏହାର ନିରାକରଣ ଦିଗରେ କାମ କରିବାରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି। ଫଳସ୍ୱରୂପ ସାଧାରଣ ନିରୀହ ଲୋକଙ୍କ ଜୀବନହାନୀ ଘଟୁଛି। ତେଣୁ ଡାଇରିଆ ରୋକିବା ଦିଗରେ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ପଶ୍ଚିମବଙ୍ଗ ବିଧାୟକଙ୍କ କାର୍ ଧକ୍କାରେ ଜଣେ ମୃତ

**ସିମୁଳିଆ,୯।୭(ସମିସ):** ପଶ୍ଚିମବଙ୍ଗ ହାୱଡ଼ା ବିଧାୟକ ଗୌତମ ଚୋଧୁରୀଙ୍କ କାର୍ ଧକ୍କାରେ ସୋର ବ୍ଲକ୍‌ର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ସାଜନପୁର ଗ୍ରାମର ରାଧାକାନ୍ତ ଲେଙ୍କା। ସେ ବିନାୟକପୁର ଉଚ୍ଚ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟରତ ଥିଲେ। ସୂଚନାନୁଯାୟୀ, ବିଧାୟକ ଶ୍ରୀ ଚୌଧୁରୀ ସପରିବାରେ ପୁରୀ ଜଗନ୍ନାଥ ମନ୍ଦିରରୁ ଦର୍ଶନ ସାରି ହାୱଡ଼ା ଫେରୁଥିଲେ। ଜାମୁଝାଡ଼ି ନିକଟରେ ରାଧାକାନ୍ତ ଏକ ସ୍କୁଟିରେ ରାସ୍ତା ପାର୍ ହେଉଥିବା ବେଳେ ବିଧାୟକଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାଧାକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ବିଧାୟକଙ୍କ ପରିବାରର ସମସ୍ତ ସଦସ୍ୟ ସୁସ୍ଥ ଥିବାବେଳେ ବିଧାୟକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଗାଡ଼ିଚାଳକ ସିମୁଳିଆ ଥାନାରେ ଅଟକ ଥିବା ଜଣାପଡ଼ିଛି।

**AFFIDAVIT**

I, Syed Mohammed Tariq Rasheed Umar, S/o.: Mr. Syed Rasheed S, resident of At Quarter No.: 1108 A, IOCL Paradip Refinery Township, Dist.: Jagatsinghpur, PIN-754141, Odisha, declare by this affidavit No.: 2357, dated-07/07/2025, that now onwards I shall be known as **SYED MOHAMMED TARIQ R** for all future purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 09.07.2025 I, Laxmidhar Pradhani, Address At-Majhipada, Sanpatrapali, Po-Lenjha, Ps- Titilagarh, Dist-Balangir, Odisha, Pin- 767033 declare that I have changed my name from Ranjit Pradhani to Laxmidhar Pradhani. Henceforth, I shall be known as Laxmidhar Pradhani for all purposes.

Laxmidhar Pradhani

**NOTICE**

By virtue of an affidavit sworn before Executive Magistrate, Banki, Dt.: 09.07.2025, I, **Chinmayee Panda**, aged about 63 years, W/o: Late Sahadev Panda, Resident of Village/P.O.: Chakapada, Dist.: Kandhamal, PIN-762028, Odisha, declare that I have changed my name from Chinmayee Debi to **Chinmayee Panda.** Henceforth, I shall be known as **Chinmayee Panda** for all purposes.

Chinmayee Panda

**AFFIDAVIT**

By virtue of an affidavit before the Executive Magistrate, Ramanaguda, I, **PUSPANJALI NIMALA**, W/o- CHANDRABHUSHAN NIMALA of Village: Rajbhikrampur, Po.- Penkam, PS.- Gunupur, Tahasil: Ramanaguda, Dist.- Rayagada, Odisha, No.196 dtd.08.7.2025 declared that, in my Addhar Card my name has been mentioned as PUSHPA NIMALA. **PUSPANJALI NIMALA** and PUSHPA NIMALA both the names are of same and one person.

**AFFIDAVIT**

By virtue of an affidavit CF No.:114 sworn before Executive Magistrate, Bhubaneswar on Dt. 07.07.2025 I, Sita Meher, D/o: Aditya Mishra, At: Shiva Nagar, Chilipokhari, Badagada Brit Colony, Bhubaneswar, Khordha- 751018 declare that I have changed my name from Pujarani Mishra to Sita Meher. Henceforth, I shall be known as **Sita Meher** for all purposes.

**AFFIDAVIT**

I, Pritimayee Lenka, aged about 39 years, D/o- Hata Kishore Lenka, resident of Plot No.241, Shastri Nagar, PO- GPO, PS-Kharvel Nagar, Bhubaneswar, Dist-Khordha, PIN-751001, Odisha declared by this affidavit C.F. No. 06, dtd-27/02/2025 that now onwards I shall be known as **PREETIMAYEE LENKA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Ramanaguda, I, **GITANJALI KADRAKA, W/o- DILESHWAR KADRAKA** of village: Badabangi, Po.- Goseigulumunda, PS.- Ramanaguda, Dist.- Rayagada, Odisha, No.195 dtd.08.7.2025 declared that, my son's correct name is **SUBHANKAR KADRAKA. SUBHANKAR KADRAKA** and **SIBA KADRAKA** both the names are of same and one person.

**AFFIDAVIT**

I Sefali Jena, W/o: Khageswar Sahoo, Flat No.: 202, Near Dalkhai Mandir, Jharapada, Laxmisagar, Bhubaneswar-751006, Dist.: Khorda, Odisha. PassportNo: Y9835662. Declare by this Affidavit No: 333/2025, 08.07.2025, that onwards. I shall be known as **Sefali Sahoo.** For all future purpose.

Sefali Sahoo

**AFFIDAVIT**

I, **Pratima Behera,** D/o- Bilasini Behera (mother) and Gopinath Behera (father), aged about 31yrs, resident of At- Keshpur, PO/PS- Kandarpur, Dist-Cuttack, Odisha PIN- 754100 vide affidavit done before the Executive Magistrate, Cuttack on 29/10/2024 do hereby state that, I have changed my name to **Ajaya Kumar Behera** (Transgender). Henceforth, I shall hereafter be known as **Ajaya Kumar Behera,** S/o- **Gopinath Behera** & **Bilasini Behera** for all purposes.

Ajay Kumar Behera

**AFFIDAVIT**

I Smt. Sangeeta Maheshwari, W/o- Sanjay Gupta, R/o-Keshab-405, Balaji Complex, Jharapada, Bhubaneswar-751006, Dist.- Khordha, Odisha declare by this affidavit No-15AA879469, Dated 17 April 2025, that now onwards I shall be change my surname from **MAHESHWARI** to **BHANSALI**. Henceforth I shall be known as **Sangeeta Bhansali** for all official & non-official purposes.

**AFFIDAVIT**

By virtue of an affidavit sworn before the Executive Magistrate, Baramba on dtd. 30.06.2025 I, Sena Bibi W/o Kayamuddin Khan of Vill-Nizigarh Baramba, Po/Ps-Baramba Dist-Cuttack declare by this affidavit No-5545/30.06.2025 than now onward I shall be known as **SAINA BIBI**,W/o- Kayamuddin Khan for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated- 02/12/2024, I, Niranjan Rout, DOB- 04/08/1977, S/o- Basanta Rout, At- Dadhibamanpur, P.S- 42 Mouza, Bentkar, P.0- Dadhibamanpur, Dist.-Cuttack - 754112, Odisha, declare that I myself Niranjan Patra, S/o-Rajendra Patra and Niranjan Rout, S/o- Basanta Rout is one and same person. Hence-forth, I shall be known as Niranjan Rout, S/o- Basanta Rout for all purposes.This affidavit to the before the concerned authority The LIC of India D.B.O Branch Cuttack for confirmation. If there is an objection, same may be reported to Branch Manager , LIC of India with in 15 days from the publication of affidavit.

Sd/- Niranjan Rout

**AFFIDAVIT**

By virtue of an affidavit before The Notary Public, Titilagarh, on dated-09/07/2025. I, **Pirabati Majhi** (Applicant name), Wife of Brajaraj Majhi, Permanent resident of At-Gunchitara, P.O. Tentulikhunti, P.S. Titilagarh, Dist- Balangir, (Odisha), PIN-767037 now residing at the same place affirm that I have changed my minor daughter's name from **Sarthi Majhi** (old name) To **Sathi Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sathi Majhi** (new name).

Pirabati Majhi

**AFFIDAVIT**

By virtue of an affidavit sworn before Notary Public Titilagarh, dated 09.07.2025 I, Jitendra Padhan, Adress At-Mathanpala, Po- Rigdol, Ps-Titilagarh, Dist- Balangir, Odisha, Pin- 767033 declare that I have changed my daughter's name from Aisha Padhan to Roshni Padhan. Henceforth, she shall be known as Roshni Padhan for all purposes.

Jitendra Padhan

**AFFIDAVIT**

By virtue of an affidavit before The Notary Public, Titilagarh, on dated-08/07/2025. I, **Gajapati Majhi** (Applicant name), Son of Parsu Majhi, Permanent resident of At- Sukunabhata, P.O. Marlad, P.S. Titilagarh, Dist-Balangir, (Odisha), PIN- 767066 now residing at the same place affirm that I have changed my minor daughter's name from **Shabesree Majhi** (old name) To **Sabitri Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Sabitri Majhi** (new name).

Gajapati Majhi

**RAJA MADHUSUDAN DEV DEGREE COLLEGE**
**PATIA, BHUBANESWAR**
**(NAAC B+ Accredited & Govt. Aided College)**

**e-Admission: 2025**

Apply for UG Hons. (NEP) in Arts, Science & Commerce.

**Subjects:** Economics, Education, English, History, Home Science, Odia, Pol. Science, Sanskrit, Sociology / Physics, Chem., Math., Computer Science, Botany & Zoology / Commerce Hons.

**APPOINTMENT**

Lecturer in Computer Science (B.Sc.), Sanskrit & Sociology are required. Candidates with minimum 55% score in PG may apply online in college website Appointment Link. NET / M.Phil. & Ph.D. qualified candidates will be preferred.

**N.B.:** All Posts are self-financing & will not receive any GIA from Govt.

Website: **www.rmddc.ac.in**

E-mail: **rajamddegreecollege@gmail.com**

Dr. Prasant Raut
Principal

**AFFIDAVIT**

I, Meherun Nesa Bibi, aged about 65 years, W/o- Shaikh Nasimuddin, resident of At- Quazi Mohalla, Mir Sahi, Po/Ps-Purunabazar, Dist-Bhadrak, Odisha, PIN-756100 declare by this affidavit No.1204, dtd. 08/07/2025, that now onwards I shall be known as **MEHERUN NESA** for all future purposes.

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE**
**E-mail – eelidvnbls@yahoo.com**
**e - Procurement Notice**
**Bid Identification No: 03/2025-26 /DT. 04.07.2025**

1. Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work- Revival of Defunct & Reinforcement of old Operable L.I.Ps 44 nos. (Revival - 41 nos. & Reinforcement - 03nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District.
3. No. of Package:- 41Nos. - State Plan (Revival–2024-25) & 03Nos. - State Plan (Reinforcement – 2024-25).
4. Cost of Tender Amount :- Varies from Rs.15,98,414/- to Rs.6,77,836/-
5. Date and time of availability of bid document in portal for on-line biding from 09.07.2025 at.11.00 hrs to dated. 19.07.2025 at 17.00 hrs.
6. Last date and time of receipt of bid in the portal dated 19.07.2025 upto 17.00 hrs.
7. Last date & time to seek clarification dated 18.07.2025 upto 17.00 hrs.
8. Date of opening of Technical bid (Cover-1) dated 21.07.2025 at 11.00 hrs.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt. of Odisha i.e.www.tenderodisha.gov.in.
11. Subsequent Corrigendum/addendum/Cancellation if required shall be available in above portal.

-Sd-
Er. S.C. Munda
Executive Engineer,
L.I. Division, Balasore.

OIPR-32150/11/0004/2526 CAD-1053

**ଶପଥନାମା**

ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ହାଟଡ଼ିହୀଙ୍କ ସମ୍ମୁଖରେ ଶପଥନାମା ସଂଖ୍ୟା ୦୪/ତା: ୦୪.୦୭.୨୦୨୫ ଅନୁଯାୟୀ, ମୁଁ ମମତାମୟୀ ସାମନ୍ତରାୟ (ବିବାହ ପରେ ପ୍ରିୟଙ୍କା ପରିଡ଼ା ନାମରେ ପରିଚିତ ଥାଇ), ସ୍ୱାମୀ- ରଞ୍ଜନ କୁମାର ପରିଡ଼ା, ଗ୍ରାମ- ବୋଇଲୋ, ପୋଷ୍ଟ- ପୁରୁଣାହାଟ, ଥାନା- କିଶନନଗର, ପିନ୍ କୋଡ୍-୭୫୪୧୩୧, ଜିଲ୍ଲା- କଟକ, ମୋର ନାମ ପ୍ରିୟଙ୍କା ପରିଡ଼ାରୁ ମମତାମୟୀ ସାମନ୍ତରାୟକୁ ପରିବର୍ତ୍ତନ କରିଥିବାରୁ ଏବେ ଠାରୁ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ମମତାମୟୀ ସାମନ୍ତରାୟ ନାମରେ ପରିଚିତ ହେବି।

ମମତାମୟୀ ସାମନ୍ତରାୟ

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ଲୋକ ସମ୍ପର୍କ ବଢ଼ିବ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ମାନ ସମ୍ମାନ ବୃଦ୍ଧି ହେବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାନଧର୍ମ କରନ୍ତୁ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଦାନ ଧର୍ମ କରିବେ।

# ନୀଳଚକ୍ର ପ୍ରତିଷ୍ଠା ଓ ନୀଳାଦ୍ରି ବିଜେ ଉତ୍ସବ

**ଚୌଦ୍ୱାର, ୯।୭ (ସମିସ):** ଚୌଦ୍ୱାର କେଦାରେଶ୍ୱର, ଚାରବାଟିଆ ଜଗନ୍ନାଥ ମନ୍ଦିରର ନୀଳଚକ୍ର ପ୍ରତିଷ୍ଠା ଉତ୍ସବ ଓ ଚତୁର୍ଦ୍ଧାମୁରତୀଙ୍କ ନୀଳାଦ୍ରି ବିଜେ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳୁ ମନ୍ଦିରର ସମସ୍ତ ନୀତିକାନ୍ତି ସମାପନ ହେବା ପରେ ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ରରର ଶୁଭ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହାସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁଙ୍କ ବିଭୁକୃପା ଲାଭ କରିଥିଲେ। ସନ୍ଧ୍ୟାରେ ନୀଳାଦ୍ରିବିଜେ ଅବସରରେ ଭଜନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ଚୌଦ୍ୱାର ତିନିକୋଣିଆ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର, ଗୁପ୍ତେଶ୍ୱର ସାହି, ବିଲ୍ଟୁ ବଜାର, ଓଟିଏମ କଲୋନୀ, ମୁଣ୍ଡମାଳ, ନୂଆପାଟଣା, ବାଣିପଦା, ଶଙ୍କରପୁର ଆଦି ସ୍ଥାନରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଉତ୍ସବ ପାଳିତ ହୋଇଛି।

# ନିଆଳି ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

**ନିଆଳି, ୯।୭ (ସମିସ):** ନିଆଳି ପ୍ରେସ୍ କ୍ଲବର କାର୍ଯ୍ୟାଳୟ ନିଆଳିର ବଙ୍ଗାଳିସାହି ଛକରେ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟ ଆକ୍ଟରେ ପଞ୍ଜୀକରଣ ହୋଇଥିବା ଏହି ନିଆଳି ପ୍ରେସ୍ କ୍ଲବର ବିଗତ କିଛି ବର୍ଷ ଧରି ନିଆଳି ଅଞ୍ଚଳର ସାମଗ୍ରିକ ବିକାଶରେ ନିଜକୁ ସାମିଲ୍ କରିଛି। ସୋମବାର ଅନୁଷ୍ଠିତ କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ କ୍ଲବର ସଭାପତି ମନୋରଞ୍ଜନ ଶତପଥୀ ଆନୁଷ୍ଠାନିକ ଭାବେ ଫିତାକାଟି କ୍ଲବ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟ ପୂଜା ଉତ୍ସବରେ ମୁଖ୍ୟ ଉପଦେଷ୍ଟା ସୁବାସ ମହାପାତ୍ର କର୍ତ୍ତା ହୋଇଥିଲେ। ଏହି ଉତ୍ସବରେ ତହସିଲଦାର ତାରେଣୀ ରଞ୍ଜନ ରାୟ, ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଏସ୍.ଏନ୍.ନବୀନ୍, ଜଳସଂପଦ ବିଭାଗ ଏସ୍‌ଡିଓ ସୁଧାକର ମଲ୍ଲିକ, ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକ, କଲ୍ୟାଣ ଫାଉଣ୍ଡେସନ୍‌ର ସଭାପତି ସୌମିତ୍ର ଲେଙ୍କା, ଡା. ସୌମ୍ୟରଂଜନ ମିଶ୍ର, ବିଜେପି ନେତା ଶଶୀକାନ୍ତ ଲେଙ୍କା, ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା, ଆମ୍ରାର ଅଧ୍ୟକ୍ଷ ବିଷ୍ଣୁଚରଣ ସ୍ୱାଇଁ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ବରିଷ୍ଠ ନାଗରିକ ମଞ୍ଚର ସଭାପତି କୈଳାସଚନ୍ଦ୍ର ସୁର, ସଂପାଦକ ଅଶୋକ ରାୟ, ସଂଗଠକ ଗଣେଶ୍ୱର ମିଶ୍ର, ତ୍ରିଲୋଚନ ବେହେରା, ସରୋଜ ସ୍ୱାଇଁ, ପରକ୍ଷିତ ବାରିକ, ଅଭିମନ୍ୟୁ ମଲ୍ଲିକ, ବିଜୟରାମ ପଣ୍ଡା, ରଞ୍ଜନ ଲେଙ୍କା, କଂଗ୍ରେସ ନେତା ସୌଭାଗ୍ୟ ବସ୍ତିଆ, ଡା.କେଦାରନାଥ ସାହୁ, ସାମ୍ବାଦିକ ପ୍ରକାଶ ନନ୍ଦ,ଶୈଳଜା ମହାପାତ୍ର, ଏସ୍.କେ. କମ୍‌ରାମ୍, ରଶ୍ମୀରଞ୍ଜନ ମଲ୍ଲିକ, ଉମେଶ ମଲ୍ଲିକ, ମନୋଜ ନାୟକ, କାଜଲକାନ୍ତ ସାହୁ, ବିନୟ ମହାପାତ୍ର, ଏସ୍.କେ. ଫୟାଜ୍, ଦେବୀପ୍ରସାଦ ସିଂହଙ୍କ ସମେତ ନିଆଳି ପ୍ରେସ୍ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ସାଲେପୁର ବ୍ଲକ୍‌ର ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା



**ସାଲେପୁର, ୯ ।୭ (ସମିସ):** ସାଲେପୁର ବିଜେପି ପକ୍ଷରୁ ନୂତନ ଭାବେ ସାଲେପୁର ବ୍ଲକରେ ବିଡିଓ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଲୋପାମୁଦ୍ରା ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ ବିଡିଓ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଲୋପାମୁଦ୍ରା ନାୟକ ଏହା ପୂର୍ବରୁ କଟକ ଡି.ଏଲ୍.ଆର୍.ଏସ୍ ବିଭାଗରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ ଏବେ ନୂତନ ଭାବେ ସାଲେପୁର ବିଡିଓ ରୂପେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରର ଆଜି ସାଲେପୁର ବିଜେପି ପକ୍ଷରୁ ବହୁ ବିଜେପି ନେତା ତଥା ଗୋପିନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ ରାଉତ, ପୂର୍ବତନ ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ମଧକଚ୍ଛ ପଞ୍ଚାୟତ ବିଜେପି ସଭାପତି ପ୍ରଭାତ ସ୍ୱାଇଁ, ଯୁବମୋର୍ଚ୍ଚା ସଭାପତି ବାବୁ ଦାସ, ମହିଳା ମୋର୍ଚ୍ଚା ସଭାପତି ଅନୁସୂୟା ଘଡାଇ, ଗୀତାଞ୍ଜଳି ପ୍ରଧାନ, ରାଇସୁଙ୍ଗୁଡା ମଣ୍ଡଳ ସଭାପତି ରମେଶ ନାୟକ ପ୍ରମୁଖ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ଜଣାଯାଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଏହାପୂର୍ବରୁ ବିଡିଓ ଭାବେ ଖଗେଶ୍ୱର ପାତ୍ର କାର୍ଯ୍ୟରୁ ଅବସର ନେବା ପରେ ଉକ୍ତ ଦିନ ଠାରୁ ସ୍ଥାୟୀ ବିଡିଓ ପଦ ଖାଲି ପଡିଥିଲା। ଲୋପାମୁଦ୍ରା ନାୟକ ସାଲେପୁର ବ୍ଲକ ବିଡିଓ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି।

# ଚାଷୀଙ୍କୁ ରସାୟନିକ ସାର ଯୋଗାଣରେ ସରକାର ବିଫଳ

## ବ୍ୟାପକ କଳାବଜାର, ଚିନ୍ତାରେ ଚାଷୀ

**କଟକ, ୯।୭ (ସମିସ):** କୃଷି ଓ କୃଷକର ଉନ୍ନତି ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଓ ରସାୟନିକ ସାର ବିହନ ଯୋଗାଣରେ ରିହାତି ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳରେ ରାସାୟନିକ ସାରର ବ୍ୟାପକ କଳାବଜାର ହେଉଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି।

ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା କାରଣରୁ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତର ଲୋକେ ମୁଖ୍ୟତ କୃଷି ଉପରେ ନିର୍ଭର କରିଥାନ୍ତି। ପ୍ରତି ବର୍ଷ ଏହି ଅଞ୍ଚଳର ଚାଷୀମାନେ ଧାନ ଚାଷ ଉପରେ ଅଧିକ ଗୁରୁତ୍ୱାରୋପ କରିଥାନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଧିରେ ଧିରେ ଚାଷୀ ଗୋବରଖତ ପିଡ଼ିଆଠାରୁ ଦୂରେଇ ରହିବା ସହ ଲୋକେ ଧାନଚାଷ ନିମନ୍ତେ ମୁଖ୍ୟତଃ ରସାୟନିକ ସାର ଉପରେ ନିର୍ଭର କରିଥାନ୍ତି। ବିଶେଷ କରି ସ୍ଥାନୀୟ ଅଞ୍ଚଳରେ ଧାନ ବିହନ ଗଜା କରାଯାଉଥିଲା ବେଳେ କେତେକ ଖାଲୁଆ ଜମିରେ ମଧ ଧାନ ତଳି ରୁଆ ହେବା ଆରମ୍ଭ ହୋଇ ଗଲାଣି। ଏଥିନିମନ୍ତେ ୟୁରିଆ ଓ ପଟାସ ସାରର ଯଥେଷ୍ଟ ଆବଶ୍ୟକତା ରହିଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଏହି ବ୍ଲକର କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଥିବା ମାର୍କଫେଡ ଉପରେ ରାସାୟନିକ ସାର ନିମନ୍ତେ ନିର୍ଭର କରିଥାନ୍ତି। ତେବେ ଏହି କାର୍ଯ୍ୟାଳୟ ବହୁ ସମୟରେ ତାଲା ପଡି ରହୁଥିଲା ବେଳେ ଦୀର୍ଘ ବର୍ଷ ଧରି ଆସ୍ଥାନ ଜମାଇ ରହିଥିବା ସ୍ଥାନୀୟ ଅଞ୍ଚଳର କର୍ମଚାରୀମାନେ ନିୟମିତ ଅଫିସ ଆସୁ ନ ଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି।

ଚାଷୀମାନେ ରାସାୟନିକ ସାର ଆଣିବା ପାଇଁ ଯାଇ ଅଫିସ କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦେଖି ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ଅପରପକ୍ଷରେ ସରକାରଙ୍କ ତରଫରୁ ସ୍ଥାନୀୟ ଅଞ୍ଚଳରେ ଡିଲରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ଡିଲରମାନେ ମାର୍କଫେଡରୁ ସାର ଉଠାଇଥାନ୍ତି। ଏହି ମୁନଫାଖୋର ସାର ବ୍ୟବାସାୟୀମାନେ ରାସାୟନିକ ସାରର ବ୍ୟାପକ କୃତ୍ରୀମ ଅଭାବ ସୃଷ୍ଟି କରୁଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ମାର୍କଫେଡରୁ ଡିଲରମାନେ ଉଠାଇଥିବା ରାସାୟନିକ ସାର ଗୁଡିକୁ ବିଭିନ୍ନ ସ୍ଥାନରେ ଥିବା ତାଙ୍କର ଗୋଦାମ ଗୃହ ମାନଙ୍କରେ ଲୁଚାଇ ରଖିଥିବାର ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ସାର ଯୋଗାଇ ଦିଆଯାଇ ନାହିଁ ବୋଲି ଚାଷୀମାନଙ୍କୁ ସଫେଇ ଦିଆଯାଉଛି। ଏପରିକି ଚାଷୀଙ୍କୁ ନେଇ ରାଜନୈତିକ ବାଛ ବିଚାର କରାଯାଉଥିବାର ଅଭିଯୋଗ ହୋଇଛି। ଚିଠା ମିଳିଲେ ଚାଷୀଙ୍କୁ ସାର ଦିଆଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଚାଷୀମାନଙ୍କ ଠାରୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ବହୁ ଅଧିକ ମୂଲ୍ୟ ଶୋଷଣ କରି ନିଆଯାଉଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ନ ଦେଲେ ଚାଷୀଙ୍କୁ ନାଲିଆଖି ଦେଖାଇ ଡିଲର ଫେରାଇ ଦେଉଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଏପରିକି ମୁନଫାଖୋର ଡିଲରମାନେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ସାର ଦେବା ପରିବର୍ତ୍ତେ ନିରାଶରେ ଫେରାଇ ଦେଉଥିବାର ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ୟୁରିଆ ଓ ପଟାସ ସାରର ବ୍ୟାପକ କଳାବଜାର ଚାଲିଥିଲେ ମଧ ପ୍ରଶାସନ ତରଫରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କାରଣରୁ ଚାଷୀ ମହଲରେ ଅଭିଯୋଗ ହୋଇଛି। ଚାଷୀଙ୍କୁ ତୁରନ୍ତ ସୁଲଭ ମୂଲ୍ୟରେ ରାସାୟନିକ ସାର ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପତିତପାବନଜୀଉଙ୍କ ଯାତ୍ରା ସମ୍ପନ୍ନ



**କନ୍ଦରପୁର, ୯ ।୭ (ସମିସ):** ୪୨ ମୌଜା ଧୂଳିଶ୍ୱର - ବନ୍ତୁଣିଆ ଗ୍ରାମର ମହାପ୍ରଭୁ ପତିତପାବନଜୀଉଙ୍କ ବାହୁଡା ଯାତ୍ରା ସଂପନ୍ନ ହୋଇଛି। ମହାରାଜ ଦୁଃଶାସନ ସ୍ୱାଇଁ ଛେରାପହଁରା କରି ସାରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଚତୁର୍ଦ୍ଧା ମୂର୍ତ୍ତି ମାଉସୀ ମା' ମନ୍ଦିରରୁ ଯଥାବିଧି ପୂର୍ବକ ରତ୍ନବେଦୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଧୂଳିଶ୍ୱର ଗ୍ରାମର ବୟୋଜ୍ୟେଷ୍ଠ ଶତାୟୁ ମୁରବୀ ଆଧାତ୍ମିକବାଦୀ ଧନେଶ୍ୱର ସେନାପତିଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥ କୃପା ପରିଷଦର ଉପଦେଷ୍ଟା ବରିଷ୍ଠ ସମାଜସେବୀ ଇଂ ଅଶୋକ କୁମାର ବିଶ୍ୱାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ପବିତ୍ର ଯାତ୍ରାରେ ଜଗନ୍ନାଥ କୃପା ପରିଷଦର ସଭାପତି ବିନୋଦ ବେହେରା, ସମ୍ପାଦକ ହୃଦାନନ୍ଦ ବିଶ୍ୱାଳ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେନାପତି, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ତପନ ସେନାପତି, ଆଲୋକ ନାୟକ, ଦୀପ୍ତି ରଞ୍ଜନ ସାସେନି, ଲକ୍ଷ୍ମୀଧର ବିଶ୍ୱାଳ, ବୈକୁଣ୍ଠନାଥ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ପ୍ରମୋଦ ବେହେରା, ନାରାୟଣ ସେଠୀ, କ୍ଷୀରୋଦ ବେହେରା, ରମେଶ ମଲ୍ଲିକ, ଭାଗ୍ୟଧର ନାୟକ ମଧୁସୂଦନ ସେନାପତି, ତ୍ରିଲୋଚନ ସେନାପତି, ଧନେଶ୍ୱର ସେନାପତି, ସୁରେନ୍ଦ୍ର ସେନାପତି, ଶିଶିର ସାହୁ, ଘନଶ୍ୟାମ ମଲ୍ଲିକ, ଗୋବିନ୍ଦ ସେଠୀ, ବୁଲୁ ବାବା, ସ୍ଥାନୀୟ ବାସିନ୍ଦା ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ୱିସଡମ୍ ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ




**କିଶନନଗର, ୯।୭ (ସମିସ):** କଟକ ସଦର ଅନ୍ତର୍ଗତ କିଶନନଗର ପଞ୍ଚାୟତ ମା' ବୁଢୀ ଠାକୁରାଣୀଙ୍କ ନିକଟରେ ଥିବା ୱିସଡମ୍ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀଙ୍କ ପରିଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶନନଗର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଦେବେନ୍ଦ୍ର ନାଥ ବାରିକ, ଏସଆଇ ଜୟଶ୍ରୀ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ୍ତ ଆଚାର୍ଯ୍ୟ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଅପରାଜିତା ଘୋଷାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନଜା ବାସିନୀ ଦାସ, ସରିତା ମହାନ୍ତି, ଗୀତାଞ୍ଜଳି, ବିଜୟଲକ୍ଷ୍ମୀ, ପ୍ରମୁଖ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଟାଙ୍ଗୀ-ଚୌଦ୍ୱାର ନୂତନ ବିଡିଓଙ୍କ ଯୋଗଦାନ



**ଟାଙ୍ଗୀ, ୯ ।୭ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଡିଓ ପଦ ଗତ କିଛି ମାସ ଖାଲି ପଡ଼ିବା ପରେ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା ନୂତନ ବିଡ଼ିଓ ଭାବେ ଯୋଗଦାନ କରିଛନ୍ତି। ସେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକରୁ ବଦଳି ହୋଇ ପ୍ରଥମକରି ବିଡ଼ିଓ ଆସନ ଅଳଙ୍କୃତ କରିଥିବାରୁ ୩ଟି ବିଧାନସଭା ଓ ୨ଟି ସଂସଦୀୟ କ୍ଷେତ୍ର ଅଧୀନସ୍ଥ ତଥା ୨୪ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକ ପରିଚାଳନା ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ବ୍ଲକ କର୍ମକର୍ତ୍ତା ଓ ସ୍ଥାନୀୟ ବିଜେଡ଼ି ନେତୃବୃନ୍ଦଙ୍କ ତରଫରୁ ବିଡିଓ ଶ୍ରୀମତୀ ଓଝାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ବୁଥ୍ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର



**ଆଠଗଡ, ୯।୭ (ସମିସ):** ସାମ୍ବିଧାନିକ ଧାରା ଓ ମୂଲ୍ୟବୋଧକ କାର୍ଯ୍ୟର ସଫଳ ରୂପାୟନକୁ ନେଇ ବୁଥ ଅଧିକାରୀମାନଙ୍କର ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ଆଠଗଡ ବ୍ଲକ ସଭାଗୃହରେ ଅନୁଷ୍ଠିତ ହେଉଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନ ଏବଂ ସହକାରୀ ଜିଲ୍ଲାପାଳ ମାନସ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ୮ ୯ ଆଠଗଡ ବିଧାନସଭା ଆସନ ଅନ୍ତର୍ଗତ ତିଗିରିଆ ଓ ଆଠଗଡ ବ୍ଲକର ୪୫ ଜଣ ବୁଥସ୍ତରୀୟ ଅଧିକାରୀ ଓ ୫ ସୁପରଭାଇଜର ଯୋଗଦେଇ ପ୍ରଶିକ୍ଷିତ ହୋଇଥିଲେ। ତିଗିରିଆ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ ଓ ଜାତୀୟସ୍ତରର ଦିଲ୍ଲୀରେ ତାଲିମ ନେଇ ଆସିଥିବା ସୁପରଭାଇଜର ଲୋକନାଥ ସାହୁ ତାଲିମ ପ୍ରଦାନ କରିଥିଲେ। ବୁଥ କ୍ଷେତ୍ରରେ ଅଧିକାରୀମାନଙ୍କ ଭୂମିକା ଓ ଏକ ସୁସ୍ଥ ଭୋଟର ତାଲିକା ଗଠନ ନିମନ୍ତେ ହେବାକୁ ଥିବା ନୂତନ ପଞ୍ଜୀକରଣ, ଅନ୍ତର ଏବଂ ସଂଶୋଧନ କାର୍ଯ୍ୟର ଫର୍ମ ପୂରଣ ସହିତ ତାକୁ ଡିଜିଟାଲାଇଜ କରିବା ସହିତ ମୋବାଇଲ୍ ଆପରେ ଆସୁଥିବା ବିଭିନ୍ନ କେସର ସଫଳ ରୂପାୟନ ଉପରେ ପ୍ରଶିକ୍ଷଣ ମାନ ଦିଆଯାଇ ବୁଥ ଅଧିକାରୀଙ୍କୁ ଅଧିକ କ୍ରିୟାଶୀଳ କରାଯାଇଥିଲା। ଏହି ତାଲିମ ଶିବିରକୁ ତିଗିରିଆ ବ୍ଲକର ଉପବିଭାଗ ଅଧିକାରୀ ସୂର୍ଯ୍ୟମଣି ସାହୁ, ସୁପରଭାଇଜର ଚନ୍ଦ୍ରକାନ୍ତ ମିଶ୍ର, ନିର୍ବାଚନ କାର୍ଯ୍ୟାଳୟର ଆଲୋକ ରଞ୍ଜନ ମହାନ୍ତି ସୁମେଶ ଚନ୍ଦ୍ର ବେହେରା ଏବଂ ମନୋରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ।

# ନିଆରା କାରିଗର ସୁଶାନ୍ତ

## ନଡ଼ାରେ ତିଆରି କରୁଛନ୍ତି ସୁନ୍ଦର କାରୁକାର୍ଯ୍ୟ

**ଭଦ୍ରେଶ୍ୱର, ୯।୭ (ସମିସ):** ଉତ୍କୃଷ୍ଟ କଳାର ରାଜ୍ୟ ରୂପେ ଓଡ଼ିଶା ବା ଉତ୍କଳ ବେଶ୍ ପରିଚିତ। ଓଡିଶାର କାରିଗରମାନଙ୍କର କଳା ଭାସ୍କର୍ଯ୍ୟ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଛି। ତାହାର ଏକ ଜ୍ୱଳନ୍ତ ନମୁନା ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ଏହି ବ୍ଲକ ଅଞ୍ଚଳରେ ଜଣେ କାରିଗର ନଡାରେ ଖୁବ ସୁନ୍ଦର କଳାକୃତି ତିଆରି କରୁଥିବାର ଦେଖିବାକୁ ମିଳିଛି। ସହର ମାନଙ୍କରେ ବଡ ବଡ ଆଲିସାନ ଫ୍ଲାଟ, ସୁନ୍ଦର ଡିଜାଇନର ଘର ଦେଖିବାକୁ ମିଳେ। ଅନୁରୂପ ଭାବେ ଏହି ଡିଜାଇନର ଆଲିସାନ ବଙ୍ଗଳା, ଫ୍ଲାଟ, ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ ନଡାରେ ତିଆରି କରି ମାହାଙ୍ଗା ଅଞ୍ଚଳର ଜଣେ ଯୁବକ ବେଶ ପରିଚିତ ହେବା ସହ ସୁନାମ ଅର୍ଜନ କରିଛନ୍ତି। ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତର ସୁଶାନ୍ତ ବେହେରା ନଡାରେ ଅତି ସୁନ୍ଦର ଦୁର୍ଲଭ ବସ୍ତୁ ତିଆରି କରୁଥିବାର ଦେଖିବାକୁ ମିଳିଛି।



ସୁଶାନ୍ତ ନଡାରେ ବଡ ବଡ ଆପାର୍ଟମେଣ୍ଟ, ଓଡିଶା ବିଧାନସଭାର ଶୌଧ, ତାଜମହଲ ସମେତ ଭାରତର ପ୍ରସିଦ୍ଧ ମନ୍ଦିର ଗୁଡିକର କାରୁକାର୍ଯ୍ୟ ଚମତ୍କାର ଢଙ୍ଗରେ ନଡାରେ ତିଆରି କରି ବେଶ ସୁନାମ ସାଉଁଠିଛନ୍ତି। ଏହି ମୂଲ୍ୟବାନ ସାମଗ୍ରୀ ଗୁଡିକୁ ତିଆରି କରି ସୁଶାନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ସମେତ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ନିଜର କଳାକୃତି ମାଧ୍ୟମରେ ସେ ବହୁ ଆଶ୍ଚର୍ଯ୍ୟଜନକ କାରୁକାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ତାଙ୍କର ଏହି କାରୁକାର୍ଯ୍ୟ ଗୁଡିକୁ ଦେଖିବା ନିମନ୍ତେ ଶହ ଶହ ଲୋକଙ୍କର ଭିଡ ଜମୁଥିôବାର ଦେଖିବାକୁ ମିଳିଛି। ଏପରିସ୍ଥଳେ ରାଜ୍ୟ ସରକାର ଏହି ଶିଳ୍ପୀଙ୍କୁ କୌଣସି ପ୍ରୋତ୍ସାହନ ଦେଇ ନ ଥିବାର ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ଦିଆଗଲେ ସେ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିପାରନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି।

# ଦ୍ୱୀପାଞ୍ଚଳରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ସାଲେପୁର, ୯ ।୭ (ସମିସ):** ଦ୍ୱୀପାଞ୍ଚଳରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ରଟିଲୋ ପଞ୍ଚାୟତର ବୁଗୁଡା ଓ ସାହାଡାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ଭାସ୍କର ରାଉତ, ୱାର୍ଡସଭ୍ୟ ସୁରେନ୍ଦ୍ର ଭୋଇ, ଦ୍ରୁପଦ ସ୍ୱାଇଁ, ଶ୍ରୀଧର ମଲ୍ଲିକ, ହେମନ୍ତ ମହାପାତ୍ର, ଇସି ମେମ୍ବର ନିରୂପମା ପରିଡା, ବସନ୍ତ ପ୍ରଧାନ, ଅଶୋକ ରାଉତ, ଅଜୟ ସ୍ୱାଇଁ, ଶାକୁନ୍ତ ବେହେରାଙ୍କ ସମେତ ଶତାଧିକ ମହିଳା ଓ ଯୁବକ ଉପସ୍ଥିତ ଥିଲେ।

# ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟର ବୃକ୍ଷରୋପଣ



**ଅଡ଼ଶପୁର, ୯।୭ (ସମିସ):** ନିଆଳୀ ତଥା ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା, ବରିଷ୍ଠ ମାର୍ଗଦର୍ଶକ, ଶିକ୍ଷାବିତ ତଥା ଗାନ୍ଧିବାଦୀ ସମାଜସେବୀ ଇଂ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର ସାରଙ୍କ ଜନ୍ମଦିନରେ ସ୍ୱାଧୀନତା ସଂଗ୍ରାମୀ ପଡିଆ ବା ଓହଳ ପଡିଆରେ ବର ଓସ୍ତ ସହ ବିଭିନ୍ନ ଗଛ ଲଗାଇ ଜନ୍ମଦିନ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକଙ୍କ ସୁପୁତ୍ର କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଦୀପ୍ତ ମଲ୍ଲିକ, ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟରର ଅଧକ୍ଷ ତଥା ଅନୁଷ୍ଠାନର କୋଷାଧକ୍ଷ ନିର୍ମାଲ୍ୟ ବାରିକ, ମହିଳା ସମ୍ପାଦିକା ସୁଶ୍ରୀ ପ୍ରିୟଙ୍କା ସେନାପତି, ସହ ସମ୍ପାଦିକା ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ସୋନାଲି ସୁନ୍ଦରାୟ, ସମୀର ଭୋଇ ଏବଂ ଶୁଭସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଏହାସହ କମ୍ପ୍ୟୁଟର ସେଣ୍ଟର ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବନ ମହୋତ୍ସବ



**ଟାଙ୍ଗୀ, ୯ ।୭ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚନ୍ଦନମ୍ ଅନୁଷ୍ଠାନ ଆନୁକୂଲ୍ୟରେ ୭୬ ତମ ବନ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ରର ସମ୍ପାଦକ ଗଙ୍ଗାଧର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚନ୍ଦନମର ସମ୍ପାଦକ ତଥା ପ୍ରାକ୍ତନ ଡିଏଫଓ ଭୀମସେନ ମହାରଣା, ସମ୍ମାନିତ ଅତିଥିଭାବେ ସଦସ୍ୟ ପ୍ରବୋଧ ଚନ୍ଦ୍ର ନାୟକ, କୋଷାଧକ୍ଷ ଦୀପକ ରଞ୍ଜନ ଖିଲାର, ଗରୁଡ଼ଗାଁ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁବାଷ ଚନ୍ଦ୍ର ବେଉରା, ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ, ସମାଜସେବୀ ପ୍ରମୋଦ ଜଟ ଓ ଅଶୋକ ରାଉତରାୟ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ରଚନା ଲିଖନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ସହଯୋଗ କରିଥିଲେ।

# ସର୍ବଭାରତୀୟ ଧର୍ମଘଟ; ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବନ୍ଦ



ନିଶ୍ଚିନ୍ତକୋଇଲି, ୯।୭(ସମିସ): ଅଖିଳ ଭାରତ ଟ୍ରେଡ ୟୁନିୟନ ଓ ଆଇକେଏମ୍‌ୟୁ ପକ୍ଷରୁ ସର୍ବ ଭାରତୀୟ ଧର୍ମଘଟ ନିଶ୍ଚିନ୍ତକୋଇଲି ବଜାରରେ କରାଯାଇଥିଲା। ଭାରତୀୟ କ୍ଷେତ ମଜଦୁର ଓ ଏଆଇସିୟୁସି ବ୍ଲକ କମିଟି ପକ୍ଷରୁ କେନ୍ଦ୍ରୀୟ ସଂଗଠନ ସ୍ୱାଧୀନ ଫେଡ଼େରେସନଙ୍କ ଡ଼ାକରାରେ ୧୦ ଦଫା ଦାବିକୁ ନେଇ ସଂଗଠନର କର୍ମକର୍ତ୍ତାମାନେ ପ୍ରତିବାଦ ଓ ରାସ୍ତା ରୋକ କରିଥିଲେ। ବ୍ଲକ କମିଟି ସମ୍ପାଦକ କଣ୍ଡୁରୀଚରଣ ପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଅହମ୍ମଦବକ୍ସ ସ୍କୁଲ ପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ସରକାରଙ୍କ ଜନମାରଣା ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ବଜାର ପରିକ୍ରମା କରିଥିଲେ। ଏହା ପରେ ବସଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିବା ସହିତ ଏକ ପ୍ରତିବାଦ ସଭା କରିଥିଲେ। ଶ୍ରମିକ ବିରୋଧୀ ଶ୍ରମ କାର୍ଡ ବାତିଲ, ସ୍କିମ ୱାର୍କର୍ସ ତଥା ଅଙ୍ଗନବାଡ଼ି, ଆଶା, ପାଚିକା, ଉଦ୍ୟାନ ସାଥି ଓ ଗ୍ରାମ ପଞ୍ଚାୟତ ଖାଇରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା କରିବା, ପୁରୁଣା ପେନସନ ଲାଗୁ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ଦଶ ଦଫା ଦାବି ପୂରଣ ପାଇଁ ଏହି ଧର୍ମଘଟକୁ ଜୋରଦାର କରାଯାଇଥିଲା। ସିପିଆଇ ବ୍ଲକ ସମ୍ପାଦକ ହିମାଂଶୁ ଶେଖର ଭୂୟାଁ, ସେଖ ଅମଜାଦ୍ ଅଲ୍ଲୀ, ଶ୍ରମିକ ନେତା ଅରବିନ୍ଦ ପଣ୍ଡା, ସନାତନ ମଳିକ, ମାଗୁଣି ଚରଣ ନାୟକ, ସୁଦାମ ଚରଣ ମଳିକ, ବାବର ସ୍ୱାଇଁ, ସେଖ ମୁଜାଫର ଅଲ୍ଲୀ, ସବିତା ଶତପଥୀ, ବାବାଜୀ ସେଠୀ, ରାଧାକାନ୍ତ ସ୍ୱାଇଁ, ଗଙ୍ଗାଧି ନାୟକ, ସେଖ ନିଜାମୁଦ୍ଦିନ, ପୁରକାନ୍ ଖାଁ, ହୃଷିକେଶ ପଣ୍ଡା ଆଦି ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କର ଶ୍ରମିକ ମାରଣା ନୀତି ବିରୋଧରେ ବିଶାଦଗାର କରିଥିଲେ। ନିଶ୍ଚିନ୍ତକୋଇଲି ଅଞ୍ଚଳର ସମସ୍ତ ଜାତୀୟକରଣ ବ୍ୟାଙ୍କ୍ ବନ୍ଦ ରହିଥିବାରୁ ଏହି ଧର୍ମଘଟ ସଫଳ ହୋଇଥିଲା।

## ଟାଙ୍ଗୀରେ ରାଜପଥ ଅବରୋଧ, ଶତାଧିକ ଗିରଫ

ଟାଙ୍ଗୀ, ୯।୭(ସମିସ): ଭାରତ ବନ୍ଦକୁ ସମର୍ଥନ ଜଣାଇ ଓଡ଼ିଶା କୃଷକ ସଭା ଓ ସିଆଇଟିୟୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ତରଫରୁ ଟାଙ୍ଗୀ ଠାରେ ବିକ୍ଷୋଭ ତଥା ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ତ୍ରିମୁହାଣୀ ଛକଠାରେ ୧୬ନଂ ଜାତୀୟ ରାଜପଥ ଅବରୋଧ ପୂର୍ବକ ପ୍ରତିବାଦ କରି ଶତାଧିକ କର୍ମୀ ଗିରଫ ହୋଇଛନ୍ତି। କ. ରମେଶ ବେହେରା, ଚନ୍ଦ୍ର ମୋହନ ମାଝୀ, ସୁନାରାମ ହେମ୍ବ୍ରମ, ମୁକୁନ୍ଦ କୁଜୁରାକାଲ, ମହେନ୍ଦ୍ର ବେହେରା, ପର୍ଶୁରାମ ମହାରଣା, ନରେନ୍ଦ୍ର ହେମ୍ବ୍ରମ ଓ ବିଷ୍ଣୁ ବେହେରା ପ୍ରମୁଖ ଶତାଧିକ କର୍ମୀ କହ୍ନେଇପୁର ପଞ୍ଚାୟତ ଭଗତପୁର ଠାରୁ ଶୋଭାଯାତ୍ରା ଓ ପିକେଟିଂ ଆରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରା ଟାଙ୍ଗୀ ବଜାର ଓ ବ୍ଲକ



କାର୍ଯ୍ୟାଳୟ ରାସ୍ତାଦେଇ ରାଜପଥ ପର୍ଯ୍ୟନ୍ତ ଆସିଥିଲା। କ ସୁରେନ୍ଦ୍ର ସାହୁ, ବିଜୟ ସେନାପତିଙ୍କ ନେତୃତ୍ୱରେ ବରପଦା ସ୍ଥିତ ପିଏନ୍‌ବି ବ୍ୟାଙ୍କ ବନ୍ଦ କରି ଟାଙ୍ଗୀ ଠାରେ ଶୋଭାଯାତ୍ରାରେ ମିଶିଥିଲେ। କ.ଡମ୍ବୁରୁଧର ସାହୁ ଓ ମହେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟେଟ ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ବନ୍ଦ ପୂର୍ବକ ଶୋଭାଯାତ୍ରାରେ ସାମିଲ ହୋଇ ତ୍ରିମୁହାଣୀ ଛକ ଠାରେ ରାସ୍ତାରୋକ କରିଥିଲେ। ଦୀର୍ଘ ଦୁଇ ଘଣ୍ଟା ରାସ୍ତା ରୋକ ଫଳରେ ଶତାଧିକ ଗାଡ଼ି ରାଜପଥର ଉଭୟ ପାର୍ଶ୍ୱରେ ଛିଡ଼ାହୋଇ ରହିଥିଲା। ତେବେ ଜରୁରୀକାଳୀନ ସେବା ଯୋଗାଉଥିବା ଗାଡ଼ିକୁ କର୍ମୀମାନେ ଛାଡ଼ି ଦେଇଥିଲେ। ଶ୍ରମିକ ନେତା କେଶବ ଚନ୍ଦ୍ର ଷଡ଼ଙ୍ଗୀ, କୃଷକ ନେତା ଡମ୍ବୁରୁଧର ସାହୁ, ରମେଶ ବେହେରା ଓ ବିଷ୍ଣୁ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଡବଲ ଇଞ୍ଜିନ୍ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଏବଂ ଗରିବମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ।

## ହିନ୍ଦ୍ ମଜଦୁର୍ ସଭା ପକ୍ଷରୁ ବିକ୍ଷୋଭ ଓ ସ୍ମାରକପତ୍ର



ଆଠଗଡ଼, ୯।୭(ସମିସ): କେନ୍ଦ୍ର ସରକାରଙ୍କର ତ୍ରୁଟିପୂର୍ଣ୍ଣ ଶ୍ରମିକ, କୃଷକ ଆଇନ ପ୍ରତ୍ୟାହାର ସମେତ ଶ୍ରମିକ ବିରୋଧୀ ୪ ଶ୍ରମକୋର୍ଡ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ବନ୍ଦ, ଏନ୍‌ପିଏସ୍ ଓ ୟୁପିଏସ୍‌କୁ ବାତିଲ କରି ପୁରୁଣା ପେନସନର ପ୍ରଚଳନ, ସବୁ ବର୍ଗର ଶ୍ରମିକଙ୍କର ମାସିକ ସର୍ବନିମ୍ନ ମାସିକ ଦରମା ୨୬ ହଜାର ପ୍ରଦାନ ଆଦି ୧୭ ଦଫା ଦାବି ସହିତ ୨ ସ୍ଥାନୀୟ ଦାବିକୁ ନେଇ ହିନ୍ଦ ମଜଦୁର୍ ସଭା ପକ୍ଷରୁ ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରସଙ୍ଗକୁ ଦେଶର ପ୍ରମୁଖ ୧୦ ଶ୍ରମିକ ସଂଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାରେ ଆଠଗଡ଼ ଅଞ୍ଚଳର ଅନୁବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନ, ବିଡି ଶ୍ରମିକ, ନିର୍ମାଣ ସଂଗଠନର ସଭ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ସକାଳୁ ଆଠଗଡ଼ ବିଧାୟକ ତଥା ହିନ୍ଦ ମଜଦୁର୍ ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ଖୁଣ୍ଟୁଣୀ ଗୋଲେଇ ଛକରୁ ବାହାରି ଆଠଗଡ଼ ସହରର ଉପକଣ୍ଠ ସାପୁଆ ନଦୀ କୂଳରେ ପହଞ୍ଚିଥିଲା। ପରେ ଅସନ୍ତୋଷରତ ଶ୍ରମିକ ସଂଗଠନର ସଭ୍ୟଙ୍କ ଗହଣରେ ଏକ ବିରାଟ ପଦଯାତ୍ରା ସହର ପରିକ୍ରମା କରି ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରମିକ ନେତା ଲକ୍ଷ୍ମୀଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆରତୀ ଷ୍ଟିଲ ଆଣ୍ଡ ପାୱାର ଶ୍ରମିକ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରଞ୍ଜିତ ବରାଳ, ବିକେ ଷ୍ଟିଲ୍ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଗଗନ ବିହାରୀ ପରିଡ଼ା, ହିନ୍ଦ୍ ମଜଦୁର୍ ସଭାର ମହିଳା ଶାଖାର ସଭାନେତ୍ରୀ ଜାନକୀଲତା ନାଏକ, ବିଡି ଶ୍ରମିକ ନେତା ପ୍ରଭାକର ବେହେରା, ଅଜୟ ସ୍ୱାଇଁ, ବନୀତା ବେହେରା, ନାରାୟଣ ସାହୁ, କୃଷକ ନେତା ରବୀନ୍ଦ୍ରନାଥ ରାଉତ, ରଞ୍ଜନ ଜେନା, ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଦାମୀ ଗାଡ଼ିରୁ ବିଦେଶୀ ମଦ ଜବତ; ଜଣେ ଗିରଫ

ବଡମ୍ବା, ୯।୭(ସମିସ): ବଡମ୍ବା ଥାନା ପୁଲିସ ସୋମବାର ଏକ ଦାମୀ ଗାଡିରୁ ୨ ଲକ୍ଷ ଟଙ୍କାର ବିଦେଶୀ ମଦ ସହିତ ଜଣେ ଯୁବକକୁ ଗିରଫ କରିଛି। ଟି ସେତୁ ଦେଇ ଗୋପିନାଥପୁର ରାସ୍ତାକୁ ଯୋଗାଯୋଗ କରୁଥିବା ରାସ୍ତାରେ ଏକ ଦାମୀ କାର ଓଡି



୦୫ ବି ୨୭୨୭ ସହିତ ତିଗିରିଆ ଥାନା ଅଧିନ ବିନ୍ଧାଣିମା ଗ୍ରାମର ସୁଦର୍ଶନ ବେହେରାଙ୍କର ପୁଅ ସିତେଶ ବେହେରା (୨୭)କୁ ମଧ ବଡମ୍ବା ପୁଲିସ ଗିରଫ କରିଛି। ଜବତ ଗାଡିରେ ବୈଦେଶ୍ୱରରୁ ଟି-ସେତୁ ଦେଇ ବଡମ୍ବା ଖୁଣ୍ଟକଟାକୁ ମଦ ଲୋଡ଼ କରି ଆସୁଥିବାର ସୂଚନା ପାଇ ଗୋପୀନାଥପୁର ଗ୍ରାମ ନିକଟରୁ ପୁଲିସ ଗାଡିକୁ ତନଖି କରିଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବାର ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଠାରୁ ପ୍ରକାଶ।

## ଦ୍ୱିତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ

ନରସିଂହପୁର, ୯।୭(ସମିସ): ଓଡ଼ିଶା ଡ୍ରାଇଭର ମହାସଂଘର ୭ ଦଫା ଦାବିକୁ ନେଇ ଡାକରା ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ନରସିଂହପୁର ବ୍ଲକର ସମସ୍ତ ଡ୍ରାଇଭର ଏଥିରେ ସାମିଲ ହୋଇଛନ୍ତି। ବିଗତ ଦିନରୁ ଏହି ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରିବା ସହିତ ସରକାରଙ୍କୁ ଲିଖିତ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇ ନାହିଁ। ମୁଖ୍ୟ ରାସ୍ତାର ପ୍ରତ୍ୟେକ ଛକରେ ଡ୍ରାଇଭରମାନଙ୍କର ଶୃଙ୍ଖଳିତ ଭାବେ ଧାରଣା ଦେଇଥିଲେ। ମାତ୍ର ବହୁ ଲୋକଙ୍କର ଯାତାୟାତରେ ନାନା ଅସୁବିଧା ଦେଖାଦେଇଛି। ଏପରିକି ସରକାରୀ କାର୍ଯ୍ୟରେ ମଧ ବାଧା ସୃଷ୍ଟି ହେବ ସହିତ ଅସୁବିଧା ହୋଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ, ପନିପରିବାର ଦର ଉପରେ ପ୍ରଭାବ ପଡ଼ିଥିବା ବେଳେ ଆଳୁଦର ହୁ ହୁ ହୋଇ ବଢ଼ିଛି। ଆଜି ସ୍ଥାନୀୟ ଦୈନିକ ବଜାରରେ ଆଳୁର ଅଭାବ ଦେଖା ଦେଇଥିଲା। ଫଳରେ ଗ୍ରାହକମାନେ ବିନା ଆଳୁରେ ଘରକୁ ଫେରିଥିଲେ। ଡ୍ରାଇଭର ସଙ୍ଘର ବ୍ଲକ ଓ ପ୍ରତି ପଞ୍ଚାୟତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶହ ଶହ ଡ୍ରାଇଭରମାନେ ଏଥିରେ ସାମିଲ ହୋଇଛି। ଦରକାର ପଡ଼ିଲେ ଆସନ୍ତା କାଲିଠାରୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସଂଘର କର୍ମକର୍ତ୍ତା ସୂଚନା ଦେଇଛନ୍ତି।


## ରୋଟାରୀ କ୍ଲବ କଟକ ମିଲେନିୟମ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ




କଟକ, ୯।୭(ସମିସ): ରୋଟାରୀ କ୍ଲବ କଟକ ମିଲେନିୟମ ପକ୍ଷରୁ ଜଗତପୁର ନିକଟ ସାତବାଟିଆ ସ୍ଥିତ ଅପନା ଘର ଆଶ୍ରମ ପରିସରରେ ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ କଟକ ମିଲେନିୟମର ପୂର୍ବତନ ସଭାପତି ଡାକ୍ତର ଅନଙ୍ଗ ମୋହନ ତ୍ରିବେଦୀ ଉପସ୍ଥିତ ରହି ଆଶ୍ରମର ମୁଖ୍ୟ ପରିଚାଳକ ସୁଖଦେବ ଜୀଙ୍କୁ ସମ୍ମାନିତ କରିଥିଲେ। ଆଶ୍ରମର ମୋଟ ୮୦ ଜଣ ଅନ୍ତେବାସୀଙ୍କୁ ରୋଟାରୀ କ୍ଲବ କଟକ ମିଲେନିୟମ ତରଫରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ଚିନ୍ମୟ ସେନାପତି ଓ ସଞ୍ଜିତ ଦାସ ଭଜନ ପରିବେଷଣ କରିଥିଲେ। କଲ୍ୟାଣୀ ମିଶ୍ର ସଭା ପରିଚାଳନା ଓ ରୋଟାରୀ କ୍ଲବ କଟକ ମିଲେନିୟମର ସଭାପତି ସୁଧୀର କୁମାର ରଥ ଓ ସମ୍ପାଦକ ସମ୍ବିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ପୋଷ୍ଟାଲ ଇଏଲ୍‌ପି ପ୍ରୋଗ୍ରାମ

କଟକ, ୯।୭(ସମିସ): ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ସେବା ଯୋଜନା ୟୁନିଟ ତରଫରୁ ଜାରି ରହିଥିବା ପୋଷ୍ଟାଲ ଇଏଲ୍‌ପି ପ୍ରୋଗ୍ରାମ (ଜୁନ ୩୦ରୁ ଜୁଲାଇ ୧୫)ରେ ଜୁଲାଇ ୭, ସୋମବାରରେ ଅନୁଭବ



ମୂଳକ ପରୀକ୍ଷାଣାତ୍ମକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମ୍ମାନନୀୟ ଅତିଥି ଭାବରେ ଅବସରପ୍ରାପ୍ତ ଜନସମ୍ପର୍କ ଅଧିକାରୀ ସତ୍ୟ ରଞ୍ଜନ ଦାସ ଓ ଡ. ବିଶ୍ୱମୋହନ ଜେନା ଯୋଜନା ସଂଯୋଜକ, ଜାତୀୟ ସେବା ଯୋଜନା ସଂଯୋଜକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ତଥା ସ୍ୱେଚ୍ଛାସେବୀଙ୍କୁ 'ଡାକ ବିଭାଗ'ର ଗରିମା ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ଜାତୀୟ ସେବା ଯୋଜନା ଉପଦେଷ୍ଟା ରବିନ ସୋରେନ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ମିଶ୍ର ଓ ଓଡ଼ିଆ ସ୍ନାତକୋତ୍ତର ଶିକ୍ଷକ ସୌଭାଗ୍ୟ ମହାନ୍ତ ଉପସ୍ଥିତ ରହି ଏହି ଶିବିରଟିକୁ ସୂଚାରୁରୂପେ ସମ୍ପାଦନ କରିଥିଲେ।

## ସ୍ୱଚ୍ଛ ଓ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ



### ଧବଳେଶ୍ୱର ପୀଠରେ ପ୍ରଶାସନର ପ୍ରସ୍ତୁତି ବୈଠକ

ଆଠଗଡ଼, ୯।୭(ସମିସ): ଶ୍ରାବଣ ମାସରେ ବାବା ଧବଳେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଦ୍ୱାରା ଜଳ ଲାଗି ପାଇଁ ଆଜି ପୂର୍ବାହ୍ନରେ ବାବା ଧବଳେଶ୍ୱରଙ୍କ ପୀଠରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ଚଳିତ ମାସ ୧୩ ତାରିଖ ଠାରୁ ଅଗଷ୍ଟ ମାସ ୪ ତାରିଖ ମଧ୍ୟରେ ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ କାଉଡ଼ିଆଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ଜଳ ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ସମୟରେ ପୀଠର ପରିମଳ ବ୍ୟବସ୍ଥା, ଭକ୍ତଙ୍କ ନିମନ୍ତେ ପାନୀୟଜଳର ସୁବିଧା, ସ୍ୱାସ୍ଥ୍ୟ, ଆଲୋକୀକରଣ, ଆଇନଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା, ବିଦ୍ୟୁତ ସରବରାହ ଉପରେ ତହସିଲଦାର ଶ୍ରୀ ବଡ଼ଜେନା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତତ ସମ୍ବନ୍ଧୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ମାସରେ ଭକ୍ତଙ୍କ ପାଇଁ ବିଶେଷ କରି ସ୍ୱଚ୍ଛତା, ଶୌଚାଳୟ ନିର୍ମାଣ, ଉଚ୍ଚକ୍ଷମତା ସମ୍ପର୍ଣ୍ଣ ମାଇକ ସାଉଣ୍ଡକୁ ନିଷେଧ ଏବଂ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ କରାଯିବା ଉପରେ ଆଜି ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଚୌଦ୍ୱାର ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ତପନ ପତି, ସିଏଚସି ବ୍ରହ୍ମପୁର ଡାକ୍ତର ଦିଲ୍ଲୀପ ଦାସ, ସେବାୟତ ସଂଘର ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡା, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିବାବେଳେ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୀଳାଦ୍ରି ବିଜେ ଅବସରରେ ରସଗୋଲା ଦିବସ ପାଳିତ



ଫୁଲନଖରା, ୯।୭(ସମିସ): ନିଳାଦ୍ରି ବିଜେ ଅବସରରେ ପାହାଳ ରସଗୋଲା ଉଦ୍ୟୋଗୀ ଓ ପ୍ରସ୍ତୁତିକାରୀ ସମିତି ଆନୁକୂଲ୍ୟରେ ବିଶ୍ୱ ରସଗୋଲା ଦିବସ ପାଳି ହୋଇଯାଇଛି। ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବରେ ଡେପୁଟି ମେୟର ମଞ୍ଜୁଲତା କହଁର ବିଶିଷ୍ଟ ସ୍ତମ୍ଭକାର ଓ ସାହିତ୍ୟିକ ଅସୀତ୍ ମହାନ୍ତି, ସଂସ୍କୃତିପ୍ରେମୀ ଡଃ ଅନିତା ସାବତ୍, ଆଧ୍ୟାତ୍ମିକ ପ୍ରବକ୍ତା ଜ୍ଞାନାନନ୍ଦ ସାଗର କୁମାର, ଉତ୍କଳ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିମ୍ବାଧର ବେହେରା, ଭୁବନେଶ୍ୱର ଡିଆଇସି ସମୁଚିତା ମଲ୍ଲିକ, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଅଞ୍ଚଳର ବରିଷ୍ଠ ମୁରବୀ ପଦ୍ମନାଭ ପଟ୍ଟନାୟକ ଓ ବଂଶୀଧର ଭୋଳ ପ୍ରମୁଖ ଅତିଥିଗଣ ଯୋଗଦେଇ ସାରା ବିଶ୍ୱରେ ପାହାଳ ମିଠାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସରକାରୀସ୍ତରରୁ ପ୍ରଶାସନିକ ସ୍ତରରେ ସମସ୍ତଙ୍କର ସହଯୋଗ ରହିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବ୍ୟବସାୟୀ ସଂଘ ପକ୍ଷରୁ ୧୦ହଜାର ମିଠା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ବେହେରା, ଉପସଭାପତି ରାଜକିଶୋର ସାହୁ, ସହ ସମ୍ପାଦକ ଦୁଃଶାସନ ବେହେରା, କୋଷାଧ୍ୟକ୍ଷ ଶରତ ବେହେରାଙ୍କ ସମେତ ନବୀନ ସାହୁ, ରଘୁନାଥ ଦାସ, ବିଶ୍ୱଜିତ୍ ସାହୁ, ବିଶ୍ୱଜିତ୍ ସାହୁ, ଦୀପ୍ତିରଞ୍ଜନ ସାହୁ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ବିଅର କମ୍ପାନୀର ବର୍ଜ୍ୟଜଳ ନିଷ୍କାସନ ଘଟଣା
## ତହସିଲଦାରଙ୍କ ନିକଟରେ ପୁଣି ଅଭିଯୋଗ

ଟାଙ୍ଗୀ, ୯ ।୭(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ବରପଦାସ୍ଥିତ ସମ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ବେଆଇନ ଭାବେ ବିଷାକ୍ତ ବର୍ଜ୍ୟଜଳ ନିଷ୍କାସନ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଚାଷୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ବିଭିନ୍ନ ବିଭାଗ ତରଫରୁ ତଦନ୍ତ କରାଯାଇଥିଲା। ଏ ପର୍ଯ୍ୟନ୍ତ ଉକ୍ତ ତଦନ୍ତ ସାର୍ବଜନୀନ ହୋଇ ନାହିଁ। ବରପଦା ଗ୍ରାମର ଆଉ ଜଣେ କ୍ଷତିଗ୍ରସ୍ତ ଚାଷୀ ଗଣେଶ୍ୱର ବେହେରା ବୁଧବାର ଟାଙ୍ଗୀ ଚୌଦ୍ୱାର ତହସିଲଦାରଙ୍କ ଦ୍ୱାରସ୍ଥ ହେବା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସୂଚନା ଅନୁସାରେ ଅଭିଯୋଗକାରୀଙ୍କ ଭଉଣୀ ଗୀତାଞ୍ଜଳି ଦାସଙ୍କ କମ୍ପାନୀ ନିକଟରେ ଖାତା ନଂ ୧୧୮/୧୩୭ର ପ୍ଲଟ ନଂ ୪୯୫, ୪୯୬ରେ ଏ୦.୩୧୦୦ ଡିସିମିଲ ଜମି ଅଛି। ଉକ୍ତ ଜମିରେ କମ୍ପାନୀ ଦୀର୍ଘ ବର୍ଷ ଧରି ବିଷାକ୍ତ ବର୍ଜ୍ୟଜଳ ନିଷ୍କାସନ କରିବା ଦ୍ୱାରା କିଛି ଚାଷ ହୋଇପାରୁନି। ଏ ବିଷୟରେ କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ଏପରିକି କମ୍ପାନୀ ନକ୍ସାରେ ଥିବା ଚାନ୍ଦିଆପଦା ଠାରୁ ଆସିଥିବା ମାହାରାକୁ ବନ୍ଦ କରି ବର୍ଜ୍ୟଜଳ ନିଷ୍କାସନ କରୁଛି। ଯଦି ଉକ୍ତ କମ୍ପାନୀ ବର୍ଜ୍ୟ ଜଳ ବନ୍ଦ ନ କରେ ଏବଂ ସମ୍ପୃକ୍ତ ବନ୍ଦ କରିଥିବା ମାହାରାକୁ ଖୋଲି ଆସୁଥିବା ମଧୁର ଜଳ ନ ଛାଡେ ଆଗାମୀ ଦିନରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ କମ୍ପାନୀ ଏବଂ ତହସିଲଦାର ଅଫିସ ଆଗରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅଭିଯୋଗ କରିଥିବା ଜାଣିବାକୁ ମିଳିଛି।

## ସମାଜସେବୀ ଅମୂଲ୍ୟ ସାହୁଙ୍କ ପରଲୋକ

ତିଗିରିଆ, ୯।୭(ସମିସ): ତିଗିରିଆ ବ୍ଲକ ଅଧିନ ପୁରୁଣା ତିଗିରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜନା ସାହୁଙ୍କ ସ୍ୱାମୀ ତଥା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅମୂଲ୍ୟ କୁମାର ସାହୁ (୭୦)ଙ୍କର ଆଜି ଅପରାହ୍ନରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି। ଶ୍ରୀ ସାହୁଙ୍କର ମୃତ୍ୟୁଖବରରେ ସ୍ଥାନୀୟ ଅଞ୍ଚଳରେ




ଶୋକର ଛାୟା ଖେଳିଯାଇଛି। ଅଞ୍ଚଳରେ ଜଣେ ପରୋପକାରୀ, ମେଳାପୀ, ଧର୍ମପରାୟଣ, ଅଞ୍ଚଳ ତଥା ଅଞ୍ଚଳ ବାହାରର ବିଭିନ୍ନ ସାମାଜିକ ସଙ୍ଗଠନରେ ସର୍ବଦା ସକ୍ରିୟ ଭୂମିକା ଗ୍ରହଣ କରୁଥିବା ଶ୍ରୀ ସାହୁଙ୍କ ମୃତ୍ୟୁ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ଅଟେ ବୋଲି ବୁଦ୍ଧିଜୀବିମାନେ ମତପ୍ରକାଶ କରିଛନ୍ତି। ତାଙ୍କ ମୃତ ଶରୀର ପୁରୁଣା ତିଗିରିଆ ଗ୍ରାମରେ ପହଞ୍ଚିବା ପରେ ପୂର୍ବତନ ରାଜ୍ୟସଭା ସାଂସଦ ସୁବାସ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଗିରିଜା ପ୍ରସାଦ ପଟ୍ଟନାୟକ, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନାଙ୍କ ସମେତ ପୁରୁଣା ତିଗିରିଆ ଗ୍ରାମ ଓ ଅନ୍ୟାନ୍ୟ ସ୍ଥାନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀ ସାହୁଙ୍କ ପୁରୁଣା ତିଗିରିଆ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀ ସାହୁଙ୍କ ମୃତଶରୀରକୁ ଗ୍ରାମ ପରିକ୍ରମା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଚିନ୍ତ୍ୟ ସୁନ୍ଦର ସାହୁ ମୁଖାଗ୍ନି ଦେଇଥିଲେ।

## ଡାକ୍ତରଖାନାରୁ ମୋବାଇଲ ଚୋରି

ତିଗିରିଆ, ୯।୭(ସମିସ): ତିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଛୋଟ ପିଲା ଏକ ମୋବାଇଲ ଧରି ବସିଥିବା ବେଳେ କୌଣସି ଦୁର୍ବୃର୍ତ୍ତ ତା' ଠାରୁ ମୋବାଇଲଟି ଛଡାଇ ନେଇ ଚାଲିଯାଇଥିବା ନେଇ ସୋମବାର ବିଳମ୍ବିତ ସନ୍ଧ୍ୟାରେ ତିଗିରିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସୋମବାର ସନ୍ଧ୍ୟାରେ ତିଗିରିଆ ଥାନା ଅଧୀନ ପାଞ୍ଚଗାଁ ଦଳେଇ ସାହିର ବାସିନ୍ଦା ସସ୍ମିତା ପ୍ରଧାନଙ୍କ ଦେହଖରାପ ଥିବାରୁ ସେ ତାଙ୍କ ସ୍ୱାମୀ ମିଟୁ ପ୍ରଧାନ ଓ ୭ ବର୍ଷର ପୁଅ ସ୍ୱୟଂଙ୍କୁ ଧରି ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସ୍ୱାମୀ ମିଟୁ ପ୍ରଧାନ ତାଙ୍କ ସ୍ତ୍ରୀକୁ ନେଇ ଡାକ୍ତରଙ୍କୁ ଦେଖାଉଥିବା ବେଳେ ସ୍ୱୟଂ ଡାକ୍ତରଖାନା ବାରଣ୍ଡାରେ ବସି ମୋବାଇଲ ଦେଖୁଥିଲେ। ମାତ୍ର ନିର୍ଜନତାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ତାଙ୍କ ଠାରୁ ମୋବାଇଲଟି ଛଡାଇ ନେଇଥିଲା। ବହୁ ସମୟ ଖୋଜାଖୋଜି ପରେ ମୋବାଇଲର କୌଣସି ପତ୍ତା ନ ମିଳିବାରୁ ବିଳମ୍ବିତ ସନ୍ଧ୍ୟାରେ ସସ୍ମିତା ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଗ୍ରାମ୍ୟ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ଜଳ

ନିଶ୍ଚିନ୍ତକୋଇଲି, ୯।୭(ସମିସ)



### ଜଳ ନିଷ୍କାସନ ହେଉନି; ଲୋକେ ହୀନସ୍ତା

ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବନ୍ଧକାଟିଆ ପଞ୍ଚାୟତ ମଲ୍ଲିକାପୁର ଗ୍ରାମ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ବର୍ଷା ଜଳ ଲହଡ଼ି ମାରୁଥିବାରୁ ଏହାର ଦୁଇ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଉକ୍ତ ରାସ୍ତାରୁ ବର୍ଷା ଜଳ ନିଷ୍କାସନ ନିମନ୍ତେ ଡ୍ରେନ୍ ନିର୍ମାଣ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଙ୍କ ପର୍ଯ୍ୟନ୍ତ ଲୋକମାନେ ଅଭିଯୋଗ କରିଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ଗ୍ରାମ୍ୟ ରାସ୍ତାକୁ ସରକାରଙ୍କ ପକ୍ଷରୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲେ ମଧ ଜଳ ନିଷ୍କାସନର ସୁବିଧା କରା ନ ଯିବାରୁ ଟିକିଏ ବର୍ଷା ହେଲେ ଏହି ରାସ୍ତା ଦେଇ ଯାତାୟତ କରିବା ପାଇଁ ଲୋକମାନେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ବର୍ଷାଦିନେ ସବୁବେଳେ ରାସ୍ତା ଉପରେ ୧ଫୁଟ୍ ଉଚ୍ଚାରେ ବର୍ଷା ଜଳ ଜମି ରହୁଥିବାରୁ ଏଥିରେ ବିଭିନ୍ନ ଅଳିଆ ଆବର୍ଜନା ପଚିସଢି ଦୁର୍ଗନ୍ଧ ହେଉଥିବା ଦେଖାଦେଇଛି। ଏହି ରାସ୍ତାରେ ଲୋକମାନେ ସବୁବେଳେ ବର୍ଷା ଜଳରେ ପଶି ଯାତାୟତ କରୁଥିବାରୁ ଥଣ୍ଡା, ସର୍ଦ୍ଦି, କାଶ ଓ ଜ୍ୱରରେ ପୀଡ଼ିତ ହୋଇଥିବା ପ୍ରକାଶ କରିଛନ୍ତି। ଏହାଛଡ଼ା ବର୍ଷାଜଳ ଜମା ହୋଇ ଜାଗା ସନ୍ତସନ୍ତିଆ ହୋଇଥିବାରୁ ହଇଜା, ଆମାଶୟ ଓ ଝାଡ଼ାବାନ୍ତି ଆଦି ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ରାସ୍ତାରେ ବର୍ଷା ଜଳ ଜମି ରହି ପରିବେଶ ଦୂଷିତ ହେବାରୁ ଏହାର ଦୁଇପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ମଶା, ମାଛିଙ୍କ ଦାଉରେ ହଇରାଣ ହରକତ ହେଉଛନ୍ତି। ପାଣି ଜମିଥିବା ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି ଶିଶୁ ମାନେ ଯାତାୟତ ପାଇଁ ସମସ୍ୟାରେ ପଡୁଛନ୍ତି। ଉକ୍ତ ରାସ୍ତାଟି ଉନ୍ନତିକରଣ କରାଯିବା ସମୟରେ ଏହାର ଦୁଇ ପାର୍ଶ୍ୱରେ ସରକାରୀ ଜମି ମଧ ରହିଛି। ଗ୍ରାମର କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉକ୍ତ ସରକାରୀ ଜମିକୁ ଜବରଦଖଲ କରିଥିବାରୁ ଡ୍ରେନ୍ ନିର୍ମାଣ ସମ୍ଭବପର ହୋଇପାରୁ ନାହିଁ। ତହସିଲ ପକ୍ଷରୁ ରାସ୍ତାର ଦୁଇ ପାର୍ଶ୍ୱ ସରକାରୀ ଜମିକୁ ଚିହ୍ନଟ କରାଯାଇ ଜବରଦଖଲକାରୀଙ୍କୁ ହଟାଇ ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଗଲେ ବର୍ଷାଜଳ ସହଜରେ ନିଷ୍କାସନ ହୋଇପାରିବ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି। ପ୍ରଶାସନିକସ୍ତରରେ ଉକ୍ତ ଘଟଣାକୁ ନଜରକୁ ନିଆଯାଇ ଗ୍ରାମବାସୀଙ୍କର ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ କମିଟିର ସଭାପତି ରବୀନ୍ଦ୍ରନାଥ ବେହେରାଙ୍କ ସମେତ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୬୭ ● ପାଉଣ୍ଡ ୧୧୬.୮୨
- ୟୁରୋ ୧୦୦.୨୧ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୫୫୬ (ନୂଆଦିଲ୍ଲୀ)
- ରୁପା : ୧,୦୮,୧୧୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୩୬.୦୦
- ନିଫ୍ଟି ୨୫,୪୭୬.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସର୍ବଭାରତୀୟ ଶ୍ରମିକ ଧର୍ମଘଟ

# ଅଖ, ଚକ ଜାମ୍ କଲେ ୨୫ କୋଟି କର୍ମଚାରୀ






ନୂଆଦିଲ୍ଲୀ, ୯।୭ (ଏଜେନ୍ସି)

ସାରା ଦେଶରେ ଆଜି ସର୍ବଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଅନୁଷ୍ଠିତ ଧର୍ମଘଟ ପାଳିତ ହୋଇଯାଇଛି। ଏଥିଯୋଗୁ ସାରା ଦେଶରେ ବ୍ୟାଙ୍କ, ବୀମା, ଡାକ ଏବଂ ସାଧାରଣ ପରିବହନ ପରି ସେବା ପ୍ରଭାବିତ ହୋଇଛି। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଏବଂ ସେମାନଙ୍କର ସହଯୋଗୀ ସଂଗଠନଗୁଡିକ ସହଯୋଗରେ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ଧର୍ମଘଟରେ ସାରା ଦେଶରୁ ୨୫ କୋଟି କର୍ମଚାରୀ ସାମିଲ ହୋଇଥିଲେ। ଟ୍ରେଡ୍ ୟୁନିଅନ୍ ଦେଶରେ ଘରୋଇକରଣ ଏବଂ ୪ଟି ନୂତନ ଶ୍ରମ ସଂହିତାକୁ ବିରୋଧ କରୁଛି। ସେମାନେ କେନ୍ଦ୍ରର ନୀତିକୁ ବିରୋଧ କରୁଛନ୍ତି, ଯାହାକୁ ସଂଗଠନ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥକ ବୋଲି ବିବେଚନା କରୁଛି।

ଆଜିର ଏହି ଧର୍ମଘଟରେ ବ୍ୟାଙ୍କ, ଡାକ, କୋଇଲା ଖଣି, ବୀମା, ପରିବହନ, କାରଖାନା ଏବଂ ନିର୍ମାଣ ଭଳି ଅନେକ କ୍ଷେତ୍ରର କର୍ମଚାରୀମାନେ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ଚାଷୀ ଏବଂ ଗ୍ରାମୀଣ ଶ୍ରମିକମାନେ ମଧ୍ୟ ଏହି ପ୍ରତିବାଦରେ ଯୋଗ ଦେଇଛନ୍ତି। ଏହି ଧର୍ମଘଟକୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ କୃଷି ଶ୍ରମିକ ସଂଗଠନଗୁଡ଼ିକର ସମର୍ଥନ ମଧ୍ୟ ମିଳିଛି। ଏହା ବ୍ୟତୀତ କିଛି ବିରୋଧୀ ଦଳ ମଧ୍ୟ ଏହି ଧର୍ମଘଟକୁ ସମର୍ଥନ କରିଛନ୍ତି। ଧର୍ମଘଟର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହୋଇଛି।

ରାଜ୍ୟରେ ବ୍ୟାଙ୍କ ସଂଘ ମଧ୍ୟରେ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏସନ୍ (ଏଆଇବିଇଏ,) ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ବେଫି) ଏବଂ ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ(ଏଆଇବିଓଏ) ଏହି ଧର୍ମଘଟକୁ ସମର୍ଥନ କରୁଥିବାବେଳେ ସର୍ବଭାରତୀୟ ବ୍ୟାଙ୍କ କନ୍‌ଫେଡେରେସନ୍ ସଂଘ (ଏଆଇବିଓସି) ଏବଂ ନ୍ୟାସନାଲ ୟୁନିଅନ୍ ଅଫ୍ ବ୍ୟାଙ୍କ ଏମ୍ପ୍ଲଇଜ୍ (ଏନ୍‌ସିବିଇ) ଏହାକୁ ନୈତିକ ସମର୍ଥନ ଦେଇଥିଲେ। ରାଜ୍ୟର ଭୁବନେଶ୍ୱର ଏବଂ କଟକ ଆଦି ସହରରେ ବ୍ୟାଙ୍କ କର୍ମଚାରୀମାନେ ପିକେଟିଂ କରି ବ୍ୟାଙ୍କ ଶାଖାଗୁଡିକୁ ବନ୍ଦ କରିଥିଲେ। ରାଜଧାନୀ ଭୁବନେଶ୍ୱରରେ ଏଆଇବିଓଏର ଆବାହକ ବିମଳ ଚନ୍ଦ୍ର ପଣ୍ଡା ଏବଂ କଟକରେ ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଧର୍ମଘଟ କରାଯାଇଥିଲା। ରାଜ୍ୟରେ ୨୫ ହଜାରରୁ ଅଧିକ ବ୍ୟାଙ୍କ କର୍ମଚାରୀ ଏହି ଧର୍ମଘଟରେ

### ବ୍ୟାଙ୍କ, ବୀମାଠାରୁ ଡାକ ସେବା ପ୍ରଭାବିତ

ସାମିଲ ହୋଇଥିଲେ। ତେବେ ଓଡିଶାରେ ଆୟକର କର୍ମଚାରୀମାନେ ମଧ୍ୟ ଏହି ଦିନିକିଆ ଦେଶବ୍ୟାପୀ ଧର୍ମଘଟରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଆୟକର କର୍ମଚାରୀ ସଂଘ ନିଜର ୬ ଟି ପ୍ରମୁଖ ଦାବି ଉପସ୍ଥାପନ କରିଛି। ଆଜି ଭୁବନେଶ୍ୱର ସ୍ଥିତ ଆୟକର ବିଭାଗର କର୍ମଚାରୀମାନେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରିଥିଲେ। ଏଥିରେ କେନ୍ଦ୍ରୀୟ ସରକାରୀ କର୍ମଚାରୀ ମହାସଂଘ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ ଏବଂ ଓଡ଼ିଶା ଆୟକର କର୍ମଚାରୀ ସଂଘ ର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଓଡ଼ିଶା ଆୟକର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଧର୍ମଘଟର ନେତୃତ୍ୱ ନେଇଥିଲେ।

## ଭାରତୀୟ ବଂଶୋଦ୍ଭବ ସବିହ ଖାନ୍ ଆପଲ ସିଓଓ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ଆଇଟି କମ୍ପାନୀ ଆପଲ୍‌ର ଶୀର୍ଷ ନେତୃତ୍ୱ ସ୍ତରରେ ବଡ଼ ପରିବର୍ତ୍ତନ ହୋଇଛି। ଏଥିରେ ଭାରତୀୟ ବଂଶୋଦ୍ଭବ ସବିହ ଖାନ୍ କମ୍ପାନୀର ନୂତନ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଭାବରେ ନିଯୁକ୍ତି ପାଇଛନ୍ତି। ସେ ଚଳିତମାସ ଶେଷରେ ଜେଫ୍ ୱିଲିୟମ୍ସଙ୍କ ସ୍ଥାନ ନେବେ। ଜେଫ୍ ୨୦୧୫ରୁ ଏହି ପଦବୀରେ ଅଛନ୍ତି। ସାବିହ ଉତ୍ତରପ୍ରଦେଶର ମୋରାଦାବାଦ ଭଳି ଏକ ଛୋଟ ସହରରୁ ଆସି ପ୍ରଯୁକ୍ତିବିଦ୍ୟା

ଜଗତରେ ଏହି ସ୍ଥାନ ହାସଲ କରିଛନ୍ତି। ସେ ମୋରାଦାବାଦର ପିତ୍ତଳ ରପ୍ତାନିକାରୀ ଏବଂ ଜଣାଶୁଣା ବ୍ୟବସାୟୀ ୟାର ମହମ୍ମଦ ଖାନ୍‌ଙ୍କ ପରିବାରର ସଦସ୍ୟ। ୨୦୧୯ ରେ ସେ ଆପଲର ଅପରେସନର ବରିଷ୍ଠ ଉପାଧ୍ୟକ୍ଷ ହୋଇଥିଲେ। ସବିହ ଖାନ ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଦେଲାଙ୍କ ଭଳି ଭାରତୀୟ ବଂଶୋଦ୍ଭବ ସେହି ବିଶ୍ୱସ୍ତରୀୟ ଆଇଟି ନେତୃବୃନ୍ଦଙ୍କ ତାଲିକାରେ ସାମିଲ ହୋଇଛନ୍ତି। ତାଙ୍କ ପିତା ସଇଦ ୟୁ ଖାନ ମୂଳତଃ ରାମପୁରର ଥିଲେ। ସବିହଙ୍କ ପରିବାର ପା।।ରେସିଙ୍ଗାପୁର ସ୍ଥାନାନ୍ତରିତ ହୋଇଥରେ। ଆଉ ତାପରେ ସେ ଆମେରିକା ଚାଲିଯାଇଥିଲେ। ଟଫ୍ଟସ୍ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଏବଂ ମେକାନିକାଲ୍ ଇଞ୍ଜିନିୟରିଂରେ ଡବଲ୍ ସ୍ନାତକ କରିବା ପରେ ସେ ନ୍ୟୁୟର୍କର ରେନସେଲାର



ପଲିଟେକ୍ନିକ୍ ଇନଷ୍ଟିଚ୍ୟୁଟ୍ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ସାବିହ ଖାନ ଆପଲର ବିଶ୍ୱ ଯୋଗାଣ ଶୃଙ୍ଖଳା ପରିଚାଳନା କରନ୍ତି। ଏହାର ଅର୍ଥ ହେଉଛି ସେ ଉତ୍ପାଦ ଗୁଣବତ୍ତା, ଯୋଜନା, କ୍ରୟ, ଉତ୍ପାଦନ, ଲଜିଷ୍ଟିକ୍ସ ଏବଂ ଉତ୍ପାଦ ବିତରଣ ଭଳି କାର୍ଯ୍ୟ ପାଇଁ ଦାୟିତ୍ୱ ନିଅନ୍ତି। ସେ ଆପଲର ଯୋଗାଣକାରୀ ଦାୟିତ୍ୱ କାର୍ଯ୍ୟକ୍ରମଗୁଡ଼ିକର ମଧ୍ୟ ନେତୃତ୍ୱ ନିଅନ୍ତି। ସାବିହଙ୍କ ନେତୃତ୍ୱରେ, କମ୍ପାନୀର କାର୍ବନ ଫୁଟପ୍ରିଣ୍ଟ ମଧ୍ୟ ୬୦% ରୁ ଅଧିକ ହ୍ରାସ ପାଇଛି। ଅର୍ଥାତ୍, ଆପଲ୍ ଏହାର ଉତ୍ପାଦନ ଏବଂ କାର୍ଯ୍ୟ ଦ୍ୱାରା ହେଉଥିବା ପରିବେଶଗତ କ୍ଷତିକୁ ବହୁତ ପରିମାଣରେ ହ୍ରାସ କରିଛି। ଆପଲ୍ ସିଇଓ ଟିମ୍ କୁକ୍ କହିଛନ୍ତି, ସାବିହ ଜଣେ ମହାନ ରଣନୀତିଜ୍ଞ ଯିଏ ଆପର ଯୋଗାଣ ଶୃଙ୍ଖଳ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ହୃଦୟରୁ ନେତୃତ୍ୱ ନିଅନ୍ତି ଏବଂ ତାଙ୍କ ମୂଲ୍ୟବୋଧ ସହିତ କାମ କରନ୍ତି। ମୁଁ ନିଶ୍ଚିତ ଯେ ସେ ଜଣେ ଉତ୍କୃଷ୍ଟ ସିଓଓ ପ୍ରମାଣିତ ହେବେ।

## ଶ୍ରୀଯା ହସ୍ପିଟାଲରେ ରୋର୍ବଟିକ୍ ସର୍ଜରୀ ପଦ୍ଧତିରେ ଆଣ୍ଠୁ ପ୍ରତିରୋପଣ

କଟକ, ୯।୭ (ସମିସ)

ଆଣ୍ଠୁ ଓ ଅଣ୍ଟା ଜନିତ ରୋଗୁ କଷ୍ଟକୁ ପ୍ରତିହିତ କରି କିଭଳି ଆଣ୍ଠୁର ପ୍ରତିରୋପଣ କ୍ଷେତ୍ରରେ ଶ୍ରିଯା ହସ୍ପିଟାଲ ପକ୍ଷରୁ ରୋବର୍ଟିକ ପଦ୍ଧତିକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ପଦ୍ଧତିରେ ରୋବର୍ଟ ଅତି ନିଖୁଣ ଭାବରେ ରୋଗୀର ଆଣ୍ଠୁର ପ୍ରତିରୋପଣ କରିପାରିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର ନିର୍ଦ୍ଦେଶକ ଅକ୍ଷୟ ପୁହାଣ କହିଛନ୍ତି। ଶ୍ରୀ ପୁହାଣ ଓଏମ୍‌ପି ସ୍ଥିତ ଶ୍ରୀଯା ହସ୍ପିଟାଲରେ 'ମିଶୋ ସିଷ୍ଟମ' (ୟୁଏସଏ) ଦ୍ୱାରା ପ୍ରସ୍ତୁତ ରୋର୍ବଟର ଉଦ୍‌ଘାଟନ କରିଛନ୍ତି। ଏହି ରୋବର୍ଟିକ୍ ସର୍ଜରୀ ମାଧ୍ୟମରେ ଆଣ୍ଠୁ ପ୍ରତିରୋପଣ (ନି - ରିପ୍ଲେସମେଣ୍ଟ) କରିବାରେ ଶ୍ରୀଯା ହସ୍ପିଟାଲ୍ ପ୍ରଥମ ବୋଲି ସେ କହିଛନ୍ତି। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ କାର୍ଡ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ମାଧ୍ୟମରେ ଆଣ୍ଠୁ ଓ ଅଣ୍ଟା ସମସ୍ୟାରେ ପୀଡ଼ିତ ବ୍ୟକ୍ତିଟି ପ୍ରଥମ ଥର ପାଇଁ ଶ୍ରୀଜା ହସ୍ପିଟାଲରେ ନିଃଶୁଳ୍କ ସେବାରେ ଚିକିତ୍ସା ପାଇପାରିବ ବୋଲି ହସ୍ପିଟାଲର ଅନ୍ୟତମ ନିର୍ଦ୍ଦେଶକ ମନୋଜ କୁମାର ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ସମସ୍ୟା ଦେଖାଦେଲେ ଲୋକେ ସାଧାରଣତଃ ଅସ୍ତ୍ରୋପ୍ରଚାର ମାଧ୍ୟମରେ ଆଣ୍ଠୁ ଓ ଅଣ୍ଟାର ରିପ୍ଲେସମେଣ୍ଟ କରିଥାନ୍ତି। ଯାହାଦ୍ୱାରା ଉକ୍ତ ସ୍ଥାନରେ କଟାକଟି ବା କ୍ଷତ ଅଧିକମାତ୍ରାରେ ହୋଇଥାଏ। କିନ୍ତୁ ଏହି ରୋର୍ବଟିକ ବା ରୋର୍ବଟ ସହାୟତାରେ ଏହି ଅସ୍ତ୍ରୋପ୍ରଚାରଟି ଅଧିକ ଉନ୍ନତ ଓ ଆଧୁନିକ ବିଦେଶୀ ଜ୍ଞାନକୌଶଳରେ ପରିପୂର୍ଣ୍ଣ। ତେଣୁ ରୋଗୀକୁ ରୋବର୍ଟ ପଦ୍ଧତିରେ କମ୍ କଷ୍ଟ ଅନୁଭୂତ ହୋଇଥାଏ ବୋଲି ସେ କହିଛନ୍ତି।

**ରାଜ୍ୟରେ ପ୍ରଥମ**



ଏହି ସାମ୍ବାଦିକ ସମ୍ମିଳନୀରେ ହସ୍ପିଟାଲର ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାଃ ଅଂଶୁମାନ ସାହୁ, ହସ୍ପିଟାଲର ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ଗଣେଶ ପ୍ରସାଦ କର ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

## ମସ୍କଙ୍କ କମ୍ପାନୀକୁ ମିଳିଲା ସମସ୍ତ ନିୟାମକ ଅନୁମୋଦନ

ନୂଆଦିଲ୍ଲୀ, ୯।୭ (ସିମସ)




### ଷ୍ଟାରଲିଙ୍କ ଯୋଗାଇବ ହାଇ-ସ୍ପିଡ୍ ସାଟେଲାଇଟ୍ ଇଣ୍ଟରନେଟ୍

ଏଲନ୍ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କକୁ ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବା ପାଇଁ ଚୂଡ଼ାନ୍ତ ନିୟାମକ ଅନୁମୋଦନ ମିଳିଛି। ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ପରିଚାଳନା ପାଇଁ ଲାଇସେନ୍ସ ପାଇଥିବା ଷ୍ଟାରଲିଙ୍କ ହେଉଛି ତୃତୀୟ କମ୍ପାନୀ। ପୂର୍ବରୁ ୱାନ୍ ୱେବ୍ ଏବଂ ରିଲାଏନ୍ସ ଜିଓକୁ ଅନୁମୋଦନ ମିଳିଥିଲା।

ଷ୍ଟାରଲିଙ୍କ ହେଉଛି ସ୍ପେସ୍ 'ଏକ୍ସ'ର ଏକ ପ୍ରକଳ୍ପ, ଯାହା ସାଟେଲାଇଟ୍ ମାଧ୍ୟମରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ପ୍ରଦାନ କରେ। ଏହାର ସାଟେଲାଇଟ୍ ପୃଥିବୀ ନିକଟରେ ଘୂରି ବୁଲୁଛି, ଯାହା ଇଣ୍ଟରନେଟ୍‌କୁ ଦ୍ରୁତ ଏବଂ ସୁଗମ କରିଥାଏ। ଏହା ବିଶେଷକରି ସେହି ଅଞ୍ଚଳଗୁଡ଼ିକ ପାଇଁ ଲାଭଦାୟକ ଯେଉଁଠାରେ ସାଧାରଣ ଇଣ୍ଟରନେଟ୍ ପହଞ୍ଚିପାରେ ନାହିଁ। ଷ୍ଟାରଲିଙ୍କ ୨୦୨୨ ମସିହାରୁ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲା, କିନ୍ତୁ ସୁରକ୍ଷା ଚିନ୍ତା ଯୋଗୁଁ ଏହାର ଅନୁମୋଦନ ବିଳମ୍ବ ହୋଇଥିଲା। ଭାରତ ସରକାର ଡାଟା ସୁରକ୍ଷା ଏବଂ କଲ୍ ଇଣ୍ଟରସେପ୍‌ସନ୍ ଭଳି ସର୍ତ୍ତାବଳୀ ରଖିଥିଲେ। ଷ୍ଟାରଲିଙ୍କ୍ ଏହି ସର୍ତ୍ତଗୁଡ଼ିକୁ ଗ୍ରହଣ କରିଥିଲା ଏବଂ ୨୦୨୫ ମେ'ରେ ଲେଟର ଅଫ୍ ଇଣ୍ଟେଣ୍ଟ ପାଇବା ପରେ କମ୍ପାନୀ ଟେଲିକମ୍ ବିଭାଗର ଲାଇସେନ୍ସ ପାଇଥିଲା। ଏବେ ଏହାକୁ ଶେଷ ନିୟାମକ ଅନୁମୋଦନ ଅର୍ଥାତ୍ ଇଣ୍ଡିଆନ୍ ନ୍ୟାସନାଲ୍ ସ୍ପେସ୍ ପ୍ରମୋସନ୍ ଆଣ୍ଡ ଅଥରାଇଜେସନ୍ ସେଣ୍ଟର (ଇନ୍‌ସ୍ପେସ୍)ର ମଧ୍ୟ ମଞ୍ଜୁରୀ ମିଳିଛି।

ଲାଇସେନ୍ସ ପାଇବା ପରେ, ଷ୍ଟାରଲିଙ୍କ୍‌କୁ ଏବେ ସରକାରଙ୍କଠାରୁ ସ୍ପେକ୍ଟ୍ରମ୍ ହାସଲ କରିବାକୁ ପଡିବ। ଭାରତରେ ଭୂମି ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡିବ। ଏଥିରେ ଏକ ସାଟେଲାଇଟ୍ ଆର୍ଥ ଷ୍ଟେସନ୍, ଯୋଗାଯୋଗ ପ୍ରବେଶପଥ ଏବଂ ଏକ ନିୟନ୍ତ୍ରଣ ଏବଂ ମନିଟରିଂ କେନ୍ଦ୍ର ନିର୍ମାଣ ଅନ୍ତର୍ଭୁକ୍ତ। ଏହାପରେ, କମ୍ପାନୀକୁ ସୁରକ୍ଷା ମଞ୍ଜୁରୀ ପାଇଁ ସେବାର ପରୀକ୍ଷା ଏବଂ ପରୀକ୍ଷଣ କରିବାକୁ ପଡିବ।

ସୁରକ୍ଷା ଏଜେନ୍ସିଗୁଡ଼ିକ ଷ୍ଟାରଲିଙ୍କ୍‌ର ସେବାକୁ ନିକଟରୁ ଯାଞ୍ଚ କରିବେ। ସୁରକ୍ଷା ମଞ୍ଜୁରୀ ବିନା ବାଣିଜ୍ୟିକ ସେବା ଆରମ୍ଭ କରାଯାଇପାରିବ ନାହିଁ। ଅପରପକ୍ଷେ ଷ୍ଟାରଲିଙ୍କ୍ ୫୦ ଏମ୍‌ବିପିଏସ୍‌ରୁ ୨୫୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ଡାଉନଲୋଡ୍ ସ୍ପିଡ୍ ପ୍ରଦାନ କରିବ, ଯାହା ଷ୍ଟ୍ରିମିଂ, ଭିଡିଓ କଲ୍ ଏବଂ ଗେମିଂ ଭଳି କାର୍ଯ୍ୟ ପାଇଁ ଯଥେଷ୍ଟ। ଭାରତରେ ଷ୍ଟାରଲିଙ୍କ ଷ୍ଟାଣ୍ଡାର୍ଡ କିଟ୍‌ର ମୂଲ୍ୟ ପ୍ରାୟ ୩୩,୦୦୦ ଟଙ୍କା ହେବ ବୋଲି ଆଶା କରାଯାଉଛି। ଏଥିରେ ସାଟେଲାଇଟ୍ ଆଣ୍ଟେନା, ମାଉଣ୍ଟିଂ ଷ୍ଟାଣ୍ଡ, ୱାଇ-ଫାଇ ରାଉଟର୍ ଏବଂ କେବୁଲ୍ ଅନ୍ତର୍ଭୁକ୍ତ। ତଥାପି, ମାସିକ ସବସ୍କ୍ରିପସନ୍ ଯୋଜନାର ମୂଲ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ୧୭ଟି ଔଷଧକୁ ଟୟଲେଟରେ ଫ୍ଲସ୍ କରିବାକୁ ସିଡିଏସସିଓଙ୍କ ପରାମର୍ଶ

ନୂଆଦିଲ୍ଲୀ, ୯।୭ (ଏଜେନ୍ସି):

ଭାରତର ସେଣ୍ଟ୍ରାଲ ଡ୍ରଗ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସସିଓ) ନିକଟରେ ଏକ ନୂଆ ଗାଇଡଲାଇନ ଜାରି କରିଛନ୍ତି। ଏଥିରେ ୧୭ଟି ଔଷଧକୁ ଟୟଲେଟରେ ଫ୍ଲସ୍ କରିଦେବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ପେନ କିଲର ଓ ହାଇପରଟେନସନ ସମେତ ଅନ୍ୟ କେତେକ ଔଷଧ ଓ ସିରପ ମଧ୍ୟ ରହିଛି। ତେବେ ଏହି ଗାଇଡଲାଇନ ଏକ୍ସପାଏରୀ ଟାବଲେଟ ଓ ସିରପ ପାଇଁ ଜାରି ହୋଇଛି। ଯଦି ଏହି ଔଷଧଗୁଡିକୁ ଆପଣ ଘରର ଆବର୍ଜନାରେ ମିସାଇ ଫିଙ୍ଗି ଦେଉଛନ୍ତି ଏହା କେବଳ ଭୁଲ କରୁନାହାନ୍ତି ବିପଦକୁ ମଧ୍ୟ ଡାକି ଆଣୁଛନ୍ତି। ଏଣୁ ସିଡିଏସସିଓ ଔଷଧଗୁଡିକୁ ଆପଣଙ୍କ ଟୟଲେଟରେ ଫ୍ଲସ୍ କରିଦେବାକୁ କହିଛନ୍ତି। ଏଥିରେ ଫେଣ୍ଟାନାଇଲ, ଟ୍ରମାଡୋଲ, ଟାପେଣ୍ଟାଡୋଲ, ବୁପ୍ରେନୋର୍ଫିନ, ଡାଇଜେପାମ, ଅକ୍ସିକୋଡନ, ଫେଣ୍ଟାନାଇଲ ସାଇଟ୍ରେଟ, ମର୍ଫିନ ସଲଫେଟ, ମେଥାଡୋନ ହାଇଡ୍ରୋକ୍ଲୋରାଇଡ, ହାଇଡ୍ରୋମର୍ଫିନ ହାଇଡ୍ରୋକ୍ଲୋରାଇଡ, ହାଇଡ୍ରୋକୋଡନ ବିଟାଟ୍ରେଟ, ଅକ୍ସିକୋଡନ ହାଇଡ୍ରୋକ୍ଲୋରାଇଡ, ସୋଡିୟମ ଅକ୍ସିବେଟ୍ ଓ ମିଥାଇଲ ଫେନିଡେଟ୍ ଆଦି ଔଷଧ ରହିଛି।



## ପ୍ରଥମ ତ୍ରୈମାସିକରେ ଟାଟା ଷ୍ଟିଲ୍‌ର କ୍ରୁଡ୍ ଇସ୍ପାତ ଉତ୍ପାଦନ ୫.୨୬ ନିୟୁତ ଟନ୍

ଭୁବନେଶ୍ୱର, ୯।୭ (ସମିସ): ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ଟାଟା ଷ୍ଟିଲ୍‌ର କ୍ରୁଡ୍ ଇସ୍ପାତ ଉତ୍ପାଦନ ୫.୨୬ ନିୟୁତ ଟନ୍ ରହିଛି। ଏହି ସମୟରେ କମ୍ପାନୀର କ୍ରୁଡ୍ ଇସ୍ପାତ ଡେଲିଭରୀ ୪.୭୫ ନିୟୁତ ଟନ୍। ଜାମ୍‌ସେଦପୁର ସହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍(ଏନ୍‌ଆଇଏନ୍‌ଏଲ୍)ରେ ମରାମତି ସମ୍ପର୍କିତ କାମ ବନ୍ଦ ଯୋଗୁ ଉତ୍ପାଦିତ ଇସ୍ପାତ ଉତ୍ପାଦନରେ ହ୍ରାସ କମ୍ପାନୀର ଡେଲିଭରୀ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଏନ୍‌ଆଇଏନ୍‌ଏଲ୍‌ରେ କାମ ଆରମ୍ଭ କରାଯାଇ ଜି ବ୍ଲାଷ୍ଟ ଫର୍ଣ୍ଣେଶର ରିଲାଇନ୍ କାର୍ଯ୍ୟରେ ଅଗ୍ରଗତି ଘଟିଛି। ଏହି କାମ ଚଳିତମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ଏହାଛଡା ପ୍ରଥମ ତ୍ରୈମାସିକରେ ଟାଟା ଷ୍ଟିଲ୍ ନେଦରଲ୍ୟାଣ୍ଡ ଲିକ୍ୟୁଡ୍ ଇସ୍ପାତ ଉତ୍ପାଦନ ୧.୭ ନିୟୁତ ଟନ୍ ରହିଥିବାବେଳେ ଡେଲିଭରୀ ୧.୫ ନିୟୁତ ଟନ୍।

## ଫ୍ରାଙ୍କଲିନ୍ ଟେମ୍ପଲେଟନ୍‌ର ମଲ୍ଟି ଆସେଟ୍ ଆଲୋକେସନ ଫଣ୍ଡ

ମୁମ୍ବାଇ, ୯।୭: ଫ୍ରାଙ୍କଲିନ୍ ଟେମ୍ପଲେଟନ୍ (ଇଣ୍ଡିଆ) ଇକ୍ୱିଟି, ଡେବ୍‌ଟ ଏବଂ କମୋଡିଟିଜ୍‌ରେ ନିବେଶ କରୁଥିବା ଏହାର ମୁକ୍ତ ଭାବରେ ପରିସମାପ୍ତ ହେଉଥିବା ବହୁବିଧ ଆସେଟ୍ ଆବଣ୍ଟନକାରୀ ଫଣ୍ଡ ଫ୍ରାଙ୍କଲିନ୍ ଇଣ୍ଡିଆ ମଲ୍‌ଟି ଆସେଟ୍ ଆଲୋକେସନ ଫଣ୍ଡ (ଏଫଆଇଏମଏଏଏଫ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ସୁଚିନ୍ତିତ ଭାବରେ ପରିଚାଳିତ ଏହି ଫଣ୍ଡ ଡେବ୍‌ଟ, ମନି ମାର୍କେଟ ଇନଷ୍ଟ୍ରୁମେଣ୍ଟ ଏବଂ କମୋଡିଟିଜ୍‌ରେ ଆବଣ୍ଟନ ଦ୍ୱାରା ସମର୍ଥିତ ସମସ୍ତ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ ବର୍ଗଗୁଡିକରେ ଅଭିବୃଦ୍ଧି ଏବଂ ମୂଲ୍ୟଗତ ରଣକୌଶଳର ସମ୍ମିଶ୍ରଣରେ ଇକ୍ୱିଟିଗୁଡିକରେ ନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପୁଞ୍ଜି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ନିୟୁ ଫଣ୍ଡ ଅଫର ଜୁଲାଇ ୧୧ରେ ଖୋଲିବ ଏବଂ ଜୁଲାଇ ୨୫ରେ ବନ୍ଦ ହେବ।

### ବିନା ଇଣ୍ଟରନେଟ୍‌ରେ ପଠାଇହେବ ମେସେଜ୍

## ଜ୍ୟାକ୍ ଡୋର୍ସିଙ୍କ ନୂତନ ମେସେଜିଂ ଆପ୍ 'ବିଟ୍‌ଚାଟ୍'

ୱାଶିଂଟନ୍, ୯।୭ (ଏଜେନ୍ସି)


ଟ୍ୱିଟର୍ ସହ-ପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସି ଏକ ନୂତନ ମେସେଜିଂ ଆପ୍ 'ବିଟ୍‌ଚାଟ୍'ର ଶୁଭାରମ୍ଭ କରିଛନ୍ତି। ଏହି ଆପ୍ ଇଣ୍ଟରନେଟ୍ ସଂଯୋଗ ବିନା ମଧ୍ୟ କାମ କରିବ। ଅର୍ଥାତ୍,

### ବର୍ତ୍ତମାନ କେବଳ ଆଇଫୋନ୍ ପାଇଁ ଉପଲବ୍ଧ

ଏହି ଆପ୍ ମାଧ୍ୟମରେ ବ୍ୟବହାରକାରୀମାନେ ଇଣ୍ଟରନେଟ୍ ବିନା ପରସ୍ପରକୁ ମେସେଜ୍ ପଠାଇପାରିବେ। ଏହି ଗୋପନୀୟତା କେନ୍ଦ୍ରିତ ମେସେଜିଂ ଆପ୍ ପିଅର୍-ଟୁ-ପିଅର୍ କୌଶଳ ଉପରେ ଆଧାରିତ । ଏଥିପାଇଁ କୌଣସି କେନ୍ଦ୍ରୀୟ ସର୍ଭର କିମ୍ବା ଫୋନ୍ ନେଟୱାର୍କ ଆବଶ୍ୟକତା ନାହିଁ। ବର୍ତ୍ତମାନ, ଏହି ଆପ୍ କେବଳ ଆଇଫୋନ୍ ବ୍ୟବହାରକାରୀଙ୍କ ପାଇଁ ପରୀକ୍ଷାମୂଳକ ଉଡ଼ାଣ ପ୍ଲାଟଫର୍ମରେ ଉପଲବ୍ଧ।

### 'ବିଟ୍‌ଚାଟ୍' ବ୍ଲୁ ଟୁଥ୍ ନେଟୱାର୍କରେ କାମ କରେ

'ବିଟ୍‌ଚାଟ୍' ବ୍ଲୁ ଟୁଥ୍ ଲୋ ଏନର୍ଜି (ବିଏଲଇ) ମେଶ୍ ନେଟୱାର୍କରେ କାମ କରେ। ଯେଉଁଥିରେ ସ୍ମାର୍ଟଫୋନ୍ ନିଜ ନିଜ ମଧ୍ୟରେ ଛୋଟ କ୍ଲଷ୍ଟର ଗଠନ କରନ୍ତି ଏବଂ ଗୋଟିଏ ଡିଭାଇସ୍ ରୁ ଅନ୍ୟ ଏକ ଡିଭାଇସ୍‌କୁ ଏନକ୍ରିପ୍ଟେଡ୍ ମେସେଜ୍ ପଠାନ୍ତି। ବ୍ଲୁ ଟୁଥ୍ ମାଧ୍ୟମରେ କାମ କରିବା ଯୋଗୁଁ, ଏହାକୁ ୱାଇ-ଫାଇ କିମ୍ବା ମୋବାଇଲ୍ ଡାଟା ଆବଶ୍ୟକ ହୁଏ ନାହିଁ। ଏହି ଆପ୍ ବିଶେଷ ଭାବରେ ସେହି ସ୍ଥାନଗୁଡ଼ିକରେ ଉପଯୋଗୀ ଯେଉଁଠାରେ ଇଣ୍ଟରନେଟ୍ ସଂଯୋଗ ଉପଲବ୍ଧ ନାହିଁ କିମ୍ବା ଯେଉଁଠାରେ ନେଟୱାର୍କ ଡାଉନ୍ ରହିଛି। ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମ୍ ପରି ପାରମ୍ପରିକ ମେସେଜିଂ ଆପ୍ ପରି, 'ବିଟ୍‌ଚାଟ୍' ସମ୍ପୂର୍ଣ୍ଣ ବିକେନ୍ଦ୍ରୀକୃତ। ବ୍ୟବହାରକାରୀମାନଙ୍କୁ ଇ-ମେଲ୍ କିମ୍ବା ଫୋନ୍ ନମ୍ବର ସହିତ ଏକ ଆକାଉଣ୍ଟ ତିଆରି କରିବାକୁ ପଡ଼ିବନାହିଁ। ମେସେଜଗୁଡ଼ିକ କେବଳ ବ୍ୟବହାରକାରୀଙ୍କ ଡିଭାଇସରେ ସଂରକ୍ଷଣ କରାଯାଏ ଏବଂ କିଛି ସମୟ ପରେ ସ୍ୱୟଂଚାଳିତ ଭାବରେ ଡିଲିଟ୍ ହୋଇଯାଏ। ଏହା ବ୍ୟବହାରକାରୀଙ୍କ ଗୋପନୀୟତା ଏବଂ ସେନସରସିପ୍ ରୁ ସୁରକ୍ଷା ସୁନିଶ୍ଚିତ କରେ।




### 'ବିଟ୍‌ଚାଟ୍' କେଉଁଠି ଉପଲବ୍ଧ

'ବିଟ୍‌ଚାଟ୍' ବର୍ତ୍ତମାନ ବିଟା ପରୀକ୍ଷଣ ପର୍ଯ୍ୟାୟରେ ଅଛି ଏବଂ କେବଳ ଆପଲ୍‌ର ଟେଷ୍ଟଫ୍ଲାଇଟ୍ ପ୍ଲାଟଫର୍ମରେ ଉପଲବ୍ଧ। ଆପ୍ ଲଞ୍ଚ ହେବାର କିଛି ସମୟ ପରେ, ଏହା ୧୦,୦୦୦ ଟେଷ୍ଟ ସୀମା ଛୁଇଁଛି। ଜ୍ୟାକ୍ ଡୋର୍ସି ସାର୍ବଜନୀନ ଭାବରେ ଆପ୍‌ର ଶ୍ୱେତପତ୍ର ଏବଂ ବିଟା ନିମନ୍ତ୍ରଣ ଅଂଶୀଦାର କରିଛନ୍ତି। ବିଟା ପର୍ଯ୍ୟାୟରେ, ଡେଭଲପରମାନେ ବ୍ୟାଟେରୀ ଅପ୍ଟିମାଇଜେସନ୍ ଏବଂ ରିଲେ-ସ୍ଥିରତା ଉପରେ ଧ୍ୟାନ ଦେଉଛନ୍ତି। ଅନ୍ତିମ ରିଲିଜ୍‌ରେ ୱାଇ-ଫାଇ ପ୍ରୋଟୋକଲ୍ ଅନ୍ତର୍ଭୁକ୍ତ କରିବାର ଯୋଜନା ଅଛି, ଯାହା ଦ୍ୱାରା ଚିତ୍ର ଏବଂ ଭିଡିଓ ଭଳି ସମୃଦ୍ଧ-କଣ୍ଟେଣ୍ଟ ମଧ୍ୟ ଅଂଶୀଦାର କରାଯାଇପାରିବ। ଭବିଷ୍ୟତରେ ଏହାକୁ ଅଧିକ ପ୍ଲାଟଫର୍ମ ପାଇଁ ଉପଲବ୍ଧ କରାଇବାର ଯୋଜନା ମଧ୍ୟ ଅଛି।

# ମନ୍ତ୍ରମୁଗ୍ଧ କରିବ 'ମନ୍ତ୍ରମୁଗ୍ଧ'





ଓଡ଼ିଆ ସିନେମା 'କର୍ମ'ର ଅଭୂତପୂର୍ବ ସଫଳତା ପରେ ଏବେ ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମ ନିର୍ମାତା ଅନୁପମ ପଟ୍ଟନାୟକ 'ମନ୍ତ୍ରମୁଗ୍ଧ' କରିବାକୁ ଯାଉଛନ୍ତି । ମହୁରତ ପୂଜା ସହିତ ଅନୁପମ ନିଜର ଆଗାମୀ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ'ର ଘୋଷଣା କରିଛନ୍ତି । ସାଙ୍କେତିକ ଭାବେ 'ଏମ୍‌ଏମ୍' ନାମରେ ବିଗତ କିଛି ସପ୍ତାହ ମଧ୍ୟରେ ବେଶ୍ ଚହଳ ଓ ଉତ୍କଣ୍ଠା ସୃଷ୍ଟି କରିଥିଲା । ଏବେ ଏହି ଚଳଚ୍ଚିତ୍ର ଏକ ଅଭିନବ ରୋମାଞ୍ଚକର କମେଡି ଫିଲ୍ମ ଭାବରେ ଓଡ଼ିଆ ସିନେମାର କାହାଣୀରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି । ଅମିୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ । ଅନୁପମ ପୁଣି ଥରେ ସନୋଜ କୁମାର, ମନ୍ମୟ ଦେ, ଦୀପନ୍‌ବିତ ଦାଶମହାପାତ୍ରଙ୍କୁ ପ୍ରମୁଖ ଭୂମିକାରେ ନେବା ସହିତ ଉଦୀୟମାନ ନବାଗତା ସାର୍ଥକ ଭରଦ୍ୱାଜଙ୍କୁ ଏଥିରେ ସ୍ଥାନ ଦେଇଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି। ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି । ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି । ତେବେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏଥିରେ ଦମ୍‌ଦାର ଭୂମିକାରେ ଆସୁଛନ୍ତି । ଏହାର କାହାଣୀ ଅନୁପମ ଓ ରୋଶନ ଚିଶୋଲ ଲେଖିଥିବା ବେଳେ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ । ପ୍ରଣବ ରଥ ସଂଳାପ ଏବଂ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ । ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ । ଯାହା ଏହି ଚଳଚ୍ଚିତ୍ରକୁ ଆହୁରି ସମୃଦ୍ଧ କରିଛି । ଫିଲ୍ମରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ କାହାଣୀ ରହିଛି ।

## କପିଳଙ୍କ କାଫେ





ଲୋକପ୍ରିୟ ହାସ୍ୟାଭିନେତା କପିଳ ଶର୍ମା ସବୁବେଳେ ବୃତ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହି ଆସିଛନ୍ତି । ଏବେ ସେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି ।
ନି ଜ କଥା ମାଧ୍ୟମରେ ଲୋକଙ୍କୁ ହସି ହସି ବେଦମ କରୁଥିବା କପିଳ ଏବେ ବ୍ୟବସାୟ ଦୁନିଆରେ ପାଦ ରଖିଛନ୍ତି । କାନାଡ଼ାରେ ତାଙ୍କର ନୂଆ କାଫେ ଖୋଲିଛି । ଏହାର ନାଁ 'କ୍ୟାପ୍ସ କାଫେ ।' ଏହି କାଫେ ତାଙ୍କ ସ୍ତ୍ରୀ ଗିନ୍ନି ଖୋଲିଛନ୍ତି । କାଫେର ଇଣ୍ଟେରିୟର ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । କାଫେ ଭିତର ଗୋଲାପି ରଙ୍ଗ ହୋଇଥିବା ବେଳେ ମେନ୍ୟୁ ମଧ୍ୟ ଚର୍ଚ୍ଚା ସାଉଁଟୁଛି । କାଫେରେ ସମୁଦାୟ ୨୦ଟି ମେନ୍ୟୁ ରହିଛି । ସେହିପରି ଏହାର ଡିଜାଇନ୍ ଓ ଇଣ୍ଟେରିୟର୍ ଲୋକଙ୍କୁ ଷ୍ଟାଇଲିସ୍ ଲାଗିବା ସହ ଶାନ୍ତି ମଧ୍ୟ ପ୍ରଦାନ କରିବ । ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।

## 'ରାମାୟଣ'ରେ ନାହାନ୍ତି ବବି



ନୀତେଶ ତିୱାରୀଙ୍କ ଆଗାମୀ ହିନ୍ଦୀ ସିନେମା 'ରାମାୟଣ'କୁ ନେଇ ରୀତିମତ ଚର୍ଚ୍ଚା ଲାଗି ରହିଛି । ନିର୍ମାତା ଏହାର ପ୍ରଥମ ପ୍ରମୋ ଜାରି କରିସାରିଛନ୍ତି । ଏଥିରେ ରଣବୀର ଓ ଯଶଙ୍କ ଝଲକ ଦେଖିବାକୁ ମିଳିଥିଲା । ତେବେ ଏହି ସିନେମାରେ ରଣବୀର ରାମ ଚରିତ୍ରରେ ନଜର ଆସିବେ । ପ୍ରମୋରେ ତାଙ୍କର ଚରିତ୍ର ଖୁବ୍ ପ୍ରଭାବଶାଳୀ ଲାଗୁଛି । ସେହିପରି ସୀତା ଚରିତ୍ରରେ ଅଭିନୟ କରିଛନ୍ତି ସାଇ ପଲ୍ଲବୀ । ତେବେ କୁମ୍ଭକର୍ଣ୍ଣ ଚରିତ୍ରରେ ବବି ଦେଓଲ ଅଭିନୟ କରିବା କୁହାଯାଉଥିଲା । ହେଲେ ଏହି କଥା ସତ ନୁହେଁ, ଏହା କେବଳ ଗୁଜବ । ଅଚାନକ ବବିଙ୍କ ନାଁ ସାମ୍ନାକୁ ଆସିଛି । ଏଥିରେ କୌଣସି ସତ୍ୟାସତ୍ୟ ନ ଥିବା କୁହାଯାଇଛି । ତେଣୁ ଏକଥା ସ୍ପଷ୍ଟ ହେଉଛି ଯେ, ରାମାୟଣରେ ବବି ସାମିଲ ନାହାନ୍ତି । ଅନ୍ୟପଟେ ଏହି ସିନେମାର ପ୍ରଥମ ଭାଗ ୨୦୨୬ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳି ଅବସରରେ ମୁକ୍ତିଲାଭ କରିବ ।

## ଜୁଲାଇ ୧୧ରେ 'ଆଇ ଆମ୍ କାଳିଆ'



ଜୁଲାଇ ୪ ତାରିଖରେ ପ୍ରେକ୍ଷାଳୟକୁ ଆସିଥାନ୍ତା ନୂଆ ଓଡ଼ିଆ ସିନେମା 'ଆଇ ଆମ୍ କାଳିଆ' । ତେବେ ଏହା ଜୁଲାଇ ୧୧ ତାରିଖରେ ମୁକ୍ତିଲାଭ କରିବ । ବନ୍ୟା ଓ ବର୍ଷା ଯୋଗୁଁ ସିନେମା ରିଲିଜ୍ ତାରିଖ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି । ସିନେମାଟି ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସମର୍ପିତ । ପ୍ରେମ ବୈରାଗ୍ୟକୁ ନେଇ ଏହାର କାହାଣୀ ଗତିଶୀଳ । ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ହରିହର ମହାପାତ୍ର । ସିନେମାର ଅନ୍ୟାନ୍ୟ ଭୂମିକାରେ ଅଛନ୍ତି ଋଷିଆର ଥିଏଟର ଅଭିନେତ୍ରୀ ଅନିୟା, ପୁଷ୍ପା ପଣ୍ଡା, କୁନା ତ୍ରିପାଠୀ, ସାତ୍ୱିକ ମିଶ୍ର ପ୍ରମୁଖ । ସୁବାସ ସାହୁ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ନିଜେ ହରିହର ଅଛନ୍ତି । ଏହାର କାହାଣୀ ମୋନାଲିସା ମହାପାତ୍ର ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ବୈଦ୍ୟନାଥ ଦାସ ଅଛନ୍ତି । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା, ପ୍ରଜ୍ଞା, ଶ୍ରୀଚରଣ, ସୁକାନ୍ତ, ସଞ୍ଜୁ । ଶ୍ରୀକ୍ଷେତ୍ର ପୁରୀରେ ସିନେମାଟି ସୁଟିଂ ହୋଇଛି । ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିବା ଆଶା କରାଯାଉଛି ।

## "ଶିଖିବା ମନୋବୃତ୍ତି ଅଭିନୟକୁ ମାର୍ଜିତ କରେ"



**ସତ୍ୟଜିତ ବେହେରା, ଅଭିନେତା**

ସାମାଜିକ ଗଣମାଧ୍ୟମ ଏବେ ମନୋରଞ୍ଜନର ମାଧ୍ୟମ ପାଲଟିଛି । ଇନ୍‌ଷ୍ଟାଗ୍ରାମ୍‌ଠାରୁ ଆରମ୍ଭ କରି ଫେସ୍‌ବୁକ୍ ଯାଏ ସବୁଠି ଏବେ ରିଲ୍ସ ମାୟା । କିଏ ନୃତ୍ୟ କରି ତ ଆଉ କିଏ ରୋଷେଇ କରିବା ଭିଡ଼ିଓ ସେୟାର୍ କରୁଛି । ଆଉ କିଏ ମଡେଲିଂ ତଥା ପ୍ରେରଣାତ୍ମକ ଭିଡିଓ ସେୟାର୍ କରି ରାତାରାତି ତାରକା ପାଲଟି ଯାଉଛନ୍ତି । ଏଥିରୁ ବାଦ୍ ପଡ଼ିନଥିଲେ ଭଦ୍ରକ ଜିଲ୍ଲା ଯାମୋଯୋଡ଼ି ପଞ୍ଚାୟତ ଅନ୍ତର୍ଗତ ସପନିବିନ୍ଧା ଗ୍ରାମର ସତ୍ୟଜିତ୍ ବେହେରା । ଇନ୍‌ଷ୍ଟାଗ୍ରାମ୍‌ରେ ମନୋରଞ୍ଜନଭିତ୍ତିକ ଭିଡିଓ ପ୍ରସ୍ତୁତ କରୁ କରୁ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ଦୁନିଆକୁ । ମ୍ୟୁଜିକ୍ ଭିଡିଓରୁ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ଏହା ପରେ ଅଡିସନ୍ ଦେଇ ସେ ଟେଲି ଫିଲ୍ମ 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ'ରୁ କାମ ଆରମ୍ଭ କରିଥିଲେ । ଏକାଧିକ ମ୍ୟୁଜିକ୍ ଭିଡିଓରେ କାମ କରିଥିବା ସତ୍ୟଜିତ ଏବେ 'ଅତୁଟ ବନ୍ଧନ' ଧାରାବାହିକରେ ମୁଖ୍ୟ ଚରିତ୍ରରେ ଘରେ ଘରେ ପରିଚିତ । ତେବେ ତାଙ୍କର ଅଭିନୟ ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ ।

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ ?**

- ପିଲାଦିନରୁ ଅଭିନେତା ହେବା ସ୍ୱପ୍ନ ଥିଲା । ବାପା ମା'ଙ୍କ ସହ ମୁଁ ଦିଲ୍ଲୀରେ ରହୁଥିଲି, ପାଠ ପଢ଼ା ବି ସେଠି । ତେବେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଭିଡିଓ ସେୟାର୍ କରୁଥିଲି । ଦର୍ଶକଙ୍କ ପ୍ରଶଂସା ମୋତେ ଏ ଲାଇନ୍‌କୁ ଟାଣି ଆଣିଥିଲା । ପ୍ରଥମେ ମ୍ୟୁଜିକ୍ ଭିଡିଓ ଆଉ ପରେ 'ତରଙ୍ଗ' ଚ୍ୟାନେଲରୁ 'ମୋ ଜେଜେଙ୍କ ଲଭ ଷ୍ଟୋରୀ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଲା । ଏଥିପାଇଁ ଅଡିସନ୍ ଦେଇ ମନୋନୀତ ହୋଇଥିଲି । ବାପା ଶରତ କୁମାର ବେହେରା ଏବଂ ମା' ଚମ୍ପାମଣି ବେହେରାଙ୍କ ପ୍ରେରଣା ଓ ସହଯୋଗରେ ମୁଁ କ୍ୟାରିୟରରେ ଆଗକୁ ବଢ଼ୁଛି । 'ପ୍ରେମ ହୁଏ ଆଖି ଆଖିରେ', 'ରିଙ୍ଗା ରିଙ୍ଗା ରୋଜ୍' ଆଦି ୬ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛି । 'ଅତୁଟ ବନ୍ଧନ' ମୋର ପ୍ରଥମ ଧାରାବାହିକ । ଏଥିରେ ମୁଁ ନାୟକ ଭୂମିକାରେ ଦର୍ଶକଙ୍କ ପ୍ରଶଂସା ପାଇଛି ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ପ୍ରଥମ ମ୍ୟୁଜିକ୍ ଭିଡ଼ିଓ ପାଇଁ ମୁଁ ପାରିଶ୍ରମିକ ନେଇ ନ ଥିଲି । ପରେ ଟେଲିଫିଲ୍ମ ପାଇଁ ବି ସ୍ୱଳ୍ପ ପାରିଶ୍ରମିକ ନେଇଥିଲି । ବାପା ମା'ଙ୍କୁ ଛୋଟ ଉପହାର ଦେଇଥିଲି ।

**"ଅତୁଟ ବନ୍ଧନ" ବିଷୟରେ କ'ଣ କହିବେ?**

- ମୋର ପତ୍ନୀ ତ୍ରିଷ୍ଟାଙ୍କୁ ଖଳନାୟକ ନେଇ ଏବେ ପାଖରେ ରଖିଛନ୍ତି । ତ୍ରିଷ୍ଟା ସବୁ ପଛକଥାକୁ ଭୁଲି ଯାଇଛି । ମୁଁ ମୋର ସ୍ତ୍ରୀର ପୂର୍ବକଥାକୁ ମନେ ପକାଇ ପୁଣି ମୋ ଘରକୁ ଫେରାଇ ଆଣିବାକୁ ଯୋଜନା କରୁଛି । ହେଲେ ଏହାକୁ ମୋ' ଘର ଲୋକ କି ତ୍ରିଷ୍ଟାର ଭାଇ ବିଶ୍ୱାସ କରିପାରୁନାହାନ୍ତି । କାରଣ ସେମାନଙ୍କୁ ଲାଗୁଛି ତ୍ରିଷ୍ଟା ଆଉ ଏ ଦୁନିଆରେ ନାହିଁ । ଆଗକୁ ଦର୍ଶକ ଏହି ଧାରାବାହିକରେ ଆହୁରି ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ଅଭୁଲା ମୁହୂର୍ତ୍ତ?**

- ଟେଲି ଫିଲ୍ମ କି ଧାରାବାହିକ ସୁଟିଂ ସେଟ୍‌ର ପ୍ରଥମ ଦିନରେ ମୁଁ ଡରିଥିଲି । ହେଲେ ବରିଷ୍ଠ କଳାକାରମାନେ ଯେଉଁପରି ମୋତେ ସାହସ ଦେଇଥିଲେ ତାହାକୁ ମୁଁ କେବେ ବି ଭୁଲି ପାରିବିନି । ଆଉ ଗୋଟେ କଥା, ଓଡ଼ିଶା ପାଣି ପବନରେ ବଢ଼ିଲେ ବି ଦିଲ୍ଲୀରେ ରହିବା ହେତୁ ମୁଁ ଓଡ଼ିଆ ବହୁତ ଶୀଘ୍ର କହିପାରୁନଥିଲି । ହେଲେ ଧୀରେ ଧୀରେ ଅଭିନୟ ଦ୍ୱାରା ମୋର ଏହି ଅଭ୍ୟାସ ବି ବଦଳାଇ ଦେଇଥିଲି । ସବୁବେଳେ ମୁଁ ଗୋଟେ କଥାକୁ ବିଶ୍ୱାସ କରେ ଯେ ଶିଖିବା ମନୋବୃତ୍ତି ରହିଲେ ଅଭିନୟ ମାର୍ଜିତ ହୁଏ ।



**ସୁଟିଂ ନ ଥିଲେ କ'ଣ କରନ୍ତି?**


- ନିଜ ଅଭିନୟ ଆହୁରି ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ କରିବା ପାଇଁ ବହୁ ଭାଷାଭାଷୀର ଚଳଚ୍ଚିତ୍ର ଦେଖିଥାଏ । ମୋର ନିଜ ଅଭିନୟକୁ ଦେଖି କେଉଁଠି ଭୁଲ୍ ରହିଲା କେମିତି ତାକୁ ସଜାଡ଼ି ହେବ ଗୁରୁତ୍ୱ ଦିଏ । ଭୁଲ୍ ହେଲେ ଦୁଃଖ ଲାଗେ , ଏହା ଆହୁରି ଭଲ ହୋଇ ପାରିଥାନ୍ତା ବୋଲି ଭାବେ । ଏହି ମନୋବୃତ୍ତି ପ୍ରତ୍ୟେକ କଳାକାରଙ୍କର ରହିବା ଦରକାର ।

**ଆଗାମୀ ଯୋଜନା ?**

ବଡ଼ ପ୍ରୋଜେକ୍ଟରେ କାମ କରିବାର ଯୋଜନା ରହିଛି । ଯେହେତୁ ଦିଲ୍ଲୀରେ ରହି ଆସିଛି । ମୋତେ ବଲିଉଡ୍‌ରେ କାମ କରିବାର ଇଚ୍ଛା ଅଛି । ଓଡ଼ିଶା ମୋର ଜନ୍ମ ଭୂମି । ଏଠି କାମ କରିବା ସହଜ ହେଉଛି । ତେଣୁ ଏହି ପ୍ଲାଟ୍‌ଫର୍ମରେ କାମ ଶିଖି ବଲିଉଡ୍‌ରେ କାମ କରିବି । ଅଭିନୟ କରୁଥିବା ଯାଏଁ ବଲିଉଡ୍ ଏବଂ ଓଲିଉଡ୍‌କୁ ନେଇ ଚାଲିବି ।

**ପରଦା ପଛର କାହାଣୀ**

## ସୁଟିଂ ସେଟ୍‌ରେ ଚାଲିଗଲା ଅଭିନେତାଙ୍କ ସ୍ମରଣଶକ୍ତି



ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଅମରୀଶ ପୁରୀ ଜଣେ ପ୍ରତିଷ୍ଠିତ କଳାକାର ଭାବେ ପରିଚିତ । କେବଳ ଅଭିନୟ ନୁହେଁ, ତାଙ୍କ ସଂଳାପ ଉଚ୍ଚାରଣ ଶୈଳୀକୁ ମଧ୍ୟ ଲକ୍ଷ ଲକ୍ଷ ଦର୍ଶକ ପ୍ରଶଂସା କରୁଥିଲେ । ଥରେ ସୁଟିଂ ସମୟରେ ତାଙ୍କର ସ୍ମରଣ ଶକ୍ତି ଚାଲିଯାଇଥିଲା । ତାଙ୍କୁ ଦେଖି ସମସ୍ତେ ସମସ୍ୟାରେ ପଡ଼ି ଯାଇଥିଲେ । ନିକଟରେ ଅଭିନେତ୍ରୀ କାଜୋଲ ଏକ ସାକ୍ଷାତକାରରେ ଏହି ଘଟଣା ପ୍ରକାଶ କରିଛନ୍ତି । ଏହି ସାକ୍ଷାତକାରରେ କାଜୋଲ କହିଥିଲେ , "ଫିଲ୍ମ 'କୁଛ୍ କୁଛ୍ ହୋତା ହୈ'ର ସୁଟିଂ ସମୟରେ ସ୍ୱଳ୍ପ ସମୟ ପାଇଁ ଅମରୀଶ ପୁରୀଙ୍କ ସ୍ମରଣଶକ୍ତି ଚାଲିଯାଇଥିଲା । ଅଜୟ ଦେବଗନଙ୍କ ସହିତ ସେ ଏକ ସଟ୍ ଦେବାର ଥିଲା । ଯେଉଁଥିରେ ସେ ଏକ ଜଳପ୍ରପାତ ତଳ ଦେଇ ଯାଉଥିବାର ଦୃଶ୍ୟ ଥିଲା । ଜଳପ୍ରପାତର ସ୍ରୋତ ବହୁତ ପ୍ରଖର ଥାଏ । ଅଜୟ ମତେ କହିଲେ ସେତେବେଳେ ତାଙ୍କ ମୁଣ୍ଡ ଉପରେ କୌଣସି ଆବରଣ ନ ଥିଲା । ଯେତେବେଳେ ସଟ୍ ଦେଇ ସେ ବାହାରକୁ ଆସିଥିଲେ କୌଣସି କଥା ତାଙ୍କର ମନେ ନ ଥିଲା । ମୁଁ କିଏ ? କ'ଣ କରୁଛି ? ବୋଲି ଅମରୀଶ ପୁରୀ ବାରମ୍ବାର ପ୍ରଶ୍ନ କରୁଥିଲେ । ଏହା ଦେଖି ସେଟ୍‌ରେ ଥିବା ସମସ୍ତ କଳାକାର ତାଙ୍କୁ ନେଇ ଚିନ୍ତିତ ହୋଇପଡ଼ିଥିଲେ। ପାଖାପାଖି ତିନି ଘଣ୍ଟା ପରେ ତାଙ୍କ ସ୍ମରଣଶକ୍ତି ଫେରିଥିଲା ।" ଏହି କାହାଣୀ ଶୁଣିବାକୁ କୌତୁକିଆ ଲାଗିଲେ ମଧ୍ୟ ସେ ସମୟରେ ଏହା ସଭିଙ୍କ ପାଇଁ ଚିନ୍ତାଜନକ ଥିଲା । ଅମରୀଶ ପୁରୀ ଓ ଅଜୟ ଦେବଗନ ଏକାଠି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି । ସେଥିମଧ୍ୟରୁ 'ଟାର୍ଜନ୍ ଦି ୱାଣ୍ଡର କାର', 'ଫୁଲ୍ ଅର୍ କାଣ୍ଟେ', 'ହଲ୍‌ଚଲ୍' ଆଦି ଫିଲ୍ମ ଅନ୍ୟତମ । ଅଜୟଙ୍କୁ ଅମରୀଶ ପୁରୀ ଖୁବ୍ ପସନ୍ଦ କରୁଥିଲେ । ଅମରୀଶ ପୁରୀ ୧୯୮୦-୯୦ ଦଶକ ମଧ୍ୟରେ ଖଳନାୟକ ଚରିତ୍ର ପାଇଁ ଖୁବ୍ ପ୍ରସିଦ୍ଧ ଥିଲେ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

# ଆଜିଠୁ ଲର୍ଡ୍ସ ଲଢ଼େଇ

**ଲର୍ଡ୍ସ, ୯ ।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ୩ୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଏହି ଗୁରୁତ୍ୱପୂର୍ଣ୍ଣ ୩ୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୫ ୱିକେଟ୍‌ରେ ଜିତିଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଜ୍‌ବାଷ୍ଟନରେ ଖେଳାଯାଇଥିବା ୨ୟ ଟେଷ୍ଟକୁ ୩୩୬ ରନର ବୃହତ୍ ବ୍ୟବଧାନରେ ଜିତି ଭାରତ ଇତିହାସ ସୃଷ୍ଟି କରିଥିଲା। ସିରିଜ ଏବେ ୧-୧ରେ ବରାବର୍ ସ୍ଥିତିରେ ରହିଛି। ତେଣୁ ଏବେ ଉଭୟ ଦଳର ନଜର ଲର୍ଡ୍ସ ଲଢ଼େଇ ଉପରେ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ଏହି ୩ୟ ମୁକାବିଲାକୁ ଜିତି ଉଭୟ ଦଳ ସିରିଜରେ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ଏଠାରେ ଆଉ ଏକ ରୋମାଞ୍ଚକ ଲଢ଼େଇ ଦେଖିବାକୁ ମିଳିବ ବୋଲି କ୍ରିକେଟ୍ ପଣ୍ଡିତ ଆକଳନ କରିଛନ୍ତି।



ଏହି ଟେଷ୍ଟ ସିରିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ବ୍ୟାଟର୍‌ଙ୍କ ବେଶ୍ ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରଥମ ଟେଷ୍ଟରେ ୭ଟି ଶତକ ଦେଖିବାକୁ ମିଳିଥିବାବେଳେ ଦୁଇ ଦଳର ମୋଟ୍ ସ୍କୋର ୧୬୭୩ ରନ ହୋଇଥିଲା। ସେହିଭଳି ଦ୍ୱିତୀୟ ଟେଷ୍ଟରେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଦେଖିବାକୁ ମିଳିଥିଲା। ଏଜବାଷ୍ଟନ ଟେଷ୍ଟରେ ଉଭୟ ଦଳର ସ୍କୋର ମିଶି ୧୬୯୨ ରନ ଥିଲା। ଫଳରେ ଦୁଇଟି ଟେଷ୍ଟରେ ରେକର୍ଡ ୩୩୬୫ ରନ ହୋଇଛି। ପ୍ରଥମ ଦୁଇ ଟେଷ୍ଟର ପିଚ୍‌କୁ ନେଇ ସମାଲୋଚନାର ଶିକାର ହେବା ପରେ ଏଥର ଆୟୋଜକ ଇଂଲଣ୍ଡ ଲର୍ଡ୍ସରେ ସମ୍ପୂର୍ଣ୍ଣ ଦ୍ରୁତ ବୋଲିଂକୁ ସହାୟତା କରୁଥିବା ୱିକେଟ୍ ପ୍ରସ୍ତୁତ କରିଛି। ଫଳରେ ଇଂଲଣ୍ଡର ପାରମ୍ପରିକ ଫାଷ୍ଟ ବୋଲିଂ ଫ୍ରେଣ୍ଡଲୀ ୱିକେଟ୍ ଚଳିତ ସିରିଜରେ ପ୍ରଥମଥର ଦେଖିବାକୁ ମିଳିବ। ଏଭଳି କ୍ଷେତ୍ରରେ ଦୁଇ ଦଳର ଦ୍ରୁତ ବୋଲରଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ ବୋଲି ଅନୁମାନ କରାଯାଉଛି। ଉଭୟ ଦଳ ମଧ୍ୟ ସେମାନଙ୍କ ପ୍ରମୁଖ ବୋଲିଂ ଅସ୍ତ୍ର ଯଥାକ୍ରମେ ଯଶପ୍ରୀତ୍ ବୁମ୍‌ରା ଓ ଜୋଫ୍ରା ଆର୍ଚରଙ୍କୁ ଏହି ଟେଷ୍ଟ ଲାଗି ଦଳରେ ସାମିଲ କରିଛନ୍ତି। ଆର୍ଚର ୪ ବର୍ଷର ବ୍ୟବଧାନ ପରେ ଟେଷ୍ଟ ଫର୍ମାଟ୍‌କୁ ଫେରିଛନ୍ତି। ତାଙ୍କର ଦ୍ରୁତ ବୋଲିଂ ସହ ବାଉନ୍ସ ଭାରତୀୟ ବ୍ୟାଟର୍‌ଙ୍କ ପାଇଁ ନିଶ୍ଚୟ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଅପରପକ୍ଷରେ ୨ୟ ଟେଷ୍ଟରେ ବିଶ୍ରାମ ଦେଇଥିବା ବୁମ୍‌ର ଏହି ଟେଷ୍ଟରେ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ବୁମ୍‌ରାଙ୍କ ସମେତ ଏଜ୍‌ବାଷ୍ଟନ ହିରୋ ଆକାଶଦୀପ୍, ମହମ୍ମଦ ସିରାଜ ପେସ୍ ବୋଲିଂ ସମ୍ଭାଳିବେ। ଦୁଇ ସ୍ପିନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇବା ନେଇ ଯୋଜନା କରୁଛି। ଏଜ୍‌ବାଷ୍ଟନରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିଥିବା ଅଧିନାୟକ ଗିଲ୍‌ଙ୍କ ଉପରେ ସମ୍ପୂର୍ଣ୍ଣ ବ୍ୟାଟିଂ ଭାର ନ୍ୟସ୍ତ ରହିବ। ତାଙ୍କୁ ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟର, ଋଷଭ ପନ୍ତ ପ୍ରମୁଖ ସହାୟତା କରିବେ।

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ୯୭ ବର୍ଷ ମଧ୍ୟରେ ୧୯ ଟେଷ୍ଟ ଇଂଲଣ୍ଡ ସହ ଖେଳି ୩ ବିଜୟ ଓ ୧୨ ପରାଜୟବରଣ କରିଛି। ୨୦୨୧ରେ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ସ୍ମରଣୀୟ ବିଜୟ ହାସଲ କରିଥିଲା। ୪ ବର୍ଷ ପରେ ଗିଲ୍ ସେନା ଏହି ସଫଳତା ଦୋହରାଇପାରୁଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

**ମ୍ୟାଚ୍ ଆରମ୍ଭ**
**ଅପରାହ୍ଣ ୩:୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ:** ଜାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ୍‌କିପର), ଜୋଫ୍ରା ଆର୍ଚର, ସୋଏବ ବସିର, ବ୍ରାୟଡନ କ୍ରାସ, କ୍ରିସ୍ ୱକ୍ସ।

**ସମ୍ଭାବ୍ୟ ଭାରତୀୟ ଦଳ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟ୍‌କିପର), ରବୀନ୍ଦ୍ର ଜାଡେଜା, ନୀତୀଶ ରେଡ୍ଡୀ, ୱାଶିଯଠନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍ ଓ ମହମ୍ମଦ ସିରାଜ।

## ବ୍ରାଡ୍‌ମ୍ୟାନଙ୍କ ୮୮ ବର୍ଷର ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍

**ଲର୍ଡ୍ସ, ୯ ।୭ (ଏଜେନ୍ସି):** ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଚମତ୍କାର ଫର୍ମରେ ରହିଛନ୍ତି। ଅଦ୍ୟାବଧି ସେ ୨ଟି ଟେଷ୍ଟରେ ୧୪୬.୨୫ ହାରରେ ୫୮୫ ରନ ସଂଗ୍ରହ କରିଛନ୍ତି। ହେଡିଂଲୀରେ ସେ ୧୪୭ ରନର ଶତକୀୟ ପାଳି ଖେଳିଥିଲେ। ଏହାପରେ ଏଜ୍‌ବାଷ୍ଟନରେ ୨୬୯ ଓ ୧୬୧ ରନର ପାଳି ଖେଳି ଦଳକୁ ଐତିହାସିକ ବିଜୟ ଭେଟି ଦେଇଥିଲେ। ଏବେ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାର ବିଶ୍ୱରେକର୍ଡ ସୁଯୋଗ ଗିଲ୍‌ଙ୍କ ନିକଟରେ ରହିଛି। ୧୯୩୬-୩୭ ଆସେସ୍ ସିରିଜରେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ଅଧିନାୟକ ଥାଇ ୫ଟି ଟେଷ୍ଟରେ ୯୦ ହାରରେ ୮୧୦ ରନ କରିଥିଲେ। ୮୮ ବର୍ଷ ତଳେ ବ୍ରାଡ୍‌ମ୍ୟାନ ପ୍ରତିଷ୍ଠା କରିଥିବା ଏହି ରେକର୍ଡଠାରୁ ଗିଲ୍ ଆଉ ୨୨୫ ରନ ଦୂରରେ ରହିଛନ୍ତି। ତାଙ୍କ ଫର୍ମକୁ ଦେଖିଲେ ଲର୍ଡ୍ସରେ ସେ ଏହା ହାସଲ କରିବାର ସମ୍ଭାବନା ରହିଛି। ସେହିଭଳି ଖେଳାଳି ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ମଧ୍ୟ ବ୍ରାଡ୍‌ମ୍ୟାନଙ୍କ ନାମରେ ରହିଛି। ୧୯୩୦ ଆସେସ୍ ସିରିଜରେ ସେ ୯୭୪ ରନ କରିଥିଲେ।

## ୪ ବର୍ଷ ପରେ ଖେଳିବେ ଆର୍ଚର



ତୃତୀୟ ଟେଷ୍ଟ ଆରମ୍ଭ ହେବାର ଦିନକ ପୂର୍ବରୁ ଇଂଲଣ୍ଡ ଏହାର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ଖେଳିଥିବା ଇଂଲଣ୍ଡ ଦଳରୁ ଏକମାତ୍ର ଖେଳାଳି ଭାବେ ଦ୍ରୁତ ବୋଲର୍ ଜୋଶ୍ ଟଙ୍ଗ୍‌ଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅଭିଜ୍ଞ ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଟଙ୍ଗ୍ ଚଳିତ ସିରିଜରେ ୧୧ ୱିକେଟ୍ ନେଇ ସବୁଠୁ ସଫଳ ବୋଲର୍ ରହିଥିଲେ। ତାଙ୍କୁ ବାଦ୍ ଦେଇ ଟିମ୍ ମ୍ୟାନେଜମେଣ୍ଟ ଏକ ବଡ଼ ରିସ୍କ ଉଠାଇଛି। ଅପରପକ୍ଷରେ ଆର୍ଚର ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ରେଡ୍ ବଲ୍ କ୍ରିକେଟ୍‌କୁ ଫେରିଛନ୍ତି। ଶେଷଥର ଲାଗି ସେ ୨୦୨୧ରେ ସମାନ ଭାରତୀୟ ଦଳ ବିପକ୍ଷରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୨୦୧୯ରେ ଏହି ଗ୍ରାଉଣ୍ଡରେ ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ୩୦ ବର୍ଷୀୟ ଆର୍ଚର କ୍ୟାରିୟରର ଅଧିକାଂଶ ସମୟ ଆଘାତଜନିତ ସମସ୍ୟା ଦେଇ ଗତି କରିଛନ୍ତି। ଫଳରେ ସେ ୬ ବର୍ଷ ମଧ୍ୟରେ ମାତ୍ର ୧୩ଟି ଟେଷ୍ଟ ଖେଳି ୪୨ ୱିକେଟ୍ ନେଇଛନ୍ତି। ଆର୍ଚରଙ୍କ ସାମିଲ ଫଳରେ ଇଂଲଣ୍ଡ ଦଳ ଲର୍ଡ୍ସର ଏହି ଫାଷ୍ଟ ପିଚ୍‌ରେ ଆହୁରି ଶକ୍ତିଶାଳୀ ମନେ ହେଉଛି। ଦଳରେ କ୍ରିସ୍ ୱକ୍ସ, ବ୍ରାୟଡନ କ୍ରାସ୍ ଓ ବେନ୍ ଷ୍ଟୋକ୍ସଙ୍କ ଭାବେ ୩ଜଣ ଅଭିଜ୍ଞ ଦ୍ରୁତ ବୋଲର ରହିଛନ୍ତି।

## ଡାଏମଣ୍ଡ ଲିଗ୍‌ରେ ଭାଗନେବାରେ ଅନିମେଶ ଦେଶର ପ୍ରଥମ ସ୍ପ୍ରିଣ୍ଟର

**ଭୁବନେଶ୍ୱର, ୯ ।୭ (ସମିସ):** ଦେଶର ଦ୍ରୁତତମ ଧାବକ ତଥା ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏକ ବଡ଼ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଦେଶର ପ୍ରଥମ ସ୍ପ୍ରିଣ୍ଟର ଭାବେ ସେ ସମ୍ମାନଜନକ ଡାଏମଣ୍ଡ ଲିଗ୍‌ରେ ଦୌଡ଼ିବାର ସୁଯୋଗ ପାଇଛନ୍ତି। ଗୁରୁବାର ଫ୍ରାନ୍ସର ମୋନାକଠାରେ 'ମୋନାକ ଡାଏମଣ୍ଡ ଲିଗ୍' ଅନୁଷ୍ଠିତ ହେବ। ଏଥିରେ ଅନିମେଶ ୨୦୦ ମିଟର ରେସ୍‌ରେ ଭାଗନେବେ। ୱାର୍ଲ୍ଡ ଆଥ୍‌ଲେଟିକ ପକ୍ଷରୁ ବୁଧବାର ମୋନାକ ଡାଏମଣ୍ଡ ଲିଗର ୨୩ ବର୍ଷରୁ କମ୍ ୨୦୦ ମିଟର ରେସ୍ ଲାଗି ଅଫିସିଆଲ୍ ଲାଇନଅପ୍ ଘୋଷଣା କରାଯାଇଥିବାବେଳେ ଏଥିରେ ଅନିମେଶଙ୍କ ନାମ ରହିଛି। ଫଳରେ ବିଶ୍ୱସ୍ତରରେ ନିଜକୁ ପ୍ରତିଷ୍ଠା କରିବା ଲାଗି ଅନିମେଶଙ୍କ ଲାଗି ଏହା ଏକ ବଡ଼ ସୁଯୋଗ ହେବ। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଆଥ୍‌ଲେଟିକ୍ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କ ନାମରେ ଦେଶର ଉଭୟ ୧୦୦ ଓ ୨୦୦ ମିଟର ରେସ୍‌ର ଜାତୀୟ ରେକର୍ଡ ରହିଛି। ଦୁଇ ଦିନ ତଳେ ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଫିନିଶ କରି ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ସେହିଭଳି ୨୦୦ ମିଟରକୁ ସେ ୨୦.୩୨ ସେକେଣ୍ଡରେ ଫିନିଶ କରିଥିଲେ।



## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ସ୍ନେହା




**ଭୁବନେଶ୍ୱର, ୯ ।୭ (ସମିସ):** ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ (ସିଡବ୍ଲ୍ୟୁସି)ର ପରବର୍ତ୍ତୀ ସଂସ୍କରଣ ଅଗଷ୍ଟ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ଭାରତୀୟ ପୁରୁଷ ଓ ମହିଳା ଭାରୋତ୍ତୋଳନ ଦଳ ଘୋଷଣା କରାଯାଇଛି। ମହିଳାରେ ଓଡ଼ିଶାର ଉଦୀୟମାନ ଭାରୋତ୍ତୋଳିକା ସ୍ନେହା ସୋରେନଙ୍କୁ ସୁଯୋଗ ମିଳିଛି। ସ୍ନେହା ୫୩ କିଗ୍ରା ବିଭାଗରେ ପ୍ରତିନିଧିତ୍ୱ କରିବେ। ସେହିଭଳି ଆଉ ଜଣେ ଓଡ଼ିଆ ରୀମା ଭୋଇଙ୍କୁ ମଧ୍ୟ ରିଜର୍ଭ ଖେଳାଳି ଭାବେ ୫୮ କିଗ୍ରାରେ ନିଆଯାଇଛି। ଆସନ୍ତାବର୍ଷ ଗ୍ଲାସଗୋରେ ସମ୍ମାନଜନକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଖେଳାଯିବାକୁ ଥିବାବେଳେ ଏହା ଏକ ଯୋଗ୍ୟତା ଅର୍ଜନକାରୀ ପ୍ରତିଯୋଗିତା ହେବ।

## ଅବସରର ଗୁମର ଖୋଲିଲେ କୋହଲି

**ଲଣ୍ଡନ, ୯ ।୭ (ଏଜେନ୍ସି):** ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଟେଷ୍ଟରୁ ଅବସର ନେବା ସଂକ୍ରାନ୍ତରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ବୟସ ବୃଦ୍ଧି ପାଉଥିବାରୁ ଟେଷ୍ଟରୁ ଅବସର ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ଲଣ୍ଡନରେ ଆୟୋଜିତ ଚ୍ୟାରିଟି ଇଭେଣ୍ଟରେ ଏକ ପ୍ରଶ୍ନର ଉତ୍ତର ଦେଇ କୋହଲି ଏହା କହିଛନ୍ତି। ଦୁଇଦିନ ତଳେ ଦାଢ଼ି ରଙ୍ଗ କରିଥିଲି। କିନ୍ତୁ ରଙ୍ଗ ଛାଡ଼ିଗଲାଣି। ପ୍ରତି ୪ ଦିନରେ ଥରେ ଦାଢ଼ି ରଙ୍ଗ କରିବାକୁ ପଡୁଛି। ଏଥିରୁ ଅବସର ନେବାର ସମୟ ହୋଇସାରିଥିବା ନିଶ୍ଚିତ ହୋଇଥିଲି ବୋଲି ସେ କହିଥିଲେ। ପୂର୍ବତନ କ୍ରିକେଟର ଯୁବରାଜ ସିଂହଙ୍କ କ୍ୟାନ୍ସର ଏନ୍‌ଜିଓ 'ୟୁୱିକାନ ୱିନ୍ ଫାଉଣ୍ଡେସନ' ପାଇଁ ପାଣ୍ଠି ଯୋଗାଡ଼ କରିବାକୁ ଲଣ୍ଡନରେ ଏକ ଡିନର ପାର୍ଟି ରଖାଯାଇଥିଲା। ଏହି ଅବସରରେ କୋହଲି ତାଙ୍କ ଜାଜ୍ଜ୍ୱଲ୍ୟମାନ କ୍ୟାରିଅର ସମ୍ପର୍କରେ ଅନେକ କଥା କହିଥିଲେ। ଏଥିରେ ଭାରତୀୟ ଟେଷ୍ଟ ଦଳ, ସଚିନ ତେନ୍ଦୁଲକର, କ୍ରିସ ଗେଲ୍, କେଭିନ ପିଟରସନ, ବ୍ରାଏନ ଲାରାଙ୍କ ଭଳି କ୍ରିକେଟର ଯୋଗ ଦେଇଥିଲେ।

## ସେମିରେ ସ୍ୱିଆଟେକ୍, ସିନ୍ନର୍

**ଲଣ୍ଡନ, ୯ ।୭ (ଏଜେନ୍ସି):** ପାଞ୍ଚଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ କ୍ୟାରିୟରରେ ପ୍ରଥମଥର ଲାଗି ୱିମ୍ବଲଡନ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନରେ ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ୮ମ ସିଡ୍ ସ୍ୱିଆଟେକ ୬-୨, ୭-୫ ସିଧାସଳଖ ସେଟ୍‌ରେ ୧୯ତମ ସିଡ୍ ରୁଷିଆର ଲିଉଧମିଲା ସାମସୋନୋଭାଙ୍କୁ ପରାସ୍ତ କରି ଅଗ୍ରଗତି କରିଥିଲେ। ସ୍ୱିଆଟେକ ତାଙ୍କ କ୍ୟାରିୟରରେ ୫ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୪ଥର ଫ୍ରେଞ୍ଚ ଓପନ୍ ଓ ଗୋଟିଏ ୟୁଏସ୍ ଓପନ୍ ଟ୍ରଫି ଜିତିଛନ୍ତି। ସେହିଭଳି ଅଷ୍ଟ୍ରେଲିଆନ୍ ଓପନ୍‌ରେ ସେ ଦୁଇଥର ସେମିଫାଇନାଲ ଖେଳିଥିଲେ। କିନ୍ତୁ ୱିମ୍ବଲଡନରେ କେବେ ମଧ୍ୟ ଅନ୍ତିମ-୪ରେ ପହଞ୍ଚି ନ ଥିଲେ। ଅନ୍ୟ ଏକ କ୍ୱାର୍ଟରରେ ବେଲିଣ୍ଡା ବେନିକ ୭-୬ (୩), ୭-୬(୨) ସେଟ୍‌ରେ ରୁଷିଆର ୭ମ ସିଡ୍ ମିରା ଆନ୍ଦ୍ରିଭାଙ୍କୁ ହରାଇ ପ୍ରଥମଥର ସେମିରେ ପହଞ୍ଚିଛନ୍ତି। ୧୯୯୮ ପରେ ସୁଇଜରଲାଣ୍ଡର ପ୍ରଥମ ମହିଳା ଖେଳାଳି ଭାବେ ସେ ୱିମ୍ବଲଡନ ସେମିଫାଇନାଲ ଖେଳିବେ। ସ୍ୱିଆଟେକ ଓ ବେଲିଣ୍ଡାଙ୍କ ମଧ୍ୟରେ ଗୁରୁବାର ସେମିଫାଇନାଲ ଖେଳାଯିବ। ଅପରପକ୍ଷରେ ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସିନ୍ନର ୭-୬ (୭/୨), ୬-୪, ୬-୪ ସେଟ୍‌ରେ ଆମେରିକାର ବେନ୍ ସେଲଟନଙ୍କୁ ହରାଇଥିଲେ। ସେହିଭଳି ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଓ ଇଟାଲୀର ଫାବିଓ କୋବୋଲିଙ୍କ ମଧ୍ୟରେ କ୍ୱାର୍ଟର ଲଢ଼େଇ ଜାରି ରହିଛି।



ୱିମ୍ବଲଡନ

## ■ ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍

## ନୂଆଗାଁ ଏଚ୍‌ଟିସିର ବଡ଼ ବିଜୟ

**ଭୁବନେଶ୍ୱର, ୯ ।୭ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟର ଦ୍ୱିତୀୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବରେ ଉଭୟ ବାଳକ ଓ ବାଳିକରେ ୪ଟି ଲେଖାଏ ମ୍ୟାଚ୍ ଖେଳାଯାଇଥିଲା। ବାଳକରେ ନୂଆଗାଁ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୦-୦ ଗୋଲ୍‌ର ବଡ଼ ବ୍ୟବଧାନରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ରାଜଗାଙ୍ଗପୁର ଏଚ୍‌ଟିସି ୩-୧ ଗୋଲରେ କୁତ୍ରାକୁ, ସଉନାମୁରା ୬-୩ ଗୋଲରେ ସବଡେଗାକୁ, କୌରମୁଣ୍ଡା ୫-୧ ଗୋଲରେ କରଡ଼ାପାଲକୁ ପରାସ୍ତ କରିଛି। ଅପରପକ୍ଷରେ ବାଳିକା ବର୍ଗରେ କୁତ୍ରା ଏଚ୍‌ଟିସି ୫-୦ ଗୋଲରେ ସଉନାମୁରାକୁ, ବମ୍ରା ଏଚ୍‌ଟିସି ୩-୧ରେ ଯାଜପୁରକୁ, ବଡ଼ଗାଁ ୪-୧ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ଲାଠିକଟା ଓ ଗୁରୁଣ୍ଡିଆ ଏଚ୍‌ଟିସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଛି। ଉଲ୍ଲେଖଯୋଗ୍ୟ ରାଜ୍ୟର ଶ୍ରେଷ୍ଠ ୮ଟି ହକି ଟ୍ରେନିଂ ସେଣ୍ଟରକୁ ନେଇ ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍‌ର ଫାଇନାଲ ପର୍ଯ୍ୟାୟ ଖେଳାଯାଉଛି।

## ମେଣ୍ଡିସ୍‌ଙ୍କ ଶତକରେ ଶ୍ରୀଲଙ୍କା ସିରିଜ ବିଜୟୀ

**ପାଲେକେଲେ, ୯ ।୭ (ଏଜେନ୍ସି):** ୱିକେଟ୍‌କିପର କୁଶଲ ମେଣ୍ଡିସଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଏକଦିବସୀୟ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୯୯ ରନରେ ଜିତିନେଇଛି। ଏଥିସହ ଶ୍ରୀଲଙ୍କା ତିନି ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭୭ ରନରେ ଓ ୨ୟ ମ୍ୟାଚକୁ ବାଂଲାଦେଶ ୧୬ ରନରେ ଜିତି ବରାବର୍ କରିଥିଲା। ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଗୁରୁବାରଠାରୁ ଆରମ୍ଭ ହେବ।

ତୃତୀୟ ଏକଦିବସୀୟ ମୁକାବିଲାରେ ଶ୍ରୀଲଙ୍କା ଅଧିନାୟକ ଚାରିଥ ଆସଲଙ୍କା ଟସ୍ ଜିତି ବ୍ୟାଟିଂ ନେଇଥିଲେ। ବ୍ୟାଟିଂକ୍ରମର ତୃତୀୟ ସ୍ଥାନରେ ଆସିଥିବା କୁଶଲ ମେଣ୍ଡିସ ଏହି ଫର୍ମାଟ୍‌ରେ ୬ଷ୍ଠ ଶତକ ହାସଲ କରି ୧୨୪ ରନର ଶତକୀୟ ପାଳି ଖେଳିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଆସଲଙ୍କା ୫୮, ପାଥୁମ ନିଶାଙ୍କ ୩୫, ୱାନିନ୍ଦୁ ହାସରଙ୍ଗା ୧୮ ରନ କରିବା ଫଳରେ ଘରୋଇ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୫ ରନ କରିଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୩୯.୪ ଓଭରରେ ୧୮୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ତୋହିଦ ହ୍ରିଦୟ ସର୍ବାଧିକ ୫୧, ଅଧିନାୟକ ମେହଦୀ ହାସନ ମିରାଜ ୨୮, ଜାକର ଅଲି ୨୭ ରନ କରିଥିଲେ। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ଅସିଥ୍ ଫର୍ଣ୍ଣାଣ୍ଡୋ ଓ ଦୁସ୍ମନ୍ତ ଚାମିରା ୩ଟି ଲେଖାଏ ୱିକେଟ୍ ନେଇଥିଲେ। କୁଶଲ ଉଭୟ ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସର୍ବଭାରତୀୟ ସିନିଅର ବ୍ୟାଡ୍‌ମିଣ୍ଟନ

## ୧୧୨ ଖେଳାଳିଙ୍କୁ ନେଇ ହେବ ମୁଖ୍ୟ ପର୍ଯ୍ୟାୟ

**ଭୁବନେଶ୍ୱର, ୯ ।୭ (ସମିସ):** ଓଡ଼ିଶାରେ ପ୍ରଥମଥର ଲାଗି ଆୟୋଜିତ ସର୍ବଭାରତୀୟ ସିନିଅର ର୍‌ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ୍' ଓ ପୋଖରୀପୁଟସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ପ୍ରଥମ ଦୁଇ ଦିନରେ ଯୋଗ୍ୟତା ପର୍ଯ୍ୟାୟର ମୋଟ୍ ୧୭୦ଟି ମ୍ୟାଚ୍ ଖେଳାଯାଇସାରିଛି। ପୁରୁଷ ଏବଂ ମହିଳା ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ସହ ମିକ୍ସଡ ଡବଲ୍ସ ମ୍ୟାଚ୍ ଖେଳାଯାଇଛି। ୧୧୨ ଜଣ ଖେଳାଳିଙ୍କୁ ନେଇ ମୁଖ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମୁଖ୍ୟ ଡ୍ର'ର ମ୍ୟାଚ୍‌ଗୁଡ଼ିକ 'ସଟଲ୍'ରେ ଅନୁଷ୍ଠିତ ହେବ। ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୧୫ରେ ଉଦ୍‌ଯାପିତ ହେବ। ଏଥିରେ ସାରାଦେଶରୁ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଜାତୀୟ ଜୁନିଅର୍ ରଗ୍‌ବୀରେ ଓଡ଼ିଶାକୁ ରୌପ୍ୟ

**ଭୁବନେଶ୍ୱର, ୯ ।୭ (ସମିସ):** ଉତ୍ତରାଖଣ୍ଡରେ ଶେଷ ହୋଇଥିବା ଜାତୀୟ ଜୁନିଅର ବାଳିକା ରଗ୍‌ବୀ-୭ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ରନର୍ସଅପ୍ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡ଼ିଶା ୫-୧୪ରେ ବିହାର ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଏଥିପୂର୍ବରୁ ଓଡ଼ିଶା ବାଳିକା ରଗ୍‌ବୀ ଦଳ ସେମିଫାଇନାଲରେ ୩୪-୦ ସ୍କୋରରେ ଏକପାଖିଆ ଭାବେ ମହାରାଷ୍ଟ୍ରକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ସେହିଭଳି କ୍ୱାର୍ଟରରେ ଅନିତା ମୁର୍ମୁଙ୍କ ହ୍ୟାଟ୍ରିକ ବଳରେ ଓଡ଼ିଶା ୩୨-୦ରେ କେରଳକୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାଗ୍ରୁପ୍-ବି'ରେ ସ୍ଥାନ ପାଇଥିବାବେଳେ ଉତ୍ତରାଖଣ୍ଡକୁ ୪୫-୦ରେ ଓ ଆସାମକୁ ୪୫-୦ ସ୍କୋରରେ ହରାଇ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। ରାଜକିଶୋର ମୁର୍ମୁ ଓଡ଼ିଶା ଦଳର ପ୍ରଶିକ୍ଷକ ଓ ରଜନୀ ଶବର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଫିଜିଓ ଭାବେ କୁମ୍‌କୁମ୍ ଦଳ ସହ ଗସ୍ତ କରିଥିଲେ।

**ଓଡ଼ିଶା ଦଳ:** ରଞ୍ଜୁଲତା ନାୟକ, ରାଇମଣି ମୁର୍ମୁ, ମାମାଲି ସିଂ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅନିତା ମୁର୍ମୁ, ବାସି ଓରାମ, ମନିଷା ମାଲହି, ନମିତା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ସୋନାଲି ମାରାଣ୍ଡି, ପାମା ମୁର୍ମୁ।



## ● ୟୁରୋପ ଗସ୍ତ

## ବିଜୟରୁ ଭାରତ-ଏ' ହକି ଦଳର ଅଭିଯାନ ଆରମ୍ଭ

**ଆମଷ୍ଟରଡାମ, ୯ ।୭ (ଏଜେନ୍ସି):** ୟୁରୋପ୍ ଗସ୍ତରେ ଥିବା ଭାରତ-ଏ ପୁରୁଷ ହକି ଦଳ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ନେଦରଲାଣ୍ଡସରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ-ଏ ହକି ଦଳ ୬-୧ ଗୋଲ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ଆଦିତ୍ୟ ଲାଲାଗେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଉତ୍ତମ ସିଂହ, ଓଡ଼ିଶାର ଅମନଦୀପ୍ ଲାକ୍ରା, ସେଲ୍‌ଭମ କାର୍ଥୀ ଓ ବବି ସିଂ ଧାମିଙ୍କ ଷ୍ଟିକରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଆୟର୍ଲାଣ୍ଡ ଦଳ ମାତ୍ର ଗୋଟିଏ ଗୋଲ୍ ଶୁଝିବାରେ ସମର୍ଥ ହୋଇଥିଲା। ଭାରତ-ଏ ପରବର୍ତ୍ତୀ ମ୍ୟାଚରେ ପୁଣିଥରେ ଆୟର୍ଲାଣ୍ଡ ସହ ଖେଳିବ। ସଞ୍ଜୟଙ୍କ ନେତୃତ୍ୱରେ ୟୁରୋପ୍ ଗସ୍ତରେ ଯାଇଥିବା ଭାରତ-ଏ ହକି ଦଳ ଆୟର୍ଲାଣ୍ଡ ସମେତ ଫ୍ରାନ୍ସ, ଇଂଲଣ୍ଡ, ବେଲ୍‌ଜିୟମ ଓ ନେଦରଲାଣ୍ଡସ ବିପକ୍ଷରେ ମୋଟ୍ ୮ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University. 2. Key Responsibilities: • Manage and maintain all IT infrastructure including systems, networks, and broadcast equipment. • Provide technical support to newsroom, production, and editorial teams. • Ensure the smooth operation of broadcasting software, editing systems, and studio setups. • Troubleshoot hardware/software/network issues and ensure minimal downtime. 3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS